



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 148 | ଭାଗ ୩୩ | ସଂଖ୍ୟା ୧୪୮ | Bhubaneswar | Tuesday 19 August 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୧୯ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଉପରାଷ୍ଟ୍ରପତି ନିର୍ବାଚନ

## ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବ ବିଜେଡି!

- ନବୀନଙ୍କ ସହ କଥା ହେଲେ ରାଜନାଥ
- ରାଧାକ୍ରିଷ୍ଣନଙ୍କ ପାଇଁ ଲୋଡ଼ିଲେ ସହଯୋଗ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ ଜଣାଇବା ପାଇଁ ପ୍ରମୁଖ ବିରୋଧୀଙ୍କୁ ଫୋନ୍ କରିଛନ୍ତି ରାଜନାଥ ସିଂହ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ସୋନିଆ ଗାନ୍ଧିଙ୍କଠାରୁ ଆରମ୍ଭ କରି ଡିଏମ୍‌କେ ସୁପ୍ରିମୋ ଏମ୍‌କେ ଷ୍ଟାଲିନ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଫୋନ୍ କରିଛନ୍ତି ରାଜନାଥ। କୁହାଯାଉଛି ଯେ ସମସ୍ତ ରାଜନୈତିକ ଦଳ ସହ ସୁସମ୍ପର୍କ ଯୋଗୁଁ ରାଜନାଥଙ୍କୁ ଏହି ଦାୟିତ୍ୱ ଦେଇଛି ଦଳ। ବିଶେଷକରି ସହମତି ଭିତ୍ତିରେ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳଙ୍କୁ ରାଜ୍ୟସଭା ଅଧ୍ୟକ୍ଷ ଭାବେ ନିର୍ବାଚିତ କରିବାକୁ ବିଜେପିର ଯୋଜନା ରହିଛି। ନିର୍ବିବାଦୀୟ ଚେହେରା ଭାବେ ସିପି ରାଧାକ୍ରିଷ୍ଣନ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବେ ବୋଲି ଦଳ ଆଶା କରୁଛି।

୨୦୨୪ ନିର୍ବାଚନ ପରେ ବିଜେଡି-ବିଜେପି ସମୀକରଣ ବଦଳିଯାଇଥିବାରୁ ନବୀନଙ୍କ ପଦକ୍ଷେପ ଉପରେ ନଜର ରହିଛି। ରାଜ୍ୟରେ ବିଜେଡି ପ୍ରମୁଖ ବିରୋଧୀ ଦଳ ହୋଇଥିବାରୁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ ନା ବିରୋଧ ତାହା ବେଶ ଗୁରୁତ୍ୱ ରଖୁଛି। ଲୋକସଭାରେ ଏନ୍‌ଡିଏର ୨୯୩ ପ୍ରାର୍ଥୀ ଅଛନ୍ତି। ରାଜ୍ୟସଭାରେ ଏନ୍‌ଡିଏର ଅଛନ୍ତି ୧୩୩ ସଦସ୍ୟ। ବିଜେଡିର ଅଛନ୍ତି ମାତ୍ର ୭ ଜଣ ରାଜ୍ୟସଭା ସାଂସଦ। ଉପରାଷ୍ଟ୍ରପତି ନିର୍ବାଚନ ନେଇ ବିଜେଡି ଉପରେ ଚାପ ନାହିଁ। ହେଲେ ବିଜେଡିର ଭୂମିକା ଉପରେ ସମସ୍ତଙ୍କ ଆଖି।

ବିଜେଡି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କଲେ ବିଜେପିକୁ ସମର୍ଥନ ବୋଲି ➪ପୃଷ୍ଠା-୬

# ଦକ୍ଷିଣ ଓଡ଼ିଶାରେ ବର୍ଷା ବିଭ୍ରାଟ



- ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ
- ଧସିଲା ମାଟି ଅତଡ଼ା, ପାହାଡ଼ରୁ ଖସୁଛି ପଥର
- ଭୁଶୁଡ଼ିଲା ବିମାନବନ୍ଦର ପାଚେରି
- ପୋଲ ଉପରେ ୪ ଫୁଟର ପାଣି
- ମାଲକାନଗିରି-ଛତିଶଗଡ଼ ଯୋଗାଯୋଗ ବିଚ୍ଛିନ୍ନ
- ଅଙ୍ଗନବାଡ଼ି ଓ ସ୍କୁଲ୍ ବନ୍ଦ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଗତ ଦୁଇ ଦିନ ହେଲା ଦକ୍ଷିଣ ଓଡ଼ିଶାର ୪ ପ୍ରମୁଖ ଜିଲ୍ଲା ନବରଙ୍ଗପୁର, କୋରାପୁଟ, ଗଜପତି ଓ ମାଲକାନଗିରିରେ ଭୀଷଣ ବର୍ଷା ଜାରି ରହିଥିବାରୁ ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। କେଉଁଠି ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଛି ତ ଆଉ କେଉଁଠି ଏକାଧିକ ଟ୍ରେନ୍ ଚଳାଚଳକୁ ବାତିଲ୍ କରିଦିଆଯାଇଛି। ଏହାଛଡ଼ା ମାଟି ଅତଡ଼ା ଧସି ରାସ୍ତାଘାଟ ବନ୍ଦ ହୋଇଯାଇଥିବା ବେଳେ ମାଲକାନଗିରି ବିମାନବନ୍ଦରର ପାଚେରୀ ଭାଙ୍ଗିଯାଇଥିବା ଜଣାପଡ଼ିଛି।

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି କୋରାପୁଟ-କିରୋଣ୍ଡୁଲ ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଛି। ୨ ଦିନ ପାଇଁ ଏହି ଟ୍ରେନ୍ ଚଳାଚଳ ବାତିଲ ହୋଇଥିବା ବେଳେ ଆଉ କେତେକ ଟ୍ରେନ୍‌ର ଗତିପଥକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କୋଟପାଡ଼ ବ୍ଲକ୍‌ରେ ସର୍ବାଧିକ ୫୬୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହି ଲକ୍ଷ୍ମୀପୁର ବ୍ଲକ୍ କିକିରିଗୁମ୍ମ ଥାନା ତଳମେଟିଂ ରାସ୍ତାରେ ମାଟି ଅତଡା ଖସି ରାସ୍ତା ଅବରୋଧ ହୋଇଛି। ➪ପୃଷ୍ଠା-୬

### ୩ ଜିଲ୍ଲାରେ ଭୀଷଣ ବର୍ଷା!

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଜି ଅଧିକ ଘନୀଭୂତ ହୋଇଛି। ପଶ୍ଚିମ କେନ୍ଦ୍ରୀୟ ଓ ତତସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ରହିଛି। ଏହା ଆସନ୍ତା ୧୨ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହି ସୂଚନା ଦେଇଛି। ପାଣିପାଗ ବିଭାଗ କହିଛି ଯେ ମଙ୍ଗଳବାର ସକାଳ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବ। ପ୍ରଭାବରେ ଆସନ୍ତା ୫ ଦିନ ବର୍ଷା ହେବା ସହ ୨୪ ଘଣ୍ଟା ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟାରେ ସାରା ରାଜ୍ୟରେ ବର୍ଷା ହେବା ସହ କୋରାପୁଟ, ➪ପୃଷ୍ଠା-୬

## ଆସନ୍ତା ମାସରୁ ଓଡ଼ିଶାରେ ଏସ୍‌ଆଇଆର୍

- ସୂଚନା ଦେଲେ ସିଇଓ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଆସନ୍ତା ମାସରୁ ଓଡ଼ିଶାରେ ଆରମ୍ଭ ହେବ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍)। ଏନେଇ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍‌ଏସ୍ ଗୋପାଳନ୍ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୀର୍ଘ ୨୪ ବର୍ଷ ପରେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ➪ପୃଷ୍ଠା-୬

## ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ



### ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦ୍ର କୃଷି ବିଶ୍ୱ ବିଦ୍ୟାଳୟ ଅଧିନିୟମ, ୧୯୯୨ ଅନୁଯାୟୀ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଛି। କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି କରିବା ଏବଂ ଏହି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି ଓ ଲାଭଦାୟକ କୃଷି ପ୍ରଣାଳୀ ବିକଶିତ କରିବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଛି।

ଏହି ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓଡ଼ିଶା ପାଇଁ ପରିବର୍ତ୍ତନକାରୀ ହେବ। ଏହା ରାଜ୍ୟରେ କୃଷି ଗବେଷଣାକୁ ଆଗକୁ ବଢାଇବା ସହ ଚାଷୀମାନଙ୍କୁ ସଶକ୍ତ କରିବ ଏବଂ ସ୍ଥାୟୀ କୃଷି ➪ପୃଷ୍ଠା-୬

### ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ନିଯୁକ୍ତି

- ୫ ହଜାରରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫଙ୍କୁ ବି ନିଯୁକ୍ତି ମିଳିବ
- ମେଡିକାଲ କଲେଜରେ ପ୍ରଫେସର ପଦବୀ ପୂରଣ ପାଇଁ ନିର୍ଦ୍ଦେଶ
- ଆଦିବାସୀ ଅଞ୍ଚଳରେ ଅଧିକ ଡାକ୍ତର ନିଯୁକ୍ତି ପାଇବେ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଷୟରେ ଆଲୋଚନା କରି ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ଡାକ୍ତର ପଦବୀ ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଖୁବ ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ। ଏହାଛଡ଼ା ୫ ହଜାରରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫଙ୍କୁ ବି ନିଯୁକ୍ତି ମିଳିବ। ରାଜ୍ୟର ସବୁ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ଦେବା ସକାଶେ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡ଼ିଥିବା ଆସିଷ୍ଟାଣ୍ଟ ➪ପୃଷ୍ଠା-୬

## ସ୍ୱପ୍ନ ରାଇଜରେ ଉଡୁଛନ୍ତି ଭକ୍ତ

### ଅନ୍ୟର ବିଫଳତାକୁ ନିଜ ସଫଳତା ଭାବୁଛି କଂଗ୍ରେସ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ବିଜେଡିର ବିଫଳତା ସାଙ୍ଗକୁ କେନ୍ଦ୍ରରେ ବିଜେପିରେ ଦେଖାଦେଇଥିବା ଅସ୍ଥିରତାକୁ ନେଇ ପବନରେ ଉଡୁଛି ରାଜ୍ୟ କଂଗ୍ରେସ। ଗତ ସାଧାରଣ ନିର୍ବାଚନରେ ବିଜେଡି ବିରୋଧୀ ଦଳ ଆସନକୁ ଆସିଥିଲେ ବି ନେତୃତ୍ୱବିହୀନ ଭାବେ ପ୍ରଦର୍ଶନ କରୁଛି। ସେପଟେ ନିୟମିତ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟରେ କଂଗ୍ରେସ ଏକ କମ୍ପନ ସୃଷ୍ଟି କରିଛି । କିନ୍ତୁ ଏହି କମ୍ପନ ରାଜ୍ୟରେ କଂଗ୍ରେସକୁ ସଫଳତା ଦେଇପାରିବନି ବୋଲି ସମୀକ୍ଷକମାନେ ଆକଳନ କରୁଛନ୍ତି । ଏଯାଏଁ ସଭାପତି ଭକ୍ତ ଦାସ ଦଳରେ ସଙ୍ଗଠନକୁ ସଜାଡିପାରିଲେନି। ଦାୟିତ୍ୱ ନେବାକୁ ବର୍ଷେ ହେବାକୁ ବସିଲାଣି, ହେଲେ ଜିଲ୍ଲା ସଭାପତି ବଛା ହେଇପାରୁନି। ସବୁବେଳେ ଏଆଇସିସି ଉପରେ ଲାଉ ହୋଇ ଚାଲିଛନ୍ତି ଭକ୍ତ । ଏଆଇସିସିରେ ଦବଦବା ରଖୁଥିବା ଭକ୍ତ ସମସ୍ତଙ୍କୁ ଦିଲ୍ଲୀର ଭୟ ଦେଖାଉଛନ୍ତି । ଏଆଇସିସି ଭୟରେ ନେତାମାନେ ବିଦ୍ରୋହ ଆରମ୍ଭ କରିନାହାନ୍ତି ସତ । କିନ୍ତୁ ପୁରୁଣା ରୋଗରେ ପୀଡିତ ନେତା ମାନେ ଭକ୍ତଙ୍କ ବିରୋଧରେ ଯେ ସଜବାଜ ହେଉନାହାନ୍ତି ତା ନୁହେଁ । ଭକ୍ତ ଓ ରାହୁଲଙ୍କ ଯୋଡି ଭାଙ୍ଗିବାକୁ କିଛି ପୁରୁଣା ନେତା ଆପୋଷ କଥାବାର୍ତ୍ତା ଆରମ୍ଭ କଲେଣି। ସେପଟେ ଭକ୍ତ ଦାସ ଏଯାଏଁ ଜିଲ୍ଲା ସଭାପତି ବାଛି ନପାରିବା ତାଙ୍କ ସାଂଗଠନିକ ବିଫଳତାର ଏକ ଚରମ ଉଦାହାରଣ । ଚର୍ଚ୍ଚା ହେଉଛି, ➪ପୃଷ୍ଠା-୬

### ସାମ୍ବାଦିକଙ୍କୁ ମାରିଦେବାକୁ ଧମକ

## ବିଜେପିକୁ ଅଡୁଆରେ ପକାଉଛନ୍ତି କୁଜିନେତା



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ରାଜ୍ୟ ବିଜେପିର କିଛି କୁଜି ନେତା ଏବେ ବରିଷ୍ଠ ପଦାଧିକାରୀଙ୍କ ନାଁ ନେଇ ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇ ଆସିଲେଣି। ଖୋଦ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନ ଶୃଙ୍ଖଳାକୁ ସମ୍ମାନ ଦେଉଥିବା ବେଳେ କୁଜି ନେତାମାନଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ଦଳ ବଦନାମ ହେଉଛି। ଏମିତି ନୂଆ ଗୁଣ୍ଡା ସାଜିଥିବା କୁଜି ନେତା ଜଣଙ୍କ ହେଉଛନ୍ତି ମୁକ୍ତିକାନ୍ତ ମହାପାତ୍ର। ବାବୁ ମୁକ୍ତିକାନ୍ତ ସରକାରୀ ଦଳର ନେତା ବୋଲି ପରିଚୟ ଦେଇ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ ଖାରବେଳ ନଗର ଥାନାରେ ଏକ ମାମଲା ବି ରୁଜୁ ହୋଇଛି।

ରାଜ୍ୟର ଜଣେ ପ୍ରତିଷ୍ଠିତ ସାମ୍ବାଦିକ ସୁବୋଧ କୁମାର କାନୁନଗୋଙ୍କୁ ମୁକ୍ତିକାନ୍ତ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଖାରବେଳ ନଗର ଥାନାରେ ଶ୍ରୀ କାନୁନଗୋ କରିଥିବା ଅଭିଯୋଗ ଅନୁଯାୟୀ, ସେ ଗତ ତିନି ଦଶନ୍ଧି ଧରି ସାମ୍ବାଦିକତା ବୃତ୍ତି ସହ ଜଡ଼ିତ ଅଛନ୍ତି। ବିଭିନ୍ନ ସମୟରେ ସେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମରେ ନିଜ ମତ ରଖିଥାନ୍ତି। ଏହି କ୍ରମରେ ନିକଟରେ ସେ ଏକ ଦୁର୍ନୀତି ପ୍ରସଙ୍ଗରେ ଏକ ଗଣମାଧ୍ୟମରେ ନିଜ ମତାମତ ରଖିଥିଲେ। ତାଙ୍କର ଏହି ମତକୁ ନେଇ ତାଙ୍କୁ ମୁକ୍ତିକାନ୍ତ ଗୁଳି କରି ହତ୍ୟା କରିବା ସକାଶେ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମୁକ୍ତିକାନ୍ତ ତାଙ୍କୁ କୌଣସି ଗଣମାଧ୍ୟମରେ ମୁହଁ ନ ଖୋଲିବାକୁ ଧମକ ଦେଇଛନ୍ତି। 'ଆଉ କେଉଁଠି ଗଣମାଧ୍ୟମରେ ଯଦି ମୁହଁ ଖୋଲୁ, ତୋ ଅବସ୍ଥା ବାରଣ୍ଡା ଦି' କଡା କରିଦେବି। ଯଦି ଦରକାର ପଡ଼େ ତୋ ଲାସ୍‌ଟା ମୁଁ ଘରକୁ ପଠେଇଦେବି' ବୋଲି ମୁକ୍ତିକାନ୍ତ ଧମକ ଦେଇଥିବା ଅଭିଯୋଗ ହୋଇଛି। ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଶ୍ରୀ କାନୁନଗୋ ମୁକ୍ତିକାନ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛନ୍ତି।

ରାଜ୍ୟ ସରକାର ଓ ବିଜେପିର ବରିଷ୍ଠ ନେତାମାନେ ମିଡ଼ିଆକୁ ଯଥେଷ୍ଟ ସମ୍ମାନ ଦେଉଥିବା ବେଳେ ମୁକ୍ତିକାନ୍ତଙ୍କ ପରି ଗୁଣ୍ଡା ସାଜିଥିବା କୁଜି ନେତାଙ୍କ ପାଇଁ ଦଳ ବଦନାମ ହେଉଛି। ତେଣୁ ଏଭଳି ବିଶୃଙ୍ଖଳିତ କୁଜି ନେତାଙ୍କୁ ଦଳ ନିଜଠାରୁ ଦୂରେଇଦେବା ଉଚିତ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।



ସୋମବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁନିଭର୍ସିଟି ଅଫ୍ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ (ୟୁଡବ୍ଲ୍ୟୁଏ)ର ଡେପୁଟି ଭାଇସ୍‌ଚାନ୍‌ସେଲର୍ ପ୍ରଫେସର ଗାୟ ଲିଟଲ୍‌ଫେୟାର୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ମୁମ୍ବାଇଠାରେ ପ୍ରତିଷ୍ଠା ହେବାକୁ ଥିବା ୟୁଡବ୍ଲ୍ୟୁଏର ଅନ୍ତର୍ଜାତୀୟ ଶାଖା କ୍ୟାମ୍ପସ୍ ପ୍ରତିଷ୍ଠା ସହ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଛି।



### କାନ ଡେରିଥା

ନାରୀ ପାଣ୍ଡିଆନ ଆଖି ପରା
ଏବେ
ବିଜେଡି ଦଳର ପାଣ୍ଡି
ନବୀନ ଏପଟେ ଅସୁସ୍ଥ ଅଛନ୍ତି
ହେଉଛନ୍ତି ଖାଲି ଘାଣ୍ଟି
ଚର୍ଚ୍ଚା ହେଉଛି ସବୁଠି...
ସ୍ୱାମୀ ସ୍ତ୍ରୀ ଦୁହେଁ ମିଶି ଖାଇଯିବେ
ଧରି ମୁଖିଆଙ୍କ ଚୁଟି।

■ ଦେବାଶିଷ

# ବିଜେଡିକୁ ବଦନାମ କରୁଛନ୍ତି ବିଭୀଷଣ




ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ବିଜେଡିକୁ ବଦନାମ କରିବା ପାଇଁ ଏବେ ଦଳ ଭିତରେ ଥିବା ବିଭୀଷଣମାନେ ଲାଗିପଡ଼ିଛନ୍ତି। ନବୀନଙ୍କ ଅସୁସ୍ଥତାର ସୁଯୋଗ ନେଇ ନୂଆ ନୂଆ ଗୁଜବ ରଚନା କରିବା ସହ ତାହା ଯେଭଳି ଲୋକଙ୍କ ନିକଟରେ ପହଞ୍ଚିବ, ତାହାର ବି ବ୍ୟବସ୍ଥା କରୁଛନ୍ତି ସେମାନେ। ନବୀନ ନିବାସ ହେଉ କି ଡାକ୍ତରଖାନା, ସବୁଆଡ଼େ ଏହି ବିଭୀଷଣମାନେ ଅତ୍ୟନ୍ତ ସକ୍ରିୟ ହୋଇ ଏବେ ଦଳକୁ ବଦନାମ କରିବାରେ ଲାଗିପଡ଼ିଛନ୍ତି।

ନବୀନ ପଟ୍ଟନାୟକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ରାଜଧାନୀର ସମ ଅଲ୍ଟିମେଟ୍‌କୁ ନିଆଯାଇଥିଲା। କଥାଟି ବିଜୁଳି ବେଗରେ ବ୍ୟାପିବାରୁ ସାଧାରଣ ଲୋକେ ଖବର ଉପରେ ନଜର ରଖିଥିଲେ। ଗଣମାଧ୍ୟମ ବି ଏହା ଉପରେ ଫୋକସ କରିଥିଲା। ତେବେ ନବୀନଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ହଠାତ୍ ଗୁଜବ ଉଡ଼ିବାରେ ଲାଗିଲା। କିଏ ଲେଖିଲା ନବୀନ ତିନି ଚାରି ଦିନ ତଳୁ ଅସୁସ୍ଥ ହେଲେଣି ତ ଆଉ କିଏ ଲେଖିଲା କିଛି ଲୋକ ଭୟରେ ନବୀନଙ୍କ ରୋଗକୁ ଲୁଚାଉଛନ୍ତି। ତେବେ ନବୀନ ନିବାସ ନାଁରେ ଏଭଳି ଖବର ବଜାରକୁ କିଏ ଛାଡ଼ିଲା, ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି।

ନବୀନ ପଟ୍ଟନାୟକ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ରଚାଯାଇଥିବା

### ମାମଲତକାର ଛାଡୁଛନ୍ତି ଗୁଜବ
### ନବୀନ ଫେରିଲେ ହିସାବ ନିକାଶ

ଗୁଜବରେ ପାଣ୍ଡିଆନଙ୍କୁ ବି ଯୋଡାଗଲା। ଏପରିକି ସେଠାରେ ବିଜେଡି ଓ କଂଗ୍ରେସ ନେତାମାନଙ୍କୁ ପାଣ୍ଡିଆନ ନାଲିଆଖି ଦେଖାଇଥିବା କଥା ବି ପ୍ରଚାରିତ ହେଲା। ପାଣ୍ଡିଆନ ମନା କରିବାରୁ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ନବୀନଙ୍କୁ ନ ଦେଖି ଫେରିଆସିଲେ ଓ ବିଜେଡିର ବରିଷ୍ଠ ନେତା ରାଜା ସ୍ୱାଇଁଙ୍କ ସହ ପାଣ୍ଡିଆନଙ୍କର ଉଚ୍ଚବାଚ ନେଇ ବି ବିଜୁଳି ବେଗରେ ଖବର ପ୍ରକାଶ ପାଇଥିଲା। ବିନା ମେଘରେ ବଜ୍ରପାତ ଭଳି ଏହି ଖବରକୁ କିଏ କାହିଁକି ପ୍ରଚାର କଲା, ତାହାର ଏବେ ହିସାବନିକାସ ଚାଲିଛି। ଏବେ ଖୋଦ ଭକ୍ତ ଏଭଳି ଖବରକୁ ➪ପୃଷ୍ଠା-୬

### ବ୍ୟାପକ ବିସ୍ଫୋରକ ଜବତ ଘଟଣା

## ମାଫିଆଙ୍କ ମାଓବାଦୀ ଲିଙ୍କ୍ ସନ୍ଦେହ

କନ୍ଧମାଳ,୧୮।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ଗତକାଲି ୧୦ ଟନ ଓଜନର ବିସ୍ଫୋରକ ଜବତ ହେବା ପରେ ରାଜ୍ୟ ଗୁଇନ୍ଦା ହାତରେ କିଛି ସାଂଘାତିକ ସୁରାକ ଲାଗିଥିବା ଜଣାପଡ଼ିଛି। ମାଫିଆମାନେ ମାଓବାଦୀମାନଙ୍କୁ ଏହି ବିସ୍ଫୋରକ ଯୋଗାଣ କରୁଥିବା ନେଇ ସନ୍ଦେହ ବଢ଼ିଛି। ମାଓବାଦୀ ଓ ଖଣି ମାଫିଆଙ୍କ ସଲାସୁତୁରାରେ ବିସ୍ଫୋରକ ବେପାର ଚାଲିଥିବା କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ପୁଲିସ୍‌ର ଗୁଇନ୍ଦା ବିଭାଗ ସନ୍ଦେହ କରୁଛି। ସେହିପରି ଏହି ବିସ୍ଫୋରକ ଜବତ ଘଟଣା ପଛରେ ଥିବା ମାଫିଆମାନଙ୍କ ଚେର ବ୍ରହ୍ମପୁର ଉପକଣ୍ଠ ଚମାଖଣ୍ଡି ଦେଇ ଆନ୍ଧ୍ରପ୍ରଦେଶକୁ ଲମ୍ବିଥିବା ସୂଚନା ମିଳିଛି। ପ୍ରାଥମିକ ତଦନ୍ତ ପରେ ଏକ ପିକ୍‌ଅପ ଭ୍ୟାନ ଜବତ ହୋଇଥିବା ବେଳେ ସୋରଡା ଥାନା ତଳଦାନ୍ତଲିଙ୍ଗୀ ଗ୍ରାମର ଆଲୋକ ପାତ୍ର, ଗୋପାଳପୁର ଆମ୍ବପୁଆର ହେମନ୍ତ ସେଠୀ, ଭବାନୀପାଟଣା ମନ୍ଦିରପାଟଣାର ଶକ୍ତିରଞ୍ଜନ ଦାସଙ୍କୁ ଗିରଫ କରାଯାଇଛି। ସେମାନଙ୍କର ମାଓବାଦୀମାନଙ୍କ ସହ ଲିଙ୍କ୍ ଥିବା ନେଇ ପ୍ରମାଣ ମିଳିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। କଳାହାଣ୍ଡି ସୀମାନ୍ତ ତୁମୁଡିବନ୍ଧ ଓ କୋଟଗଡ଼ ଅଞ୍ଚଳରେ କେକେବିଏନ ମାଓ ସଙ୍ଗଠନ ସକ୍ରିୟ ଥିବାରୁ ଏହି ବିସ୍ଫୋରକ ସେମାନଙ୍କ ଲିଙ୍କରେ ଥିବା ସନ୍ଦେହ କରାଯାଉଛି। ଜବତ ଜିଲୋଟିନ କମ୍ପାନୀ ମାଲିକଙ୍କୁ ମଧ୍ୟ ସ୍କାନର୍‌କୁ ନିଆଯାଇଛି। ଏହି ମାମଲାରେ ଖୁବଶୀଘ୍ର ପଥର ମାଫିଆଙ୍କୁ ଜେରା କରାଯିବାର ସମ୍ଭାବନା ରହିଛି। ଲଘୁ ଖଣିଜ ଲୁଟେରାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଲେ ମାଓ ଲିଙ୍କ ନେଇ ପ୍ରମାଣ ମିଳିବାର ସମ୍ଭାବନା ➪ପୃଷ୍ଠା-୬

# ଶ୍ରୀ ବଳଦେବଜୀଉ ମନ୍ଦିର ଜଗମୋହନ ପିଲାରରେ ଫାଟ



**କେନ୍ଦ୍ରାପଡ଼ା,୧୮।୮ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜଗ ମୋହନ ମନ୍ଦିରର ଖୁମ୍ବରେ ଫାଟ ସୃଷ୍ଟି ହୋଇଥିବା ଜାଣିବାକୁ ମିଳିଛି । ଜଗମୋହନ ମନ୍ଦିର ରେ ଥିବା ଚାରି ଖୁମ୍ବର ସ୍ଥିତି ଅତି ଦୁର୍ବଳ ହୋଇଥିବାରୁ ଫାଟ ସୃଷ୍ଟି ହେବା ସହ ଏଥିରେ ଲାଗିଥିବା ଟାଇଲ ଗୁଡିକ ଖସି ପଡିଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଭକ୍ତ ଶ୍ରଦ୍ଧାଳୁଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ମନ୍ଦିର ପ୍ରଶାସନ ପକ୍ଷରୁ ଉଚ୍ଚ କତୃପକ୍ଷଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି। ରାଜ୍ୟର ସର୍ବ ପୁରାତନ ମନ୍ଦିର ମଧରେ କେନ୍ଦ୍ରାପଡ଼ା ର ଆରାଧ ଦେବତା ପ୍ରଭୁ ବଳଦେବ ଜୀଉ ମନ୍ଦିର ଅନ୍ୟତମ । ମୁଖ୍ୟ ମନ୍ଦିରର ସମ୍ମୁଖ ଭାଗର ଥିବା ଜଗ ମୋହନ ମନ୍ଦିର ନାଟ ମଣ୍ଡପରେ ଚାରି ପିଲାର ଖୁମ୍ବ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଏବଂ ସ୍ଥାନେ ସ୍ଥାନେ ଫାଟ ମଧ ସୃଷ୍ଟି ହୋଇଛି। ଏହି ଜଗମୋହନ ମନ୍ଦିର ଇତିହାସ ଦେଖିବାକୁ ଗଲେ ଷୋଡଶ ଶତାବ୍ଦୀର ଶେଷ ଭାଗରେ କୁଜଙ୍ଗର ରାଜ ପରିବାର ଏବଂ ଛେଦରା ଜମିଦାରଙ୍କ ଉଦ୍ୟମରେ ନିର୍ମାଣ କରିଥିଲେ ଯାହା ଚାରିଶହ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା । ସେବେଠୁ ଖୁମ୍ବର ମରାମତି ମଝିରେ ମଝିରେ ହୋଇଥିଲା ବେଳେ ଏବେ ଚାରି ଖୁମ୍ବର ସ୍ଥିତି ଅତ୍ୟନ୍ତ ଦୁର୍ବଳ ସ୍ଥାନେ ସ୍ଥାନେ ଫାଟ ମଧ ସୃଷ୍ଟି ହୋଇଛି । ଏବେଠୁ ପରିସ୍ଥିତିକୁ ଧ୍ୟାନ ନ ଦେଲେ ଆଗକୁ ଜଟିଳ ପରିସ୍ଥିତି ହେବ ବୋଲି ମନ୍ଦିର ପ୍ରଶାସନ ଆଶଙ୍କା କରୁଛି ।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ୍ ପୋଡ଼ି ଘଟଣା**

# ମେଡିକାଲ୍ ଅଫିସରଙ୍କ ସହ ୩ ଜଣଙ୍କୁ ବଦଳି




**ଡେରାବିଶ,୧୮।୮ (ସଂଚାର ବ୍ୟୁରୋ):** ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସପ୍ତାହରେ ହୋଇଥିବା ମେଡିସିନ୍ ପୋଡ଼ି ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଥିବାବେଳେ ବହୁମୁଖୀ ସ୍ୱାସ୍ଥ୍ୟ ସୁପରଭାଇଜର ସୁରେଶ ଦାସଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଫାର୍ମାସିଷ୍ଟ ନବଘନ ଘଡ଼େଇଙ୍କୁ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ସେହିପରି ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା କର୍ମଚାରୀ ବିକାଶ କୁମାର ଜେନାଙ୍କୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦାୟିତ୍ୱମୁକ୍ତ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିକାରୀ ଘରୋଇ ସଂସ୍ଥାକୁ ଜଣାଇ ଦିଆଯାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବେହେରାଙ୍କ ସ୍ଥାନରେ ଡାକ୍ତର ଦେବାଶିଷ ସାହୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ. ପ୍ରହରାଜ ସୂଚନା ଦେଇଛନ୍ତି।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ସମୂହ ଦୀପଦାନ



**କେନ୍ଦ୍ରାପଡ଼ା,୧୮।୮ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସଂପ୍ରତି ବିରୋଧଦଳର ନେତା ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ଶ୍ରୀ ବଳଦେବଜୀଉ ମନ୍ଦିର ରେ ସମୂହ ଦୀପଦାନ କରାଯାଇଛି । ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳ, ନଗର ସଭାପତି ଯଜାତି କେଶରୀ ମହାନ୍ତିଙ୍କ ସମେତ ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ସମାଜସେବୀ ରଂଜିତ ସାହୁ, ଧିରେନ ସାହୁ, ରୋସନା ସାହୁ, ହିରଣ୍ୟ ପଣ୍ଡା, ନିରାକାର ସ୍ୱାଇଁ, ଉମେଶ ନାୟକ, ବିଜୟ ମଣ୍ଡଳ, ଗଣେଶ ମେକାପ, ଅକ୍ଷୟ ମେକାପ, ଦୁର୍ଗା ପ୍ରସାଦ ପତିଙ୍କ ସମେତ ବହୁ ଦଳୀୟ କର୍ମୀ ଓ ମହିଳା କର୍ମୀ ଉପସ୍ଥିତ ରହି ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ):** ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ଅଳାବାଙ୍କ ଛକ ନିକଟରେ ଏକ ଟ୍ରଲର ଧକ୍କାରେ ଜଣେ ଯୁବକଙ୍କର ମୃତ ହୋଇଥିବା ଜଣାପଡିଛି । ପ୍ରତ୍ୟକ୍ଷଦର୍ଶୀ ସଞ୍ଜୟ ପ୍ରଧାନଙ୍କ ସୂଚନା ଅନୁଯାଇ ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ଦଶଟା ସମୟରେ ଚଣ୍ଡୀଖୋଲ ଆଡୁ ପାରାଦ୍ୱୀପ ଅଭିମୁଖେ ଆସୁଥିବା ଜଣେ ସ୍କୁଟି ଆରୋହୀ ଅଳାବାଙ୍କ ଛକ ଆଗକୁ ଥିବା ଏକ ଡାଇଭର୍ସନ ନିକଟରେ ବୁଲାଣି ବୁଲୁଥିବା ବେଳେ ସେହି ଦିଗରୁ ଆସୁଥିବା ଏସଭିଟି ଲଜିଷ୍ଟିକର ଏକ ଟ୍ରଲର ନଂ(ଓଡି୦୨ବିସି ୬୦୪୨) ପଛପଟୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଆରୋହୀ ଜଣଙ୍କ କିଛି ଦୂରକୁ ଛିଟିକି ପଡିଥିବା ବେଳେ ଟ୍ରଲରର ମଝି ଦୁଇଚକ ଯୁବକଙ୍କ ପେଟ ଉପରେ ଚଢ଼ି ଯାଇଥିଲା । ତେବେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରଲର ଚାଳକଙ୍କୁ ଲୋକେ କାବୁ କରିନେଇ ପୋଲିସ ଜିମା ଦେଇଥିଲେ । ମୃତ ଯୁବକ ଜଣକ ହେଉଛନ୍ତି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ଗପୁର ଅଳର ଅଟୋ ଚାଳକ ବୁଢ଼ା ପାତ୍ରଙ୍କ ପୁଅ ଆଶିଷ ପାତ୍ର ବୋଲି ଜଣାପଡିଛି ।

# ଗଣେଶ ପୂଜା ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

**କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ):** ଚଳିତ ଗଣେଶ ପୂଜା କେନ୍ଦ୍ରାପଡ଼ା ସହରରେ ଶାନ୍ତି ଓ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଏକ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି କମିଟି ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବିସର୍ଜନ ସମୟରେ ପାରମ୍ପରିକ ସାଂସ୍କୃତିକ ଦଳକୁ ସାମିଲ କରିବାକୁ ଜିଲ୍ଲାପାଳ ସମସ୍ତ ଗଣେଶ ପୂଜା କମିଟିକୁ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ଏବଂ ଭାଇବ୍ରେଟରକୁ ଲଗେଇବା ଉପରେ ଅଙ୍କୁଶ ଲଗାଯାଇଛି । ଯେମିତି ଚଳିତ ଥର ଗଣେଶ ପୂଜା ଶୃଙ୍ଖଳିତ ଭାବେ ହେବ ସେଥିପାଇଁ ଜିଲ୍ଲାପାଳ ପୂଜା କମିଟି ଗୁଡିକର ସହଯୋଗ କାମନା କରିଛନ୍ତି ।

# ବିଭାଗୀୟ ଯନ୍ତ୍ରୀଙ୍କ ନିଦ ଭାଙ୍ଗିବ କେବେ ?

**ରାସ୍ତାରେ ପଡ଼ି କ୍ଷତାକ୍ତ ହେଉଛନ୍ତି ଲୋକେ**



**ମହାକାଳପଡ଼ା,୧୮।୮ (ସଂଚାର ବ୍ୟୁରୋ):** ଢଳେଇ ରାସ୍ତାରେ ଲହଡ଼ି ମାରୁଛି ନର୍ଦ୍ଦମା ବର୍ଷା ପାଣି। ଏମିତି ପାଣି ଲହଡ଼ି ମାରୁଛି ଯେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ଜଳନିଷ୍କାସନ ହୋଇ ନପାରିବାରୁ ପାଣି ଭିତରେ ଯାତାୟତ କରି ନିଇତି ଦୁର୍ଘଟଣାର ଶୀକାର ହେଉଛନ୍ତି ଯାତ୍ରୀ।

ଏନେଇ ୨୫ ଜୁଲାଇରେ ଖବର ପ୍ରକାଶ ପରେ ମଧ ବିଭାଗୀୟ ଯନ୍ତ୍ରୀ ତତ୍ପରତା ପ୍ରକାଶ ନକରିବା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଗ୍ରାମବାସୀ ସମାଧାନ ପାଇଁ ଦାବି କରିବା ସତ୍ତ୍ୱେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଗତ ଅଗଷ୍ଟ ୧୫ ତାରିଖରେ କୁନି କୁନି ପିଲା ଏହି ପାଣିରେ ପଶି ପଦଯାତ୍ରା କରିଥିବା ମଧ ଦେଖିବାକୁ ମିଳିଥିଲା।

ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ପୁରୁଣା ଦେବୀ ଘର ନିକଟରେ ଢଳେଇ ଓ ପିଚୁ ରାସ୍ତାର ସଂଯୋଗ ମୁଣ୍ଡରେ ଏମିତି ଅବସ୍ଥା ଦେଖିବାକୁ ମିଳିଛି। ଆର ଆଣ୍ଡ୍ ବି ଅଙ୍ଗୁଲାଇ-ବଢ଼ିହି ମୁଖ୍ୟ ରାସ୍ତା ଦେଇ ବସ୍, ଟ୍ରକ୍ ଠାରୁ ଆରମ୍ଭ କରି ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି। ପାଣିରେ ରାସ୍ତା ଜଣାପଡୁ ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷ କରି ବାଇକ୍ ଆରୋହୀ ପଡ଼ି କ୍ଷତାକ୍ତ ହେଉଛନ୍ତି। ଏଥିପାଇଁ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ପୋଡ଼ାଜଳା ନାହିଁ। ଆଉ କେତେ ଦୁର୍ଘଟଣା ଘଟିଲେ ଅଧିକାରୀଙ୍କ ଚେତା ପଶିବ ବୋଲି ଲୋକେ ଅଭିଯୋଗ କରିଛନ୍ତି।



## କଳଙ୍କି ନଳକୂପ ବଦଳାଇବା ପାଇଁ ଦାବି

**ମହାକାଳପଡ଼ା,୧୮।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ବାରଡାଙ୍ଗ ଗ୍ରାମ ୧୧ ନମ୍ବର ୱାର୍ଡର ଶିବ ମନ୍ଦିର ନିକଟରେ ଥିବା ଏକ ନଳକୂପ ବିପର୍ଯ୍ୟସ୍ତ ହୋଇପଡିଛି। ନଳକୂପର ଶରୀର ଜରି ଅଖାରେ ବନ୍ଧା ଯାଇଛି। ନଳକୂପରୁ ଚଟାଣ ଭାଙ୍ଗି ଯାଇଥିବା ବେଳେ ଶୋଷକ କୂପ ନଥିବାରୁ ନଳକୂପ ନିକଟରେ ନର୍ଦ୍ଦମା ପାଣି ଜମି ରହୁଛି। ଏହି ନଳକୂପକୁ ୫୦ ଜଣ ପରିବାରଙ୍କ ସମେତ ମନ୍ଦିରକୁ ଆସୁଥିବା ଭକ୍ତମାନେ ବ୍ୟବହାର କରୁଛନ୍ତି। ଏହାର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

# କ୍ରେଡିଟ କୋ-ଅପରେଟିଭର ସଂପାଦକ ଦାୟିତ୍ୱ ନେଲେ ଅରବିନ୍ଦ ସାହୁ



**କେନ୍ଦ୍ରାପଡା,୧୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟ ର ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁଙ୍କୁ ସୋସାଇଟ ର ପୂର୍ଣ୍ଣକାଳୀନ ସଂପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇ ଥିବା ଜଣାପଡିଛି । ପୂର୍ବରୁ ସଂପାଦକ ଥିବା ପ୍ରହଲ୍ଲାଦ ସାହୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ପରେ ଅରବିନ୍ଦଙ୍କୁ ସୋସାଇଟ ପକ୍ଷରୁ ପଦୋନ୍ନତି ଦିଆଯାଇ ଅବସ୍ଥାପିତ କରାଯାଇଛି । ଅବିଭକ୍ତ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିବା କ୍ରେଡିଟ କୋ-ଅପରେଟିଭ ସୋସାଇଟ ର ପ୍ରାୟ ୧୭ଟି ଶାଖା କାର୍ଯ୍ୟ କରିବା ସହ ଆର୍ଥିକ ଦୁର୍ବଳ ଶ୍ରେଣୀ, ବ୍ୟବସାୟୀ ଓ କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ମଧରେ ଆର୍ଥିକ କାରବାର ପାଇଁ ସଫଳତା ହାସଲ କରିଛି । ଶ୍ରୀ ଅରବିନ୍ଦଙ୍କ ଏହି ପଦୋନ୍ନତି ରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ସଂସ୍ଥା ଅଧିକ ଉନ୍ନତି ଲାଭ କରିବ ବୋଲି ଆଶା କରାଯାଉଛି ।

**ମାର୍ଶାଘାଇକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ଦାବି**

# ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମହାକାଳପଡ଼ା ବିଧାୟକ

**ମାର୍ଶାଘାଇ,୧୮।୮(ସଂଚାର ବ୍ୟୁରୋ):** ମାର୍ଶାଘାଇକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ଦାବି ହୋଇଛି। ଏନେଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନମନ୍ତ୍ରୀ, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି।

ମାର୍ଶାଘାଇ ଗ୍ରାମ ପଞ୍ଚାୟତ (ବ୍ଲକ ମୁଖ୍ୟାଳୟ) କେନ୍ଦ୍ରାପଡା ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ। ଏଠାରେ ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ କେନ୍ଦ୍ର, ପୋଲିସ ଷ୍ଟେସନ, ପିଡବ୍ଲୁଡି କାର୍ଯ୍ୟାଳୟ, ଜଳସେଚନ କାର୍ଯ୍ୟାଳୟ, ଗୋଟିଏ ମହିଳା ମହାବିଦ୍ୟାଳୟ ସମେତ ଦୁଇଟି ବେସରକାରୀ ମହାବିଦ୍ୟାଳୟ, ତିନୋଟି ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମାର୍ଶାଘାଇ ଗ୍ରାମ ପଞ୍ଚାୟତ (ବ୍ଲକ ମୁଖ୍ୟାଳୟ)ରେ ଅନେକ ଅନୁଷ୍ଠାନ ରହିଛି। ମାର୍ଶାଘାଇ ପଞ୍ଚାୟତରେ ଦଶ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୭ଟି ୱାର୍ଡ ଅଛି। ଯଦି ମାର୍ଶାଘାଇ ପଞ୍ଚାୟତର ଆଖପାଖ ଗ୍ରାମ ଗୁଡ଼ିକୁ ବିଚାରକୁ ନିଆଯାଏ, ତେବେ ଏଠାରେ ୩୦ରୁ ଅଧିକ ୱାର୍ଡ ଏବଂ ପନ୍ଦର ହଜାର ଲୋକସଂଖ୍ୟା ବୋଲି ଆକଳନ କରାଯାଏ। ତେଣୁ ମାର୍ଶାଘାଇ ଗ୍ରାମ ପଞ୍ଚାୟତ (ବ୍ଲକ୍ ମୁଖ୍ୟାଳୟ) କେନ୍ଦ୍ରାପଡା ଜିଲ୍ଲାର ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି।

ଅଞ୍ଚଳର ଲୋକମାନେ ମାର୍ଶାଘାଇ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଭାବରେ ଘୋଷଣା କରିବା ପାଇଁ ପଦକ୍ଷେପ ନେବାକୁ ବିଧାୟକଙ୍କୁ କଠିନ ଚାପ ପକାଉଥିବା ଶ୍ରୀ ନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

**ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମହାନତା**

# ଅସହାୟ ପରିବାରକୁ ଗୋସମ୍ପତ୍ତି ଦାନ କଲେ



**କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତ ର ନରିଲୋ ଗ୍ରାମର ହରିହର ମଳିକ ୮ବର୍ଷର ପୁଅ, ୫ବର୍ଷର ଝିଅ ଓ ପତ୍ନୀଙ୍କୁ ନେଇ ତାଙ୍କର ପରିବାର ପ୍ରତିପୋଷଣ କରୁଥିଲେ । ଗତ ଜୁନ ୨୧ ତାରିଖରେ ବିଦ୍ୟୁତ୍ ଆଘାତରେ ତାଙ୍କର ଅକାଳ ବିୟୋଗ ହୋଇଯିବା କାରଣରୁ ତାଙ୍କ ସ୍ତ୍ରୀ ଆଉ ଦୁଇ ଛୋଟ ପିଲା ଅତି ଦୁଃଖରେ ଜୀବନ କାଟୁଛନ୍ତି। ଏହି ଦୁଃଖଦ ଖବର ଜାଣିବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଓ ସମ୍ପାଦକ ତାଙ୍କ ପରିବାର ପାଖରେ ପହଞ୍ଚି ସ୍ଥିତି ପରଖିଥିଲେ। ପରିବାରକୁ ଆର୍ଥିକସ୍ତରରେ ସମୃଦ୍ଧ କରିବା ପାଇଁ ଆଜି ଏହି ପରିବାରକୁ ଦୁଇଟି ଗୋ ସମ୍ପତ୍ତି ଦାନ କରିଛନ୍ତି ଟ୍ରଷ୍ଟର କର୍ମକର୍ତ୍ତା । ଟ୍ରଷ୍ଟ ପକ୍ଷରୁ ଗୋମାତା ପ୍ରଦାନ ପରେ ଏକ ଚୁକ୍ତି ପତ୍ର ସ୍ୱାକ୍ଷର କରାଯାଇଛି। ଏଥିରେ ଉଲ୍ଲେଖ ଅଛି କି ଏହି ପରିବାର ଗୋ ସମ୍ପଦ ଦ୍ୱାରା ନିଜର ଗୁଜୁରାଣ ମେଣ୍ଟାଇବା ଓ ତାଙ୍କର ସୁରକ୍ଷା କରିବେ। ଯଦି ନକରି ପାରିବେ ତେବେ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିବେ । ସେମାନେ ଏହି ଗୋମାତାଙ୍କୁ ଅନ୍ୟତ୍ର ବିକ୍ରୟ କରିପାରିବେ ନାହିଁ କିମ୍ବା ଅନ୍ୟ ସମ୍ପ୍ରଦାୟକୁ ବିକ୍ରି କରିପାରିବେ ନାହିଁ ଗୋ ସମ୍ପତ୍ତି ର ସୁରକ୍ଷା ଆମର ଲକ୍ଷ୍ୟ ବୋଲି ଟ୍ରଷ୍ଟ ପକ୍ଷରୁ ବାର୍ତ୍ତା ଦିଆଯାଇଛି ।

**ମହାକାଳପଡ଼ା ବିଡ଼ିଓଙ୍କ ଭିନ୍ନ ପ୍ରୟାସ**

# କର୍ମଚାରୀଙ୍କ ପାଇଁ ଆରମ୍ଭ ହେଲା ୟୁନିଫର୍ମ



**ମହାକାଳପଡ଼ା,୧୮।୮(ସଂଚାର ବ୍ୟୁରୋ):** ମହାକାଳପଡ଼ାର ନୂତନ ବିଡ଼ିଓ ଭାବରେ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗଦାନ କରିବା ପରେ ନୂଆ ନୂଆ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି। ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ପଞ୍ଚାୟତ ସ୍ତରରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ତାଙ୍କର ଏହି ଭିନ୍ନ ଓ ଉଚ୍ଚ ଚିନ୍ତନ ସାଧାରଣ ଲୋକଙ୍କ ମନରେ ବିଡ଼ିଓଙ୍କ ପ୍ରତି ବିଶ୍ୱାସ ଓ ଭରଷା ବଢ଼ିବାରେ ଲାଗିଛି। ଆଜି ବିଡ଼ିଓ ଆଉ ଏକ ଅଭିନବ ପ୍ରୟାସ ଆରମ୍ଭ କରି ଚର୍ଚ୍ଚାକୁ ଆସିଛନ୍ତି। ସମସ୍ତ କର୍ମଚାରୀଙ୍କ ପାଇଁ ପୋଷାକ ବ୍ୟବସ୍ଥା ଆରମ୍ଭ କରିଛନ୍ତି ବିଡ଼ିଓ। ଯେହେତୁ ସୋମବାର ଜନଶୁଣାଣୀ ରହୁଛି ସେଥିପାଇଁ ପ୍ରତି ସୋମବାର କର୍ମଚାରୀମାନେ ଏହି ପୋଷାକ ପିନ୍ଧିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନାହିଁ। ବରଂ ସ୍ୱେଚ୍ଛାକୃତ ଭାବରେ ସମସ୍ତେ ବିଡ଼ିଓଙ୍କ ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ମହିଳା କର୍ମଚାରୀ ମାନଙ୍କ ପାଇଁ ଶାଢ଼ୀ, ଯୁବତୀ କର୍ମଚାରୀଙ୍କ ପାଇଁ ସାଲୱାର ଓ ପୁରୁଷ ମାନେ ସାର୍ଟ ପିନ୍ଧିବେ।

# ମଣ୍ଡପଡ଼ା ହାଇସ୍କୁଲରେ ବନମାଳୀ ସାମଲ ମେଧା ସମ୍ମାନ ପ୍ରଦାନ



**ପଟ୍ଟାମୁଣ୍ଡାଇ,୧୮।୮ (ସଂଚାର ବ୍ୟୁରୋ):** ବାଛରା ପଞ୍ଚାୟତ ମଣ୍ଡପଡା ଭଜନେଶ୍ୱର ହାଇସ୍କୁଲ ପରିସରରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ, ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ ବନମାଳୀ ସାମଲଙ୍କ ଅମ୍ଳାନ ସ୍ମୃତିରେ ଗଠିତ ବନମାଳୀ ସାମଲ ସ୍ମୃତି ସଂସଦ ପକ୍ଷରୁ ଚଳିତ ବର୍ଷର ମେଧା ସମ୍ମାନ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ସମାଜସେବୀ ବରାହ ଚରଣ ସାମଲ, ସିଆରସିସି ନମିତା ସାହୁ, ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନା, ଗଗନ ବିହାରୀ ସାହୁ ଓ ବ୍ରଜକିଶୋର ସ୍ୱାଇଁ ଅତିଥି ଭାବରେ ଯୋଗଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଭଜନେସ୍ୱର ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ବିଶାଖା ଗେରୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ସହିତ ପ୍ରୋତ୍ସାହନ ରାଶି ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ହେବ

**କେନ୍ଦ୍ରାପଡ଼ା,୧୮।୮ (ସଂଚାର ବ୍ୟୁରୋ):** ବିଶେଷ ସୂତ୍ରରୁ ଖବର ମିଳିଛି ଜିଲ୍ଲାର ବିଭିନ୍ନ ବିଭାଗରେ ଯଥା ଡାଟାଏଣ୍ଟ୍ରି ଅପ୍ରରେଟର ଓ ଜୁନିୟର ଆସିଷ୍ଟାଣ୍ଟ ନିଯୁକ୍ତି ହେବାକୁ ଯାଉଛି। ବିଭିନ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଆସନ୍ତା ଅକ୍ଟୋବର ମାସରେ ନିଯୁକ୍ତି ମେଳା ମାଧମରେ ଯୋଗ୍ୟ ବିବେଚିତ ପ୍ରାର୍ଥି ମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସୂଚନା ମିଳୁଛି ।

**ଉପଭୋକ୍ତାଙ୍କୁ ମିଳୁନି ସଠିକ୍ ବିଦ୍ୟୁତ୍**

# ତଦନ୍ତ ସହ ଖୁବ୍‌ଶୀଘ୍ର ହେବ ଏକ ସ୍ୱତନ୍ତ୍ର ବୈଠକ: ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଟାଟା ପାୱାର ବିଦ୍ୟୁତ୍ ବିତରଣ ସଂସ୍ଥା ବିରୁଦ୍ଧରେ ଏକାଧିକ ଅଭିଯୋଗ ହୋଇଛି । ଏହି ଅଭିଯୋଗ ଗୁଡ଼ିକ ସିଧାସଳଖ ଜିଲ୍ଲାର ମୁଖିଆ ଜିଲ୍ଲାପାଳଙ୍କୁ କରାଯାଇଛି । ପ୍ରକାଶ ଥାଉ କି କେନ୍ଦ୍ରାପଡ଼ାରେ ବିଦ୍ୟୁତ୍ ଉପଭୋକ୍ତା ଙ୍କୁ ବିଦ୍ୟୁତ୍ ବିତରଣ ସଂସ୍ଥା ଟାଟା ପାୱାର ଠକୁ ଥିବା ନେଇ ଶତାଧିକ ଉପଭୋକ୍ତା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗରେ ମୁଖ୍ୟତଃ ଟାଟା ପାୱାର ର ନିମ୍ନ ମାନର ରକ୍ଷଣା ବେକ୍ଷଣ ସହ ଉପଭୋକ୍ତା ପାଇବାକୁ ଥିବା ବିଦ୍ୟୁତ୍ ଭୋଲ୍ଟେଜ ମଧ ଟାଟା ପାୱାର ଉପଭୋକ୍ତାଙ୍କୁ ଦେଉ ନଥିବା ବେଳେ କେନ୍ଦ୍ରାପଡ଼ା ଖଣ୍ଡ -୧ ପରିଚାଳକ ଅଭିଯୋଗକୁ ଗୁରୁତର ସହ ନେଉନାହାନ୍ତି ଭଳି ଅଭିଯୋଗ ହୋଇଛି ।

ଅଭିଯୋଗ ମୁତାବକ କେନ୍ଦ୍ରାପଡ଼ା ଖଣ୍ଡ -୧ ଏବଂ ଖଣ୍ଡ -୨ ଅଧୀନରେ ଥିବା ଶତାଧିକ ଗ୍ରାମ ଗୁଡିକରେ ବିଦ୍ୟୁତ୍ ବିତରଣ ସଂସ୍ଥା ଦ୍ୱାରା ନିମ୍ନମାନର ରକ୍ଷଣା ବେକ୍ଷଣ ପାଇଁ ଗ୍ରାମବାସୀ ବିପଦରେ ଥିବା ବେଳେ ଦାନପୁର ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନରେ ଥିବା ଅନୁଆ ପଡ଼ା ଠାରେ ଗତକାଲି ଏକ ଗୃହପାଳିତ ପଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହା ସହ ବିଦ୍ୟୁତ୍ ବିତରଣ ସଂସ୍ଥା ଟାଟା ପାୱାର ଏକ ନିର୍ଦ୍ଦିଷ୍ଟ କ୍ଷମତା ଥିବା ଟ୍ରାନ୍ସଫର୍ମରରୁ ନିଜ ଫାଇଦା ପାଇଁ ଅତ୍ୟଧିକ ଉପଭୋକ୍ତା ସୃଷ୍ଟି କରୁଥିବାରୁ ମାସକୁ ମାସ ବିଦ୍ୟୁତ୍ ଦେୟ ପୈଠ କରୁଥିବା ଉପଭୋକ୍ତାଙ୍କୁ ଆବଶ୍ୟକୀୟ ଭୋଲ୍ଟେଜ ମିଳି ପାରୁନଥିବା ଭଳି ସମସ୍ୟା ଉପୁଜିଛି । ଯାହା ଫଳରେ ଉପଭୋକ୍ତାଙ୍କର ଅନେକ ବିଦ୍ୟୁତ୍ ଚଳିତ ଘରୋଇ ଉପକରଣ ଗୁଡ଼ିକ ବାରମ୍ବାର ଖରାପ ହେଉଥିବା ସହ ଖରାଦିନେ ଅସହ୍ୟ ଗୁଳୁଗୁଳିରେ ଜୀବନ ଯାପନ କରିବା ଅତ୍ୟନ୍ତ କଷ୍ଟଦାୟକ ସାଜିଥିବା ଅଭିଯୋଗରେ ଲିଖିତ ଅଛି। ଏନେଇ ଖୁବ୍ ଶୀଘ୍ର ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ତଦନ୍ତ ପରିସରଭୁକ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଗଣମାଧମ କୁ ସୂଚନା ଦେଇଛନ୍ତି ।



# ଡକ୍ଟର ବଟକୃଷ୍ଣ ମିଶ୍ର ମେଧାବୃତି ସମ୍ମାନ

**ରାଜନଗର,୧୮।୮ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନର ଉଦ୍‌ଯାପନ ଉତ୍ସବ ଓ ଡକ୍ଟର ବଟକୃଷ୍ଣ ମିଶ୍ର ମେଧାବୃତି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ କବି ଅଭିରାମ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ସଂସ୍କୃତ ଦିବସ ଉପରେ ଆଲୋଚନା କରିବା ସହିତ ରାଜନଗର ମାଟିର ସୁନାମଧନ୍ୟ କବିରାଜ ଡକ୍ଟର ବଟକୃଷ୍ଣ ମିଶ୍ରଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ଦିବସ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ନଦୀରେ ୭୩ ମଇଁଷି ମୃତ୍ୟୁ ଘଟଣା**

# ବନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ଖୋଳତାଡ

**ରାଜନଗର,୧୮।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଏକମାଣିଆ ଗାଁ ନିକଟରେ ପ୍ରବାହିତ ନଦୀରେ ଏକା ସାଙ୍ଗରେ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟଣାର ରହସ୍ୟ ଏଯାଏଁ ଖୋଲୁନି। କୌଣସି ମୃତ ମଇଁଷିଙ୍କ ଦେହରେ ଖଣ୍ଡିଆ ଚିହ୍ନ ନଥିବାରୁ କୁମ୍ଭୀର ଆକ୍ରମଣ ପାଇଁ ମୃତ୍ୟୁ ହୋଇନଥିବା ସ୍ପଷ୍ଟ ହୋଇଛି। ତେବେ ମଇଁଷି କାହିଁକି ମଲେ ତାହାକୁ ନେଇ ତଦନ୍ତ ପକ୍ରିୟାକୁ ଜୋରଦାର କରାଯାଇଛି। ଆଜି ପ୍ରାଣୀ ଚିକିତ୍ସା ବିଭାଗ ଓ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଛି।

ପ୍ରାଣୀ ପାଳନ ଓ ପ୍ରାଣୀ ନିର୍ଦ୍ଦେଶାଳୟ, କଟକର ଆଡିସନାଲ ଡାଇରେକ୍ଟର ଡାକ୍ତର ଗିରିଧାରୀ ଭୋଇଙ୍କ ସହ ଆନିମଲ ରସର୍ଚ୍ଚ ଇନଷ୍ଟିଚ୍ୟୁଟ, ଫୁଲନଖରାର ଡାକ୍ତରୀ ଦଳ ମୃତ ମଇଁଷିର ବ୍ୟବଛେଦ କରୁଛନ୍ତି। କେନ୍ଦ୍ରପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକ, ଆଳି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବଦ୍ରି ନାରାୟଣ ଚାନ୍ଦ, ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ଜେନା, ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା , ଫରେଷ୍ଟର ବିଜୟ କୁମାର ପାତ୍ର, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଛେଦ ରିପୋର୍ଟ ଓ ନମୁନା ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

**AFFIDAVIT**

By virtue of an affidavit sworn before Executive Magistate, Kujang, dated 07.08.2025.

I, Upendra Behera, At-Atharabanki (Gajalaxmipada), P.O.-Atharabanki Railway Colony, P.S-Paradeep Model Police station, Dist-Jagatsinghpur declare that I have changed my name from Upan Behera to Upendra Behera. Henceforth, I shall be known as Upendra Behera for all purposes.

Upendra Behera



ଆସୁଛି ଗଣେଶ ପୂଜା: ମୂର୍ତ୍ତି ନିର୍ମାଣରେ ନିମଗ୍ନ ଶିଳ୍ପୀ

## ୧୬୫୨ କ୍ୱିଣ୍ଟାଲ ଚାଉଳ ନିଲାମ କରିବ ପ୍ରଶାସନ

ଜଗତସିଂହପୁର,୧୮।୮(ସଂଚାର ବ୍ୟୁରୋ): କିଛି ମାସ ତଳେ ବାଲିକୁଦାର ସାଲସାର ଆଗ୍ରୋ ପ୍ରଡକ୍ଟ ରାଇସ ମିଲ୍‌ରୁ ଜବତ ୧୬୫୨ କ୍ୱିଣ୍ଟାଲ ଚାଉଳ ନିଲାମ କରିବାକୁ ଯାଉଛି ପ୍ରଶାସନ। ନିଲାମ ନିମନ୍ତେ ସୋମବାର ସମୟ ଧାର୍ଯ୍ୟ ହୋଇଛି। ଜଗତସିଂହପୁର ଏଡିଏମ(ସାଧାରଣ)ଙ୍କ ଅଫିସରେ ଏହି ଚାଉଳ ନିଲାମ ହେବ ବୋଲି ସୂଚନା ରହିଛି। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନୋଟିସ୍ ମଧ୍ୟ ଜାରି ହୋଇଛି । ଜବତ ଚାଉଳର ମୂଲ୍ୟ କ୍ୱିଣ୍ଟାଲ ପିଛା ୪,୨୩୮ ଟଙ୍କା ଧାର୍ଯ୍ୟ କରାଯାଇଛି ।

# ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ

- ଉପକୃତ ହେବେ ବାଲ ବାଟିକା ଓ ଅଙ୍ଗନବାଡ଼ି କର୍ମୀ: ଉପମୁଖ୍ୟମନ୍ତ୍ରୀ
- ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ: ଉଚ୍ଚଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ସକାଶେ ଗତ ଜୁନ୍ ୯ରେ ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୋ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ଅନୁଯାୟୀ ଇଗ୍ନୋର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ, ସ୍ନାତକ (ଭୋକେସନାଲ୍ ଷ୍ଟଡିଜ), ଟ୍ରାଭେଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିବିଏ, ଏମବିଏ ଆଦି ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପଢ଼ାଯିବା ସକାଶେ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଇଗ୍ନୋ ପକ୍ଷରୁ ପ୍ରଦାନ କରାଯାଉଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା (ଡିଇସିଇ) ପାଠ୍ୟକ୍ରମର ପାଠ୍ୟ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି, ଯାହାକୁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚନ କରିଛନ୍ତି। ପୂର୍ବରୁ ଇଗ୍ନୋ ଦ୍ୱାରା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମକୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ପ୍ରଦାନ କରାଯାଉଥିଲା, ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ମଧ୍ୟ ପ୍ରଦାନ କରାଯିବ। ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ ହେଉଛି ବର୍ଷିକିଆ କୋର୍ସ। ଶିକ୍ଷାର୍ଥୀମାନେ ଯୁକ୍ତ ଦୁଇ ପରେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏହି ପାଠ୍ୟକ୍ରମରେ ମୁଖ୍ୟତଃ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ଉପରେ ଶିକ୍ଷା ପ୍ରଦାନ କରାଯିବ। ପାଠ୍ୟପୁସ୍ତକ ସହ ଶିକ୍ଷାର୍ଥୀମାନଙ୍କୁ ଅଡିଓ କ୍ୟାସେଟ ଓ ଭିଡିଓ ଟ୍ୟୁଟୋରିଆଲ ମଧ୍ୟ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଇଗ୍ନୋ ପକ୍ଷରୁ ପ୍ରାରମ୍ଭିକ ଶିଶୁଯତ୍ନ ଓ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷକରି ଆମ ବାଲ୍ ବାଟିକା ଓ ଅଙ୍ଗନବାଡ଼ିରେ କାର୍ଯ୍ୟ କରୁଥିବା କର୍ମୀ ଓ ପ୍ରଶିକ୍ଷକମାନେ ନିଜକୁ ଉକ୍ତ ପାଠ୍ୟକ୍ରମରେ ପଞ୍ଜିକୃତ କରି ଉପକୃତ ହୋଇପାରିବେ। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ହେବା ଦ୍ୱାରା ସମସ୍ତେ ପାଠ୍ୟକ୍ରମକୁ ଅତି ସହଜ ଓ ସରଳ ପଦ୍ଧତିରେ ପଢ଼ିପାରିବେ ବୋଲି ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଇଗ୍ନୋ ଦ୍ୱାରା ପ୍ରଦତ୍ତ ପାଠ୍ୟକ୍ରମ ନିଶ୍ଚିତ ରୂପେ ଆମ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, କର୍ମୀ ଓ ପ୍ରଶିକ୍ଷକଙ୍କ ଦକ୍ଷତା ବିକାଶ କରିପାରିବ। ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତିକୁ ମାତୃଭାଷାରେ ପ୍ରଚଳନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଛି। ମାତୃଭାଷାରେ ଶିକ୍ଷା ଲାଭ କଲେ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶ ହୋଇପାରିବ ବୋଲି ଶ୍ରୀ ସୂରଜ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଇଗ୍ନୋ କୁଳପତି ପ୍ର. ଉମା କାଞ୍ଜିଲାଲ ଉପସ୍ଥିତ ଥିଲେ।

### ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

## ତୁଷାର, ସନ୍ଦୀପ, ଦେବୀ, ସର୍ବେଶ୍ୱର, ସୁଜିତ, ମନ୍ଦାକିନୀଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ) : ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ଯୁଗ୍ମସମ୍ପାଦକ ସଂଜୀବ ବିଶ୍ୱାଳ ଡକ୍ଟର ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ସାମ୍ବାଦିକଙ୍କ ମଧ୍ୟରେ ସୌଖିନ ବଂଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବାହୁକୁସ୍ତିରେ ୭୫ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ ନନ୍ଦ, ରଂଜନ ରାୟ ଏବଂ ୭୫ କିଲୋଗ୍ରାମରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଂଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ବଂଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଂଜନ ରାୟ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ଜିତିଥିଲେ।

ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ବିବେଚିତ ହୋଇ ଦ୍ୱିମୁକୁଟ ସହ ଯୁଗଳ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ। ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ବେଣୁଧର ଦାସ, ବିମଳ ରାଉଳ, ମନୋରଂଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ କରାଟେ ସ୍କୁଲ୍‌ର ମୁଖ୍ୟ ଡକ୍ଟର ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଫଟୋ ସାମ୍ବାଦିକ ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖି, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ସଂଚାଳନ କରିଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



- ୨ ବହୁତଳ ପ୍ରାସାଦ ସମେତ ୪ କୋଠା; ୪ ଦାମୀ ପ୍ଲଟ୍ ଠାବ
- ପ୍ରାୟ ୫୨ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଓ ଡାକଘର ଜମା
- ସହକାରୀ ଯନ୍ତ୍ରୀ ଥିବା ସମୟରେ ଆସିଥିଲା ଅନିୟମିତତା ଅଭିଯୋଗ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ଇଞ୍ଜିନିୟର। ଅନୁଗୁଳ ଜିଲ୍ଲା ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ରହିଥିବା ବେଳେ ଆଜି ସକାଳେ ତାଙ୍କ ସହ ଜଡ଼ିତ ଭୁବନେଶ୍ୱର, ରାଉରକେଲା, ଅନୁଗୁଳ, ସୁନ୍ଦରଗଡ଼ ଓ ଗଞ୍ଜାମ ସମେତ ମୋଟ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଶ୍ରୀ ବେହେରାଙ୍କ ନାମରେ ୨ଟି ବହୁତଳ ପ୍ରାସାଦ ସମେତ ମୋଟ ୪ଟି କୋଠା ସହ ୪ଟି ଦାମୀ ପ୍ଲଟ୍ ଏବଂ ଲକ୍ଷାଧିକ ନଗଦ ଟଙ୍କା ଠାବ କରାଯାଇଛି। ସୁନ୍ଦରଗଡ଼ରେ ତିନି ମହଲା ଘର, ରାଉରକେଲା ଛେଣ୍ଡରେ ଦୁଇ ମହଲା ଘର, ଭୁବନେଶ୍ୱର ଘାଟିକିଆ ଅରୋଭିଲାରେ ଦୁଇଟି ଫ୍ଲାଟ୍, ଅନୁଗୁଳର ଏକାଧିକ ଠିକଣାରେ ଭିଜିଲାନ୍ସ ଟିମ୍ ଯାଞ୍ଚ୍ କରୁଛି। ଚଢ଼ାଉରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର ଓ ୪ ଜଣ ଏଏସଆଇ ସାମିଲ ଅଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ରହିଥିବା ଅଭିଯୋଗ ନେଇ ଶ୍ରୀ ବେହେରା କିଛି ବି କହିନାହାନ୍ତି। ସୁନ୍ଦରଗଡ଼ରେ ଆଇଟିଡିଏ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ ଶ୍ରୀ ବେହେରା ଗତ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ସମୟରେ ମଧ୍ୟ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ରହିଥିଲା। କାମ ନ କରି ବିଲ ଉଠାଇନେବା, ଫଲ୍ସ ବିଲ କରିବା, ଟେଣ୍ଡର ନ କରି କୋଟି କୋଟି ଟଙ୍କାର କାମ ନିଜ ସମ୍ପର୍କୀୟଙ୍କୁ ଦେବା ଭଳି ଅଭିଯୋଗ ରହିଥିଲା। ଏପରିକି ସେତେବେଳେ ଆଇଟିଡିଏ ବିଭାଗରେ ହୋଇଥିବା ଦୁର୍ନୀତି ବିରୋଧରେ ତଦନ୍ତ ପାଇଁ ପୂର୍ବତନ ବିଧାୟିକା କୁସୁମ ଟେଟେ ମଧ୍ୟ ଲୋକପାଳଙ୍କୁ ଚିଠି ଲେଖିଥିଲେ। ଚଢ଼ାଉ ସମୟରେ ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୧ ଲକ୍ଷ ୨୫ ହଜାର ଟଙ୍କା ଓ ୩ଟି ଦୁଇଚକିଆ ଗାଡ଼ି ରହିଛି। ଭୁବନେଶ୍ୱରର ଘାଟିକିଆସ୍ଥିତ ଆକ୍ସିସ୍ ବ୍ୟାଙ୍କ୍‌ରେ ଶ୍ରୀ ବେହେରାଙ୍କ ଜନୈକ ସମ୍ପର୍କୀୟଙ୍କ ନାମରେ ଏକ ଲକର୍ ରହିଛି। ବିଭିନ୍ନ ବ୍ୟାଙ୍କ୍ ଓ ଡାକଘରେ ଶ୍ରୀ ବେହେରା ଓ ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ନାମରେ ପାଖାପାଖି ୫୨ ଲକ୍ଷ ଟଙ୍କାର ଜମା ରହିଛି। ଏହାଛଡ଼ା ତାଙ୍କ ଘରେ ୧୭.୪୩ ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଭିଜିଲାନ୍ସ ଚଢ଼ାଉ ସମୟରେ ସ୍ପଷ୍ଟହୋଇଛି। ତାଙ୍କ ନାମରେ ଥିବା ୪ଟି ପ୍ଲଟ୍ ମଧ୍ୟରୁ ୨ଟି ଗଞ୍ଜାମର ପୁରୁଷୋତ୍ତମପୁରରେ ଏବଂ ଅନ୍ୟ ଦୁଇଟି ସୁନ୍ଦରଗଡ଼ ଓ ରାଉରକେଲାରେ ରହିଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ବେହେରାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ତାଲିକା ଆହୁରି ଲମ୍ବା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ୭ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର/ଖୋର୍ଦ୍ଧା ରୋଡ୍, ୧୮।୮(ସଂଚାର ବ୍ୟୁରୋ): କର୍ତ୍ତବ୍ୟ ପ୍ରତି ରେଳ କର୍ମଚାରୀ ମାନଙ୍କ ଉଲ୍ଲେଖନୀୟ ସମର୍ପଣ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସାତ ଜଣ ରେଳ କର୍ମଚାରୀଙ୍କୁ ଆଜି ନିରାପଦ ଏବଂ ଦକ୍ଷ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବାରେ ସେମାନଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି । ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ / ଭିତ୍ତିଭୂମି ଶୁଭ୍ରଜ୍ୟୋତି ମଣ୍ଡଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା କର୍ମଚାରୀଙ୍କୁ ପୁରସ୍କୃତ କରିଛନ୍ତି ।

ନିଷ୍ଠାପର ରେଳ କର୍ମଚାରୀମାନଙ୍କ ମଧ୍ୟରେ ହୁମ୍ମା ଷ୍ଟେସନରେ କାର୍ଯ୍ୟରତ ଟ୍ରେନ ପଏଣ୍ଟସମ୍ୟାନ୍ ପ୍ରଦ୍ୟୁମ୍ନ କୁମାର ପଣ୍ଡା, କାଇପଦରରେ କାର୍ଯ୍ୟରତ ଟ୍ରେନ ପଏଣ୍ଟସମ୍ୟାନ୍ ଧୂଳିରାମ ଜେନା, ଖୋର୍ଦ୍ଧା ରୋଡ଼ ମେମୁ କାର ସେଡ୍ ରେ କାର୍ଯ୍ୟରତ ସିନିୟର ଟେକ୍ନିସିଆନ୍ ଅଜୟ କୁମାର ଜେନା, ଖୋର୍ଦ୍ଧା ରୋଡ଼ ଷ୍ଟେସନରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ପ୍ରକାଶ ଚନ୍ଦ୍ର ଦଳବେହେରା, ଜୋରନ୍ଦା ରୋଡ୍‌ରେ କାର୍ଯ୍ୟରତ କି-ମ୍ୟାନ ବିଜୟ କୁମାର ବେହେରା, କେନ୍ଦୁଆପଦାରେ ଟ୍ରାକ୍ ମେଣ୍ଟେନାର୍-୪ ଭାବେ କାର୍ଯ୍ୟରତ ଷ୍ଟାଲିନ୍ ଦାସ ଓ ଟ୍ରାକ୍ ମେଣ୍ଟେନାର୍-୩ ମିହିର କୁମାର ରାଉତଙ୍କୁ ସେମାନଙ୍କର ତତ୍ତ୍ୱାବଧାନରେ ଟ୍ରେନଗୁଡ଼ିକର ସୁଗମ ଏବଂ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ତ୍ୱରିତ ଚିନ୍ତାଧାରା ଏବଂ ସକ୍ରିୟ କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା । ଏହି କର୍ମଚାରୀମାନଙ୍କୁ ନିୟମିତ କର୍ତ୍ତବ୍ୟ ସମୟରେ ସେମାନଙ୍କର ତ୍ୱରିତ ଏବଂ ସକ୍ରିୟ କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା, ଯାହା ନିରନ୍ତର ଟ୍ରେନ ଚଳାଚଳ ଏବଂ ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

## ଓଡ଼ିଶାରେ ବିଶାଳ ଷ୍ଟିଲ ପ୍ଲାଣ୍ଟ ପାଇଁ ଜେଏସଡବ୍ଲୁ-ପୋସ୍କୋ ଚୁକ୍ତି ସ୍ୱାକ୍ଷରିତ

### ସୃଷ୍ଟି ହେବ ନିଯୁକ୍ତି ସୁଯୋଗ




ଭୁବନେଶ୍ୱର,୧୮।୮: ଜେଏସଡବ୍ଲୁ ଷ୍ଟିଲ ଲିମିଟେଡ ଓ ଦକ୍ଷିଣ କୋରିଆର ପୋସ୍କୋ ଗ୍ରୁପ ଭାରତରେ ୬ ମିଲିୟନ ଟନ ପ୍ରତି ବର୍ଷ (ଏମଟିପିଏ) କ୍ଷମତା ସମ୍ପନ୍ନ ଏକ ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ପାଇଁ ୫୦:୫୦ ଯୁଗ୍ମ ଉଦ୍ୟୋଗରେ ଏକ ଅବାଧ୍ୟ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ମୁମ୍ବାଇରେ ସ୍ୱାକ୍ଷରିତ ହୋଇଛି, ଯାହା ୨୦୨୪ ଅକ୍ଟୋବରରେ ସ୍ୱାକ୍ଷରିତ ଏକ ସ୍ମାରକପତ୍ର (ଏମଓୟୁ)କୁ ଅନୁସରଣ କରେ। ଉଭୟ କମ୍ପାନୀ ଏବେ ପ୍ଲାଣ୍ଟର ଅବସ୍ଥାନ, ନିବେଶ ସର୍ତ୍ତ, ସମ୍ବଳ ଉପଲବ୍ଧତା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ନିର୍ଦ୍ଧାରଣ ପାଇଁ ଏକ ବିସ୍ତୃତ ସମ୍ଭାବ୍ୟତା ଅଧ୍ୟୟନ କରିବେ। ଓଡ଼ିଶାର ପ୍ରାକୃତିକ ସମ୍ବଳ ଓ ଲଜିଷ୍ଟିକ ସୁବିଧା ହେତୁ ଏହା ମୁଖ୍ୟ ଅବସ୍ଥାନ ଭାବେ ବିବେଚିତ ହେଉଛି। ଜେଏସଡବ୍ଲୁ ଷ୍ଟିଲର ସିଇଓ ଜୟନ୍ତ ଆଚାର୍ଯ୍ୟ କହିଛନ୍ତି, "ଏହି ଭାଗୀଦାରୀ ଜେଏସଡବ୍ଲୁର ପ୍ରମାଣିତ କାର୍ଯ୍ୟକାରିତା ଓ ଦେଶୀୟ ଉପସ୍ଥିତିକୁ ପୋସ୍କୋର ଷ୍ଟିଲ ନିର୍ମାଣରେ ପ୍ରଯୁକ୍ତିଗତ ନେତୃତ୍ୱ ସହ ଏକାଠି କରୁଛି। ଏହା ଘରୋଇ ଓ ରପ୍ତାନୀ ବଜାର ପାଇଁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ଗଢ଼ିବ।" ପୋସ୍କୋ ହୋଲ୍ଡିଂସର ପ୍ରତିନିଧି ନିର୍ଦ୍ଦେଶକ ଓ ସଭାପତି ଲି ଜୁ-ତାଏ କହିଛନ୍ତି, "ଭାରତ ବିଶ୍ୱ ଷ୍ଟିଲ ଚାହିଦାର ଭବିଷ୍ୟତ ପାଇଁ କେନ୍ଦ୍ରସ୍ଥଳ। ଏହି ସହଯୋଗ ଭାରତର ଶିଳ୍ପ ବିକାଶକୁ ସମର୍ଥନ କରିବ ଓ ଉଭୟ ସଂସ୍ଥା ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବ।" ଏହି ପ୍ରକଳ୍ପ ଓଡ଼ିଶାରେ ଶିଳ୍ପ ବିକାଶ ଓ ରୋଜଗାର ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି।

# ବିଜେପିରେ ସାମିଲ ହେଲେ ଶତାଧିକ ବିଜେଡି ନେତା ଓ କର୍ମୀ

- ଯୋଗଦେଲେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ
- ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଲେ ରାଜ୍ୟ ପ୍ରଭାରୀ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ବିଜେଡି ଉପରୁ ଆସ୍ଥା ହରାଇ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ରାଜ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ସହ ସମିତି ସଭ୍ୟ ଅଶ୍ରୁମତି ସାହୁ, ପ୍ରଦୀପ ନାୟକ, ଭାଗବତ ନାୟକ, ଉତମ ଚନ୍ଦ୍ର ବେହେରା, ଦ୍ରୁପଦୀ ମହନ୍ତ, ସଞ୍ଜୁ ମହନ୍ତ, ଜମ୍ମୁ ନାୟକ, ଜୟନ୍ତି ନାଏକ, ଚନ୍ଦ୍ରମଣି ପାତ୍ର, ଗୋଲକ ବିହାରୀ ନାଏକ ଏବଂ ସରପଞ୍ଚ ଝୁମିତା ନାୟକ, ଭାମମଣି ଦାଶ, ରାଉତ ମୁଣ୍ଡା, ହରିଶଙ୍କର ଦେହୁରୀ, ସୁଲେଖା ନାଏକ, ମମତା ନାଏକ, ହେମଲତା ନାଏକ, ସୁଜାତା ସର୍ଦ୍ଦାର, ସୁଧାଂଶୁ ଶେଖର ନାଏକ, ରକ୍ଷ୍ମାମଣି ନାଏକ, ମୀନାକ୍ଷି ନାଏକ; ୱାର୍ଡ ମେମ୍ବର କାହ୍ନୁ ମୁଣ୍ଡା, ପୁନିଆ ବରିଆ, ତୃତୀୟା ମୁଣ୍ଡା, ନିରଞ୍ଜନ ନାଏକ, ଘନ ମହନ୍ତ, ହରିହର ନାଏକ, ନରତମ ବାରିକ; ବରିଷ୍ଠ ନେତା କନକଲତା ନାଏକ, କାର୍ତିକ ନାୟକ, ଅନାଦି ଚରଣ ମହନ୍ତ ପ୍ରମୁଖ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଆଜି ବିଜେଡି ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି।

ସେହିପରି ସାହାରପଡ଼ା ବ୍ଲକର ସମିତି ସଭ୍ୟ ଦିପୁ ମହନ୍ତ, ପରେଶ ଚନ୍ଦ୍ର ସେଠୀ, ଲଳିତ ମୁଣ୍ଡା, ରିନୁ ମୁଣ୍ଡା, ଟିପୁନାଥ ହୋ, ନିରଞ୍ଜନ ଲୋହର, ଅଞ୍ଜୁଲତା ନାଏକ, ବୀରବର ମାଝୀ ଏବଂ ସରପଞ୍ଚ ବିଜୁ ନାଏକ, ଜଳଧର ନାଏକ; ବରିଷ୍ଠ ନେତା ସତ୍ୟନାରାୟଣ ନାଏକ, ସୁକାନ୍ତି ମୁଣ୍ଡା, ବିରଞ୍ଚି ନାଏକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଓ ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଫଟୋଗ୍ରାଫି ଦିବସ ଆଜି

ଭୁବନେଶ୍ୱର, ୧୮।୮(ସଂଚାର ବ୍ୟୁରୋ): ଉତ୍କଳ ଫଟୋଗ୍ରାଫି କ୍ଲବ, ଭୁବନେଶ୍ୱର ୧୯ ତାରିଖରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଓ ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୭ଦିନ ବ୍ୟାପୀ ଏକ ଫଟୋଚିତ୍ର ପ୍ରଦର୍ଶନୀ "ଚିତ୍ର ବର୍ଣ୍ଣାଳୀ-୨୦୨୫" ଲଳିତକଳା ଏକାଡେମୀ, ୟୁନିଟ୍-୩ଠାରେ ଅପରାହ୍ନ ୫ ଘଟିକା ସମୟରେ ଉଦଘାଟିତ କରିବାକୁ ଯାଉଛି। ଅଗଷ୍ଟ ୨୦ରୁ ୨୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଫଟୋ ପ୍ରଦର୍ଶନୀ ଗ୍ୟାଲେରୀ ଦିନ ୧୧ଟାରୁ ରାତ୍ର ଘ.୭.୩୦ ମିନିଟ୍ ପର୍ଯ୍ୟନ୍ତ ଫଟୋପ୍ରେମୀ ଦର୍ଶକମାନଙ୍କ ପାଇଁ ଖୋଲା ରହିବ। ପ୍ରଦର୍ଶନୀ ପରିଦର୍ଶନ ଦେୟମୁକ୍ତ ଅଟେ। ଏହି ଫଟୋଚିତ୍ର ପ୍ରଦର୍ଶନୀରେ ଜୀବନର ପ୍ରକୃତିର ବନ୍ୟପ୍ରାଣୀ ମାନଙ୍କର ନିଚ୍ଛକ ଚିତ୍ର ପ୍ରଦର୍ଶନ ହେବ। ଏହି ଫଟୋଚିତ୍ର ପ୍ରଦର୍ଶନୀରେ ବଛାବଛା ନାମକରା ଅଠରଜଣ ଫଟୋଗ୍ରାଫର ମାନଙ୍କର ଦୁଇଶହରୁ ଅଧିକ ଫଟୋ ଚିତ୍ର ପ୍ରଦର୍ଶିତ ହେବ। ଉଦଘାଟନୀ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ, ସୁଲୋଚନା ଦାସ- ମେୟର, ଭୁବନେଶ୍ୱର ମହାନଗର ନିଗମ, ଅନନ୍ତ ନାରାୟଣ ଜେନା, ବିଧାୟକ ଭୁବନେଶ୍ୱର (ମଧ୍ୟ) ଓ ଅରୁପ ପଟ୍ଟନାୟକ- ପୂର୍ବତନ ପୋଲିସ୍ କମିଶନର, ମୁମ୍ବାଇ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପତ୍ନୀହନ୍ତାକୁ ଆଜୀବନ ଜେଲ

ଭଦ୍ରକ, ୧୮।୮(ସଂଚାର ବ୍ୟୁରୋ): ଅଧିକ ଯୌତୁକ ଦାବି କରି ବିବାହର ୧୪ ବର୍ଷ ପରେ ନିଜ ପତ୍ନୀକୁ ଶାବଳରେ ପିଟି ହତ୍ୟା କରିଥିବା ଧାମନଗର ଥାନା କଲ୍ୟାଣୀ ଗ୍ରାମର ବିରେନ୍ଦ୍ର ଜେନାଙ୍କ ପୁତ୍ର ଅଜିତ ଜେନାଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଲଗାଯାଇଛି।ରାୟ ଦେଇଛନ୍ତି ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ ପ୍ରଭାତ ରଞ୍ଜନ ରାୟଗୁରୁ। ତେବେ ସମସ୍ତ ଦଣ୍ଡାଦେଶ ଏକ ସାଥିରେ ଚାଲିବାକୁ ଆଦେଶ ଥିବାରୁ ଅଭିଯୁକ୍ତ ସ୍ୱାମୀ ଆଜୀବନ ଜେଲ ଚାରିକାନ୍ଥ ମଧ୍ୟରେ ଜୀବନ ବିତେଇବ। ଘଟଣାରୁ ପ୍ରକାଶ ଯେ, ଧାମନଗର ଥାନା ଅନ୍ତର୍ଗତ ବନ୍ଧଟିଆ ଗ୍ରାମର ଯୋଗେନ୍ଦ୍ର ଜେନାଙ୍କ କନ୍ୟା ଆରତୀ ଗତ ପ୍ରାୟ ୧୪ ବର୍ଷ ତଳେ ଯାଜପୁର ଜିଲ୍ଲାର ମଙ୍ଗଳପୁର ଅଞ୍ଚଳର ଅଭିଯୁକ୍ତ ଅଜିତକୁ ବିବାହ କରିଥିଲା। ବିବାହ ବେଳେ ସେ ବର ଘର ପକ୍ଷରୁ ଦାବି ମୁତାବକ ୨୦ହଜାର ଟଙ୍କା, ପରେ ପୁଣି ୩୦ ହଜାର ଟଙ୍କା ଦେବା ପରେ ବି ଅଜିତ ପୁଣି ଏକ ମୋଟର ସାଇକେଲ ଯୌତୁକ ଦାବି କରିଥିଲା। ମାତ୍ର ନଗଦ ଟଙ୍କା ନ ଥିବାରୁ ଅଜିତ ଫାଇନାନ୍ସରେ ଏକ ମୋଟର ସାଇକେଲ ଆଣିଥିଲା, ଯାହାର କିସ୍ତି ମଧ୍ୟ ସେ ଦେଇଥିଲେ। ଉଭୟଙ୍କର ୨ ଗୋଟି ଝିଅ ଓ ଗୋଟିଏ ପୁଅ ମଧ୍ୟ ଅଛନ୍ତି। ଦୋଷୀ ସାବ୍ୟସ୍ତ ଅଜିତର ପୈତୃକ ଘର ଯାଜପୁର ଜିଲ୍ଲାର ମଙ୍ଗଳପୁର ଅଞ୍ଚଳର ହୋଇ ଥିଲେ ବି ବିବାହର ୪ ମାସ ପରେ ନିଜର ପିଉସୀ ଘର କଲ୍ୟାଣୀ ଗ୍ରାମରେ ଉଠି ଆସି ରହିଥିଲା। ଗତ ୨୦୧୭ ମସିହା ଅଗଷ୍ଟ ମାସ ୧୬ ତାରିଖରେ ଯୋଗେନ୍ଦ୍ର ଖବର ପାଇଲେ ତାଙ୍କ କନ୍ୟା ଆରତିକୁ ତାର ସ୍ୱାମୀ ଅଜିତ ଶାବଳରେ ପିଟି ମୁଣ୍ଡ ଫଟାଇ ଦେଇ ସଜ୍ଞା ହିନ କରି ଦେଇଛି। ପଡୋଶୀମାନେ ତାକୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଇଥିଲା। ମାତ୍ର ସେଠାରେ ଡାକ୍ତର ଆରତିଙ୍କୁ ମୃତ ଘୋଷଣା କରିଥିଲେ।

# ମଧୁମେହ, ଉଚ୍ଚ ରକ୍ତଚାପ ରୋକିବାକୁ କେନ୍ଦ୍ରର ପଦକ୍ଷେପ




ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଅଣ ସଂକ୍ରାମକ ରୋଗ ତାଲିକାରେ ଥିବା ମଧୁମେହ ଓ ଉଚ୍ଚ ରକ୍ତଚାପକୁ ରୋକିବାପାଇଁ କେନ୍ଦ୍ର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ୩୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଠାରେ ଏହି ରୋଗ ଚିହ୍ନଟ ସହିତ ତାହାକୁ ଚିକିତ୍ସାସେବ ଯୋଗାଇ ଦେବାପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ସରକାରୀ ସ୍ତରରେ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଣ ପାଇଁ ବି ତ୍ୱରିତ ପଦକ୍ଷେପ ନିଆଯାଉଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଚଳିତବର୍ଷ ଫେବୃୟାରୀ ୨୦ ରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଅଣ ସଂକ୍ରାମକ ରୋଗ ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେହିଭଳି ଚଳିତ ବର୍ଷର ପ୍ରଥମ ଛଅ ମାସରେ ଦେଶରେ ପଞ୍ଜିକୃତ ପ୍ରାୟ ୧କୋଟି ୧୨ ଲକ୍ଷ ଉଚ୍ଚ ରକ୍ତଚାପ ରୋଗୀ ଓ ୬୪ଲକ୍ଷରୁ ଅଧିକ ମଧୁମେହ ରୋଗୀ ଚିକିତ୍ସିତ ହେଉଛନ୍ତି ।

ରୋଗୀଙ୍କ ସ୍ୱାସ୍ଥ୍ୟସେବା ଯୋଗାଇବା ଯଦିଓ ରାଜ୍ୟ ସରକାରଙ୍କ ଦାୟିତ୍ୱ ତେବେ ମଦୁମେହ, ଉଚ୍ଚ ରକ୍ତଚାପ ଭଳି ଅଣସଂକ୍ରାମକ ରୋଗକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୭୭୦ ଜିଲ୍ଲାରେ ୨୩୩ଟି ହୃଦରୋଗ ଚିକିତ୍ସା ୟୁନିଟ୍ ଏବଂ ୬୪୧୦ଟି ଏନସିଡି କ୍ଲିନିକ ପ୍ରତିଷ୍ଠା କରାଯାଇଛି । ଏଠାରେ ଅଣସଂକ୍ରାମକ ରୋଗୀମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସାସେବା ଯୋଗାଇ ଦିଆଯାଉଛି । ଲୋକମାନଙ୍କର ବଦଳୁଥବା ଜୀବନଶୈଳୀ ପାଇଁ ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ରୋଗ ଅଧିକ ସଂଖ୍ୟାରେ ଦେଖାଯାଉଥିବାରୁ ଏଥିପାଇଁ ଜିଲ୍ଲା ସ୍ତରରେ ଥିବା ଏନ୍‌ସିଡି କ୍ଲିନିକ୍‌ରେ ପରାମର୍ଶଦାତାଙ୍କୁ ନିଯୁକ୍ତି ଦିଆଯାଉଛି । ଏ ନେଇ ଲୋକଙ୍କୁ ସଚେତନତା ପାଇଁ ଯୋଜନା ହେଉଥିବାବେଳେ ମେଡିକାଲ ଅଫିସର ଓ ଷ୍ଟାଫନର୍ସମାନେ ଅଣସଂକ୍ରାମକ ରୋଗୀଙ୍କୁ ଚିକିତ୍ସାପାଇଁ ଆସିବା ସମୟରେ ସେମାନଙ୍କୁ ଜୀବନଶୈଳୀ ବାବଦରେ ବୁଝାଇବେ । ଆଶାକର୍ମୀମାନେ ଘରକୁ ଘର ବୁଲି ଲୋକଙ୍କର ତାଲିକା ପ୍ରସ୍ତୁତ କରିବେ । ରୋଗୀମାନଙ୍କୁ ଖାଦ୍ୟ, ଜୀବନଚର୍ଯ୍ୟା, ସେମାନେ କିଭଳି ନିଶାଠାରୁ ଦୂରେଇ ରହିବେ ସେ ସଂକ୍ରାନ୍ତରେ ପରାମର୍ଶ ଦେବାପାଇଁ ସ୍ୱାସ୍ଥ୍ୟ ଅଧିକାରୀ, ଏଏନ୍‌ଏମ୍, ଆଶାକର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯିବ । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

SANCHAR
ସଂଚାର



# ସିପି ରାଧାକ୍ରିଷ୍ଣନ: ଏକ ନୂତନ ଅଧ୍ୟାୟର ଆରମ୍ଭ

ଭାରତର ରାଜନୀତିରେ ଏକ ନୂତନ ମୋଡ଼ ଆସିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ମହାରାଷ୍ଟ୍ରର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏହି ଘୋଷଣା ଅଗଷ୍ଟ ୧୮, ୨୦୨୫ରେ ହୋଇଛି, ଯାହା ବର୍ତ୍ତମାନର ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ପରେ ଆସିଛି। ସେପ୍ଟେମ୍ବର ୯, ୨୦୨୫ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏହି ନାମାଙ୍କନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ନାମାଙ୍କନକୁ ସ୍ୱାଗତ କରିଛନ୍ତି ଏବଂ ରାଧାକୃଷ୍ଣନନଙ୍କ ଅନୁଭବ ଓ ସେବାକୁ ପ୍ରଶଂସା କରିଛନ୍ତି। ସି.ପି. ରାଧାକୃଷ୍ଣନନ୍, ଯାହାଙ୍କର ପୂର୍ଣ୍ଣ ନାମ ଚନ୍ଦ୍ରପୁରମ୍ ପୋନ୍ନୁସାମୀ ରାଧାକୃଷ୍ଣନ, ୧୯୫୭ ଅକ୍ଟୋବର ୨୦ରେ ତାମିଲନାଡୁର ତିରୁପୁରରେ ଜନ୍ମଗ୍ରହଣ କରିଥିଲେ। ସେ ବ୍ୟବସାୟ ପ୍ରଶାସନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ରାଜନୀତିରେ ତାଙ୍କର ଯାତ୍ରା ୧୯୭୪ରେ ଆରଏସଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)ରେ ଯୋଗଦାନ ଦେଇ ଆରମ୍ଭ ହୋଇଥିଲା। ପରେ ସେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟ ହୋଇଥିଲେ। ୧୯୯୬ରେ ବିଜେପି ତାମିଲନାଡୁର ସଚିବ ଭାବେ ନିଯୁକ୍ତ ହୋଇଥିଲେ।

ରାଧାକ୍ରିଷ୍ଣନଙ୍କ ରାଜନୈତିକ କ୍ୟାରିୟର ଅତ୍ୟନ୍ତ ପ୍ରଭାବଶାଳୀ। ସେ ୧୯୯୮ ଏବଂ ୧୯୯୯ରେ କୋଇମ୍ବାଟୁରରୁ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସଂସଦରେ ସେ ଟେକ୍ସଟାଇଲ ସମ୍ବନ୍ଧୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ, ପିଏସୟୁ କମିଟିର ସଦସ୍ୟ ଏବଂ ଅର୍ଥ ପରାମର୍ଶଦାତା କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୦୪ରେ ସେ ଭାରତର ପ୍ରତିନିଧିତ୍ୱରେ ଜାତିସଂଘ ସାଧାରଣ ସଭାରେ ଯୋଗ ଦେଇଥିଲେ ଏବଂ ତାଇୱାନ୍କୁ ପ୍ରଥମ ଭାରତୀୟ ସଂସଦୀୟ ପ୍ରତିନିଧିମଣ୍ଡଳର ଅଂଶ ଥିଲେ। ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ବିଜେପି ତାମିଲନାଡୁର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ ସେ ୧୯,୦୦୦ କିଲୋମିଟରର ରଥଯାତ୍ରା ଆରମ୍ଭ କରିଥିଲେ, ଯାହା ୯୩ ଦିନ ଚାଲିଥିଲା ଏବଂ ନଦୀ ଯୋଡ଼ିବା, ଆତଙ୍କବାଦ ବିରୋଧ, ଏକରୂପ ନାଗରିକ ସଂହିତା, ଅସ୍ପୃଶ୍ୟତା ବିରୋଧ ଏବଂ ନିଶାଖାଦ୍ୟ ନିୟନ୍ତ୍ରଣ ଭଳି ବିଷୟଗୁଡ଼ିକୁ ଉଠାଇଥିଲା। ଏହା



ସହିତ ସେ ଅନେକ ପଦଯାତ୍ରା କରି ସାମାଜିକ କାରଣଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି।

୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ସେ ବିଜେପିର ଅଲ୍-ଇଣ୍ଡିଆ ଇନ୍-ଚାର୍ଜ ଭାବେ କେରଳରେ କାର୍ଯ୍ୟ କରିଥିଲେ। ପରେ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ କତା ବୋର୍ଡର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଭାରତୀୟ କତା ରପ୍ତାନିକୁ ରେକର୍ଡ ୨,୫୩୨ କୋଟି ଟଙ୍କାକୁ ବଢ଼ାଇଥିଲେ। ରାଜ୍ୟପାଳ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟ ଉଲ୍ଲେଖନୀୟ। ୨୦୨୩ରେ ଝାଡ଼ଖଣ୍ଡର ରାଜ୍ୟପାଳ ହେବା ପରେ ସେ ଚାରି ମାସ ଭିତରେ ସମସ୍ତ ୨୪ ଜିଲ୍ଲା ପରିଦର୍ଶନ କରି ନାଗରିକ ଏବଂ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ସେ ତେଲଙ୍ଗାନାର ଅତିରିକ୍ତ ରାଜ୍ୟପାଳ ଏବଂ ପୁଡୁଚେରୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୨୪ ଜୁଲାଇ ୩୧ରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି।

ଏହି ନାମାଙ୍କନ ରାଧାକ୍ରିଷ୍ଣନଙ୍କ ଚାରି ଦଶନ୍ଧିର ରାଜନୈତିକ ଅନୁଭବକୁ ମାନ୍ୟତା ଦେଉଛି। ତାମିଲନାଡୁରୁ ଆସିଥିବା ହେତୁ ଏହା ଦକ୍ଷିଣ ଭାରତର ପ୍ରତିନିଧିତ୍ୱକୁ ବଳିଷ୍ଠ କରିବ। ତାଙ୍କର ପ୍ରଶାସନିକ କୁଶଳତା ଏବଂ ଜମିନୀ ସ୍ତରର ସଂଯୋଗ ଉପରାଷ୍ଟ୍ରପତି ପଦବୀ ପାଇଁ ଉପଯୁକ୍ତ। ଏହି ନିର୍ବାଚନରେ ଏନଡିଏର ସମର୍ଥନ ସହିତ ଓ୍ୱାଇଏସଆରସିପି ଭଳି ଦଳଗୁଡ଼ିକର ସମର୍ଥନ ମିଳିବା ଦ୍ୱାରା ତାଙ୍କର ବିଜୟ ସମ୍ଭାବନା ବଢ଼ିଛି।

ଏହି ନାମାଙ୍କନ ଏନଡିଏର ରଣନୀତିକୁ ଦର୍ଶାଉଛି, ଯାହା ଅଭିଜ୍ଞ ନେତାମାନଙ୍କୁ ଉଚ୍ଚ ପଦବୀରେ ସ୍ଥାନ ଦେବାକୁ ଉଦ୍ଦିଷ୍ଟ। ରାଧାକ୍ରିଷ୍ଣନଙ୍କ କ୍ରୀଡ଼ା ପ୍ରତି ଆଗ୍ରହ (ଟେବୁଲ୍ ଟେନିସ୍ ଚ୍ୟାମ୍ପିୟନ୍, ଦୀର୍ଘଦୂର ଦୌଡ଼ବାଜ୍) ଏବଂ ବିଭିନ୍ନ ଦେଶ ଭ୍ରମଣ ତାଙ୍କୁ ଏକ ବହୁମୁଖୀ ବ୍ୟକ୍ତିତ୍ୱ କରିଛି। କୌଣସି ବିବାଦରେ ନ ପଡ଼ିବା ତାଙ୍କର ସ୍ୱଚ୍ଛ ପ୍ରତିଛବିକୁ ବଜାୟ ରଖିଛି। ଉପରାଷ୍ଟ୍ରପତି ଭାବେ ରାଧାକ୍ରିଷ୍ଣନ ରାଜ୍ୟସଭାର ଅଧ୍ୟକ୍ଷତା କରିବେ ଏବଂ ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଦାୟିତ୍ୱ ନିର୍ବାହ କରିବେ। ତାଙ୍କର ନିର୍ବାଚନ ଭାରତୀୟ ରାଜନୀତିରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ସମଗ୍ର ଦେଶବାସୀ ଏହି ନିର୍ବାଚନକୁ ନିରୀକ୍ଷଣ କରୁଛନ୍ତି ଏବଂ ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଦେଶର ଅଗ୍ରଗତି ଆଶା କରୁଛନ୍ତି।

# ଓଡ଼ିଆ ଭାଗବତ: ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ



**ହୃଷୀକେଶ ପାଣିଗ୍ରାହୀ**

ଓଡ଼ିଆ ସାହିତ୍ୟର ଏକ ଅମର ରଚନା ହେଉଛି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ। ଏହା କେବଳ ଏକ ଧର୍ମଗ୍ରନ୍ଥ ନୁହେଁ, ବରଂ ଓଡ଼ିଆ ଜାତିର ସାଂସ୍କୃତିକ ଓ ସାମାଜିକ ଜୀବନର ଏକ ପ୍ରତିବିମ୍ବ। ସଂସ୍କୃତ ଭାଷାରେ ବ୍ୟାସଦେବଙ୍କଦ୍ୱାରା ରଚିତ ଶ୍ରୀମଦ୍ ଭାଗବତ ସାଧାରଣ ଓଡ଼ିଆ ଲୋକଙ୍କ ନିକଟରେ ଅଗମ୍ୟ ଥିଲା। ଜଗନ୍ନାଥ ଦାସ, ଯିଏ ଓଡ଼ିଆ ସାହିତ୍ୟର ପଞ୍ଚସଖାଙ୍କ ମଧ୍ୟରୁ ଜଣେ (ଅଚ୍ୟୁତାନନ୍ଦ ଦାସ, ବଳରାମ ଦାସ, ଶିଶୁ ଅନନ୍ତ ଦାସ ଓ ଯଶୋବନ୍ତ ଦାସଙ୍କ ସହିତ), ଏହି ଗ୍ରନ୍ଥକୁ ସରଳ ଓଡ଼ିଆ ଭାଷାରେ ଅନୁବାଦ କରି ଜନସାଧାରଣଙ୍କୁ ଉପଲବ୍ଧ କରାଇଥିଲେ। ତାଙ୍କ ମାତାଙ୍କ ନିର୍ଦ୍ଦେଶରେ ସେ ଏହାକୁ ପଦ୍ୟରୂପରେ ରଚନା କରିଥିଲେ, ଯାହା ନବାକ୍ଷରୀ ବୃତ୍ତରେ ଲିଖିତ। ପ୍ରଥମେ ତାଳପତ୍ର ପୋଥିରେ ଲେଖାଯାଇଥିବା ଏହି ଗ୍ରନ୍ଥ ଓଡ଼ିଆ ସମାଜରେ ଏକ ଆଧ୍ୟାତ୍ମିକ ବିପ୍ଳବ ସୃଷ୍ଟି କରିଥିଲା। ଏହା କେବଳ ଭକ୍ତିର ପ୍ରଚାର ନୁହେଁ, ବରଂ ସାମାଜିକ ଏକତାର ଏକ ମାଧ୍ୟମ ହୋଇ ଉଠିଥିଲା। ଏହି ଲେଖାରେ ଆମେ ଓଡ଼ିଆ ଭାଗବତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଆଲୋଚନା କରିବୁ।

ଓଡ଼ିଆ ଭାଗବତର ଅତୀତ ଏକ ଗୌରବମୟ ଅଧ୍ୟାୟ। ଜଗନ୍ନାଥ ଦାସ ଏହାକୁ ଷୋଡ଼ଶ ଶତାବ୍ଦୀରେ ରଚନା କରିଥିଲେ, ଯାହା ଓଡ଼ିଆ ଭାଷାରେ ଭକ୍ତି ସାହିତ୍ୟର ଏକ ମାଇଲଖୁଣ୍ଟ। ସଂସ୍କୃତ ଭାଗବତର ଗହନ ତତ୍ତ୍ୱକୁ ସରଳ ଭାଷାରେ ବୁଝାଇ ଦେବା ପାଇଁ ସେ ଏହାକୁ ନବାକ୍ଷରୀ ବୃତ୍ତରେ ଲିଖିଥିଲେ। ଏହି ଗ୍ରନ୍ଥ ଶୀଘ୍ର ଜନପ୍ରିୟ ହୋଇ ଉଠିଥିଲା ଏବଂ ଭାଗବତ ଟୁଙ୍ଗି ପରମ୍ପରାର ଜନ୍ମ ଦେଇଥିଲା। ଏହାର ଗଠନ ଓ ରଚନା ଶୈଳୀ ମଧ୍ୟ ଅନନ୍ୟ। ମୂଳ ସଂସ୍କୃତ ଭାଗବତରେ ୧୨ଟି ସ୍କନ୍ଧ ଥିବା ବେଳେ, ଓଡ଼ିଆ ଭାଗବତରେ ସ୍କନ୍ଧ ସଂଖ୍ୟା ୧୩। କବି ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଅନୁବାଦ କରିଥିବା ବେଳେ, କବି ମହାଦେବ ଦାସ ଦ୍ୱାଦଶ ସ୍କନ୍ଧକୁ ଅନୁବାଦ କରିଛନ୍ତି। ଏହାର ଅବଲମ୍ବନରେ ଦ୍ୱାରିକା ଦାସ ନାମକ ଜଣେ କବି ତ୍ରୟୋଦଶ ସ୍କନ୍ଧ ରଚନା କରି ଏଥିରେ ସଂଯୋଗ କରିଛନ୍ତି। ସଂସ୍କୃତ ଭାଗବତରେ ପ୍ରାୟ ୧୮,୦୦୦ ଶ୍ଳୋକ ଥିବା ବେଳେ, ଓଡ଼ିଆ ଭାଗବତରେ ପଦ ସଂଖ୍ୟା ୭୧,୦୭୭, ଯାହା ସୂଚାଉଛି ଯେ କବି କେବଳ ଅନୁବାଦ କରି ନାହାଁନ୍ତି ବରଂ ନିଜର ମୌଳିକ ଚିନ୍ତାଧାରା ଓ ସଂଯୋଜନା ମଧ୍ୟ କରିଛନ୍ତି। ଏହି ଗ୍ରନ୍ଥରେ ଥିବା ପଦଗୁଡ଼ିକ ଆଜିର ସମାଜ ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ। ପ୍ରଥମ ପଦ "ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ" ଆଧ୍ୟାତ୍ମିକ ଭାବନାର ଆରମ୍ଭ ସୂଚାଉଥିବା ବେଳେ, ଲୋକପ୍ରିୟ ପଦ "ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦୁ ଗଳୁଛି ମକରନ୍ଦ" ଭକ୍ତିର ମଧୁରତାକୁ ବ୍ୟକ୍ତ କରୁଛି। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦ ଯଥା "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ", "ଆପଣା ହସ୍ତେ ଜିହ୍ୱା ଛେଦି, କେ ତା' ର ଅଛି ପ୍ରତିବାଦୀ", "ଦଣ୍ଡିବା ଶକ୍ତି ଯା' ର ଥାଇ, ସେ ପୁଣି କ୍ଷମା ଆଚରଇ" ଏବଂ "ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର" ଆଜି ବି ନୈତିକତା,




କ୍ଷମା ଓ ଗୁରୁଭକ୍ତିର ଶିକ୍ଷା ଦେଉଛି। ଏହି ପଦଗୁଡ଼ିକ ଭାଗବତର ଆଧ୍ୟାତ୍ମିକ ଗଭୀରତାକୁ ସରଳ ଭାଷାରେ ପ୍ରକାଶ କରି ସମାଜକୁ ପ୍ରଭାବିତ କରିଛି।

ପୁରୀର ସାତଲହରୀ ମଠରେ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଏହି ପରମ୍ପରା ଆରମ୍ଭ ହୋଇଥିଲା ଏବଂ କ୍ରମେ ସମଗ୍ର ଓଡ଼ିଶାରେ ବ୍ୟାପି ଯାଇଥିଲା। ସଞ୍ଜ ବେଳେ ଗାଁର ଲୋକେ ଏଠାରେ ମେଳି ହୋଇ ଭାଗବତ, ଓଡ଼ିଆ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣର ଆଲୋଚନା କରୁଥିଲେ। ଏହା ଥିଲା ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କର ଉପାସନା ଘର। ଗ୍ରାମବଧୂମାନେ ଦୀପ ଜାଳୁଥିଲେ, ପିଲାମାନେ ଘଣ୍ଟ, ମୃଦଙ୍ଗ, ଝାଞ୍ଜ ଓ କରତାଳ ବଜାଇ କୀର୍ତ୍ତନ ଓ ଭଜନ କରୁଥିଲେ। ପୁରାଣ ପଣ୍ଡା ଭାଗବତ ପାଠ କରୁଥିଲେ ଏବଂ ଶେଷରେ ପ୍ରସାଦ ବଣ୍ଟନ ହେଉଥିଲା। ଏହି ଟୁଙ୍ଗି କେବଳ ଧର୍ମୀୟ କେନ୍ଦ୍ର ନଥିଲା, ବରଂ ସାମାଜିକ ଓ ଶିକ୍ଷାଗତ କେନ୍ଦ୍ର ମଧ୍ୟ। ପାଠୁଆ-ଅପାଠୁଆ, ଯୁବକ-ବୃଦ୍ଧ ସଭିଏଁ ଏଠାରେ ଏକତ୍ରିତ ହୋଇ ଗାଁର ଅସୁବିଧାଗୁଡ଼ିକର ସମାଧାନ କରୁଥିଲେ। ନ୍ୟାୟ-ନିଶାପ ଏଠାରେ ହେଉଥିଲା, ଯେଉଁଠାରେ ମନାନ୍ତର ଓ କଳିକୁ ମେଣ୍ଟାଇ ଦିଆଯାଉଥିଲା। ପଥଚାରୀ, ସାଧୁସନ୍ଥ, ଜଗନ୍ନାଥଙ୍କ ପୂଜାରୀ, ସରକାରି ଅଧିକାରୀ ଓ ଲୋକନୃତ୍ୟକାରୀମାନେ ଏଠାରେ ଆଶ୍ରୟ ପାଉଥିଲେ। ଏହା ଏକ ଶିକ୍ଷାକେନ୍ଦ୍ର ରୂପେ କାମ କରୁଥିଲା, ଯେଉଁଠାରେ ପିଲାମାନେ ପ୍ରଥମ ବିଦ୍ୟା ଶିଖୁଥିଲେ ଏବଂ ସମସ୍ତେ ନୈତିକ ଶିକ୍ଷା ଓ ସଙ୍ଗୀତର ପ୍ରଶିକ୍ଷଣ ପାଉଥିଲେ। ଏହି ପରମ୍ପରା ଓଡ଼ିଆ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିଥିଲା।

ବର୍ତ୍ତମାନର ଆଧୁନିକ ଯୁଗରେ ଓଡ଼ିଆ ଭାଗବତର ପରମ୍ପରା କ୍ରମଶଃ ଅବଲୁପ୍ତ ହେବାରେ ଲାଗିଛି। ସହରୀକରଣ, ଆଧୁନିକ ବିନୋଦନ ମାଧ୍ୟମ ଓ ଯୁବପିଢ଼ିର ଅନାସକ୍ତି ଯୋଗୁଁ ଭାଗବତ ଟୁଙ୍ଗି ପରମ୍ପରା ବିରଳ ହୋଇଯାଇଛି। ତଥାପି, କେତୋଟି ଗ୍ରାମରେ ଏହା ଏବେ ବି ଜୀବିତ ଅଛି। ଉଦାହରଣ ସ୍ୱରୂପ, ଭଦ୍ରକ ଜିଲ୍ଲାର କୃଷ୍ଣପୁର, କେନ୍ଦୁଝରର ମୌଦା, ବାଲେଶ୍ୱରର ସନ୍ଧାଡୋ, କଟକର ନୂଆପାଟଣା ଓ ନରସିଂହପୁର ଆଦି ଗ୍ରାମରେ ସଞ୍ଜ ବେଳେ ଲୋକେ ଏବେ ବି ମେଳି ହୋଇ ଭାଗବତ ପାଠ କରୁଛନ୍ତି। ଏହି ଅବଶେଷ ଟୁଙ୍ଗିଗୁଡ଼ିକ ଓଡ଼ିଆ ସଂସ୍କୃତିର ଜୀବନ୍ତ ସାକ୍ଷ୍ୟ। ଆଧୁନିକ ସମୟରେ ଭାଗବତ ଡିଜିଟାଲ୍ ମାଧ୍ୟମରେ ଉପଲବ୍ଧ ହେଉଛି, ଯାହା ଏହାର ପ୍ରଚାରରେ ସହାୟକ ହେଉଛି। ତଥାପି, ପାରମ୍ପରିକ ସାମୂହିକ ପାଠର ମହତ୍ତ୍ୱ କମିଯାଉଛି। ଯୁବପିଢ଼ି ଟେଲିଭିଜନ୍, ସୋସିଆଲ୍ ମିଡ଼ିଆ ଓ ଅନ୍ୟାନ୍ୟ ବିନୋଦନରେ ବ୍ୟସ୍ତ ହୋଇପଡ଼ିଛନ୍ତି, ଯାହା ଏହି ପରମ୍ପରାର ଅବକ୍ଷୟକୁ ଆହୁରି ତ୍ୱରାନ୍ୱିତ କରୁଛି।

ଭବିଷ୍ୟତରେ ଓଡ଼ିଆ ଭାଗବତର ସ୍ଥିତି ନିର୍ଭର କରୁଛି ଏହାର ପୁନରୁଦ୍ଧାର ଉପରେ। ଆଧୁନିକ ପ୍ରଯୁକ୍ତି ଯେପରିକି ଅଡ଼ିଓ-ଭିଡ଼ିଓ ରେକର୍ଡିଙ୍ଗ୍, ଅନ୍ଲାଇନ୍ ପ୍ଲାଟଫର୍ମ ଓ ଆପ୍ସ୍ ମାଧ୍ୟମରେ ଏହାକୁ ଯୁବପିଢ଼ି ନିକଟରେ ପହଞ୍ଚାଇବା ଆବଶ୍ୟକ। ସ୍କୁଲ୍ ଓ କଲେଜରେ ଏହାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ନୂତନ ପିଢ଼ିକୁ ପରିଚିତ କରାଇବା ଦରକାର। ଭାଗବତ ଟୁଙ୍ଗିକୁ ପୁନର୍ଜୀବିତ କରିବା ପାଇଁ ସରକାର ଓ ସଂସ୍ଥାଗୁଡ଼ିକ କାର୍ଯ୍ୟକ୍ରମ ଆରମ୍ଭ କରିବା ଉଚିତ୍। ଏହା କେବଳ ଧର୍ମୀୟ ମୂଲ୍ୟବୋଧ ପ୍ରଚାର କରିବ ନାହିଁ, ବରଂ ସାମାଜିକ ଏକତା ଓ ନୈତିକ ଶିକ୍ଷାର ମାଧ୍ୟମ ହେବ। ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଆତ୍ମାର ଏକ ଅଂଶ। ଏହାର ଅତୀତ ଗୌରବମୟ, ବର୍ତ୍ତମାନ ସଂଘର୍ଷପୂର୍ଣ୍ଣ ଏବଂ ଭବିଷ୍ୟତ ଆଶାବାଦୀ। ଏହାକୁ ରକ୍ଷା କରିବା ଆମର ଦାୟିତ୍ୱ। ଗ୍ରାମୀଣ ଅଞ୍ଚଳରେ ଭାଗବତ ଟୁଙ୍ଗିକୁ ପୁନରୁଦ୍ଧାର କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ଡିଜିଟାଲ୍ ପ୍ଲାଟଫର୍ମରେ ଭାଗବତ ପାଠ ଓ କୀର୍ତ୍ତନର ରେକର୍ଡିଙ୍ଗ୍ ଉପଲବ୍ଧ କରିବା ଦ୍ୱାରା ଏହାର ପୁନରୁଦ୍ଧାର କରାଯାଇ ପାରିବ । ଶିକ୍ଷା ବ୍ୟବସ୍ଥାରେ ଭାଗବତ ବାଣୀକୁ ଅନ୍ତର୍ଭୁକ୍ତ କରି ଯୁବପିଢ଼ିକୁ ଆକର୍ଷିତ କରିବା ଏବଂ ସାଂସ୍କୃତିକ ଉତ୍ସବରେ ଭାଗବତ ପରିବେଷଣକୁ ପ୍ରୋତ୍ସାହିତ ଆଦି ପଦକ୍ଷେପଗୁଡ଼ିକ ପୁଣି ଓଡ଼ିଆ ଭାଗବତର ଭବିଷ୍ୟତକୁ ଜୀବନ୍ତ କରି ପାରିବ ।

**ମୌଦା, ହାଟଡିହି, କେନ୍ଦୁଝର**
**ମୋବାଇଲ: ୮୨୪୯୫୮୭୨୦୭**

# କେବେ ପେଟେଣ୍ଟ ହେବ ଶ୍ରୀମନ୍ଦିର ଶବ୍ଦାବଳୀ?



**ପୁଷ୍ପମିତ୍ର ମହାପାତ୍ର**

ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଓଡ଼ିଆ ଜାତିର ଏକ ମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଦାରୁବ୍ରହ୍ମରୂପୀ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସ୍ମରଣାତୀତ କାଳରୁ ଦିବ୍ୟ ନୀଳାଚଳ ଧାମରେ ବିରାଜିତ ପୂର୍ବକ ଉପାସିତ ହୋଇ ଆସୁଛନ୍ତି। ଅବ୍ୟକ୍ତ, ଅଚିନ୍ତ୍ୟ, ଅକଳ୍ପନୀୟ ଏହି ପୂର୍ଣ୍ଣବ୍ରହ୍ମଙ୍କ ସ୍ୱରୂପ ଓ ମୌଳିକତା ସମ୍ବନ୍ଧେ ବହୁ ପୁରାଣ, କିମ୍ବଦନ୍ତୀ, ଇତିହାସ, ଗବେଷକ, ପ୍ରତ୍ନତତ୍ତ୍ୱବିତ୍ମାନେ ବହୁ ବ୍ୟାଖ୍ୟା କରିଥିଲେ ହେଁ ଏହାଙ୍କ ରହସ୍ୟ ତଥା ଅଲୌକିକତା ଏବେ ବି ଅଜ୍ଞାତ ରହିଛି। ସାଧାରଣରେ ଦେଖିବାକୁଗଲେ ମହାପ୍ରଭୁ ଓ ଶ୍ରୀମନ୍ଦିରର ଅନେକ ଶବ୍ଦାବଳୀ ଅନେକଙ୍କୁ ବୋଧଗମ୍ୟ ହୋଇପାରି ନଥାଏ। କାରଣ ଏହା ହେଉଛି ଅତି ପ୍ରାଚୀନ କାଳରୁ ପାରମ୍ପରିକ ପ୍ରଚଳିତ ପାରିଭାଷିକ ଶବ୍ଦ ଯାହା କେବଳ ଶ୍ରୀମନ୍ଦିରରେ ହିଁ ପ୍ରଚଳିତ। ଅର୍ଥଯୁକ୍ତ ଏକ ବା ଏକାଧିକ ଅକ୍ଷରକୁ ଶବ୍ଦ କୁହାଯାଏ। ଯାହାକୁ ଆଧାର କରି ଭାଷା ସୃଷ୍ଟି ହୋଇଥାଏ।

ଆମ ନିତିଦିନିଆ ଜୀବନରେ ସଂସ୍କୃତି ଓ ସମାନ ଅର୍ଥବୋଧକ ଭାବି ଆମେମାନେ ସେହିପରି ଭାଷା ପ୍ରୟୋଗ କରିଥାଉ। ଅନେକ କ୍ଷେତ୍ରରେ ଦେଖାଯାଏ ଉଭୟ ଶବ୍ଦର ନିବିଡ଼ ସମ୍ପର୍କ ରହିଥିଲେ ମଧ୍ୟ ତା ମଝିରେ ଯେ ଏକ ସୂକ୍ଷ୍ମ କିନ୍ତୁ ବ୍ୟାପକ ଅର୍ଥଗତ ପ୍ରାର୍ଥକ୍ୟର ରେଖା ରହିଅଛି। ଅଧିକାଂଶ ଆମେ ଏହାକୁ ଭୁଲିଯାଇଥାଉ। ଆମ ଯର୍ଜୁବେଦ ୭/୧୪ ଅନୁସାରେ 'ସା ପ୍ରଥମା ସଂସ୍କୃତିଃ ବିଶ୍ୱତା।ର' ଅର୍ଥାତ୍ ପ୍ରଜାପତି ବ୍ରହ୍ମା ଯେଉଁ ସୃଷ୍ଟି ରଚନା କଲେ ତାହା ହେଉଛି ସଂସ୍କୃତି। ତେଣୁ ସଂସ୍କୃତି ମଣିଷ ଦ୍ୱାରା ସୃଷ୍ଟ ନୁହେଁ। ମନ, ମସ୍ତିଷ୍କ ସହିତ ଯୋଡ଼ ହୋଇଥିବା ଆଧ୍ୟାତ୍ମିକ, ଓ ଅଲୌକିକ, ପାରମ୍ପରିକ, ଅପରିବର୍ତ୍ତନୀୟ ଜ୍ଞାନ ହିଁ ସଂସ୍କୃତି। ଅନ୍ୟପକ୍ଷରେ ଭୌତିକତା ଉପରେ ଆଧାରିତ ମଣିଷ ବୌଦ୍ଧିକ ଜ୍ଞାନକେନ୍ଦ୍ରିକ ଓ ପରିବର୍ତ୍ତନଶୀଳ ବ୍ୟବସ୍ଥା ହିଁ ସଭ୍ୟତା। ଯୁଗଧର୍ମର ପ୍ରଭାବରେ ମଣିଷର ଆବଶ୍ୟକତା ଅନୁସାରେ ସଭ୍ୟତା ବଦଳି ଚାଲିଥିଲେ ମଧ୍ୟ ସଂସ୍କୃତି ଅପରିବର୍ତ୍ତିତ ହୋଇ ରହିଥାଏ।

ଶ୍ରୀମନ୍ଦିର ଏହାର ନାଁ ଯେପରି ଅନନ୍ୟ ନୀତିକାନ୍ତି ମଧ୍ୟ ଅନ୍ୟ ସମସ୍ତ ମନ୍ଦିର ଠାରୁ ଭିନ୍ନ। ଓଡ଼ିଆ ସାହିତ୍ୟରେ ଏଠାରେ ପ୍ରଚଳିତ ଶବ୍ଦର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ତେଣୁ ଶ୍ରୀମନ୍ଦିରରେ ପ୍ରଚଳିତ ଶବ୍ଦାବଳୀର ସ୍ୱତନ୍ତ୍ରତା ଯେପରି ବଜାୟ ରହିବ, ସେ ଦିଗରେ ଉଦ୍ୟମ ଆରମ୍ଭ କରିଛି ଶ୍ରୀ ମନ୍ଦିର ପ୍ରଶାସନ। ଅର୍ଥାତ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଯାହା ବି ଶବ୍ଦାବଳୀ ରହିଛି ତାହା ପେଟେଣ୍ଟ କରାଯିବାକୁ ନିଆଯାଇଛି ନିଷ୍ପତ୍ତି। ଯେପରିକି ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ଧାମ, ମହାପ୍ରସାଦ, ଶ୍ରୀକ୍ଷେତ୍ର, ପୁରୁଷୋତ୍ତମ ଧାମ, ଶ୍ରୀଜଗନ୍ନାଥଙ୍କ ଲୋଗୋ ଭଳି ସମସ୍ତ ଶବ୍ଦକୁ ପେଟେଣ୍ଟ କରାଯିବା ଫଳରେ ଶ୍ରୀଜଗନ୍ନାଥଙ୍କ ନାଁ, ନୀତିକାନ୍ତି ସହ ଜଡ଼ିତ କୌଣସି ଶବ୍ଦର ଯେପରି ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର ନହେବ ସେ ନେଇ ପେଟେଣ୍ଟ ପ୍ରସ୍ତାବକୁ ନିକଟରେ ଅନୁଷ୍ଠିତ ବୈଠକରେ ଅନୁମୋଦନ ମିଳିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପାଟେଣ୍ଟ ହୋଇ ନଥିବାରୁ ବିଭିନ୍ନ ଅନଲାଇନ ସପିଙ୍ଗ କମ୍ପାନୀ ଅମାନିଆ ହେଉଛନ୍ତି। ସେମାନେ ମହାପ୍ରଭୁଙ୍କ ନୀତିକାନ୍ତି ସହ ବିଭିନ୍ନ ଦ୍ରବ୍ୟ ଯେପରିକି ମହାପ୍ରସାଦ, ଶୁଖିଲା ଭୋଗ, ପତିତପାବନ ବାନା ଆଦିକୁ ଅନଲାଇନରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ଏହି



ସବୁ ପବିତ୍ରତା ନଷ୍ଟ ହେଉଥିବା ଅଭିଯୋଗ ଉଠିଛି। ଏଠାରେ ସୂଚୀତ କରୁଛୁ କି ଯେ ପୂର୍ବରୁ ଲିଙ୍ଗରାଜ ମନ୍ଦିର ଶବ୍ଦାବଳୀ, କେଉଁଝର ଶବ୍ଦାବଳୀ, କେଉଁଝର ବଳଦେବଜୀଉ ଶବ୍ଦାବଳୀ, ପୁରୀ ରାଜନଅର ଶବ୍ଦାବଳୀ, ରଣପୁର ରାଜନହର ଶବ୍ଦାବଳୀ, ନିଆଳି ମାଧବ ଶବ୍ଦାବଳୀ, ଗଞ୍ଜାମ ଶବ୍ଦାବଳୀ ଭଳି ଗ୍ରନ୍ଥମାନ ଏହାକ ପୂର୍ବରୁ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି।

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ବିଭିନ୍ନ ଅନଲାଇନ ସପିଙ୍ଗ କମ୍ପାନୀ, ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ର ବାନା ବିକ୍ରି କରୁଛନ୍ତି। ଅନଲାଇନରେ ଏଭଳି ଶବ୍ଦ କିମ୍ବା ଫଟୋର ବ୍ୟବହାର ନ କରିବାକୁ କୁହାଯାଇଛି। କିନ୍ତୁ ଏଯାଏ ଆଇନ ହୋଇନାହିଁ କି ପେଟେଣ୍ଟ ହୋଇ ନଥିବାରୁ କିଛି ବ୍ୟବସାୟଖୋର ବ୍ୟକ୍ତି ବିଶେଷ ଏହାର ଫାଇଦା ଉଠାଇ ମନଇଚ୍ଛା ଭକ୍ତଙ୍କ ଭାବାବେଗକୁ ବ୍ୟବସାୟର ଅସ୍ତ୍ର ସଜାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ କ୍ଷେତ୍ରରେ ଏକ ସିଣ୍ଡିକେଟ କାମ କରୁଛି। କୌଣସି ବ୍ୟକ୍ତି ବିଶେଷ ଅର୍ଡ଼ର ଅନଲାଇନରେ ଗ୍ରହଣ କରି ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଗ୍ରାହକଙ୍କ ପାଖରେ ପହଞ୍ଚାଇବା କଷ୍ଟକର ବ୍ୟାପାର। ସମ୍ଭବତଃ ଉକ୍ତ ଅନଲାଇନ ସଂସ୍ଥା ଏଠାରେ କିଛି ବ୍ୟକ୍ତିଙ୍କୁ ଏ କ୍ଷେତ୍ରରେ ନିୟୋଜିତ କରିଛି। ସେମାନେ ଏଠାରୁ ମହାପ୍ରସାଦ ନେଇ କୌଣସି ଯାନବାହନରେ ପଠାଉଛନ୍ତି। ମାତ୍ର ଅର୍ଡ଼ର କରିଥିବା ବ୍ୟକ୍ତି ଯେ ବାସ୍ତବରେ ଶ୍ରୀମନ୍ଦିରର ମହାପ୍ରସାଦ ଅର୍ଡ଼ର କରି ପାଉଛି, ସେଥିରେ କିଛି ଗ୍ୟାରେଣ୍ଟି ନାହିଁ।

ଅନ୍ୟପକ୍ଷରେ ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକ ପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏକ ଅନଲାଇନ କମ୍ପାନୀ ପତିତପାବନ ବାନା ମୂଲ୍ୟ ଯାହା ରଖିଛି ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧୫୪୯ ଟଙ୍କା, ଗୋଟିଏ ୧୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଶବ୍ଦାବଳୀର ପେଟେଣ୍ଟ ହେବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଏଯାଏ ହୋଇ ନଥିବାରୁ ଶ୍ରୀମନ୍ଦିର ଶବ୍ଦାବଳୀର ବ୍ୟବହାର କରୁଥିବା ଅନୁଷ୍ଠାନ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। ଶ୍ରୀ ମନ୍ଦିରର ପ୍ରଶାସନ ଏ କ୍ଷେତ୍ରରେ କଠୋରତମ ନୀତି ଅବଲମ୍ବନ କରିବା ଦ୍ୱାରା ଅସାମାଜିକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ଦୁରୁପଯୋଗ କରିପାରିବେ ନାହିଁ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,**
**ମୋବାଇଲ: ୯୪୩୭୨୨୫୬୮୯**

# ସିନ୍ଦୂର

**ଇତିଶ୍ରୀ ଅଲିଭା ଦୀପ୍ତିମୟୀ ରାଉତ**



ଅନେକ ପ୍ରତୀକ୍ଷା ପରେ ଝିଅ ଜୀବନରେ ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ଆସେ, ଯେଉଁଦିନ ତା'ମନର ମଣିଷ ଆସି ତା'ମଥାରେ ସିନ୍ଦୂର ଦେଇ ତାକୁ ପତ୍ନୀ ରୂପରେ ସ୍ୱୀକାର କରେ। ବିବାହ ବେଦୀ, ସାତ ଦୀପ, ଆଠ କଳସ, ଶଙ୍ଖ ମହୁରୀ, ହୁଳହୁଳି, ମୁଠାଏ କଉଡ଼ି, ଭରସା ଦେଇଥିବା ମନଟିଏ ଆଉ ଦୁଇଟି ବିଶ୍ୱାସୀ ହାତ ସବୁକିଛି ପରେ ବି ସିନ୍ଦୂର ପିନ୍ଧାଇବା ହିଁ ଥାଏ ମୁଖ୍ୟ କଥା। ଥରେ ମଥାରେ ସିନ୍ଦୂର ପିନ୍ଧିବା ପରେ ନାରୀ ଭିତରେ ଆସିଥାଏ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ। ସିନ୍ଦୂର ହିଁ ନାରୀକୁ ଦିଏ ସମ୍ମାନର ସହିତ ବଞ୍ଚିବାର ଅଧିକାର। ଖାସ ଏହି ସିନ୍ଦୂର ପାଇଁ ଅନେକ ଦୁଃଖ ଯନ୍ତ୍ରଣା ସହି ବି ସମସ୍ତଙ୍କୁ ଖୁସି ବାଣ୍ଟି ଚାଲିଥାଏ। ଘରକୁ ସ୍ୱର୍ଗ କରି ଗଢ଼ି ତୋଳିବା ପାଇଁ ଏହି ସିନ୍ଦୂର ହିଁ ତାକୁ ସାହାସ ଦେଇଥାଏ। ବିବାହ ପରେ ହିଁ ଝିଅଟିଏ ତା' ସିନ୍ଥା ଆଉ କପାଳରେ ସିନ୍ଦୂର ପିନ୍ଧିଥାଏ। ଏଥିରେ ସ୍ୱାମୀ ଅନୁରକ୍ତି ଆଉ ସ୍ୱାମୀ ପାଇଁ ଦୀର୍ଘ ଜୀବନର କାମନା ସକାଳେ ଗାଧୋଇ ସାରିବା ପରେ ସିନ୍ଥିରେ, କପାଳରେ ଓ ଶଙ୍ଖାରେ ସିନ୍ଦୂର ଲଗାଇ ଅନ୍ୟନାରୀ ସ୍ୱାମୀ ପାଇଁ ସିନ୍ଦୂର ପିନ୍ଧିବା ସମ୍ପର୍କରେ କୁହାଯାଏ ଯେ ସିନ୍ଦୂରର ରଙ୍ଗ ହେଉଛି ଲାଲ, ଯାହା ଶକ୍ତିର ପ୍ରତୀକ। ଆଉ ମାତା ପାର୍ବତୀ ହେଉଛନ୍ତି ଶକ୍ତି ସ୍ୱରୂପିଣୀ, ଯିଏ କି ଜଣେ ପତିବ୍ରତା ଆଦର୍ଶ ନାରୀ। ତେଣୁ ବିଶ୍ୱାସ କରଯାଏ, ଯେଉଁ ନାରୀମାନେ କପାଳରେ ସିନ୍ଦୂର ପିନ୍ଧନ୍ତି, ମାତା ପାର୍ବତୀ ତାଙ୍କ ସ୍ୱାମୀ ମାନଙ୍କୁ ରକ୍ଷା କରନ୍ତି।

ରାମଙ୍କ ବନବାସ ସମୟରେ ସିନ୍ଦୂରର ଜନ୍ମ ବୋଲି ଅନେକ ମତବାଦ ଅଛି। ଏ ସମ୍ପର୍କରେ ଉଲ୍ଲେଖ ଥିବା ଏକ କବିତା ପଂକ୍ତି ହେଲା।' ଯେ ବଣ କାଳେ ଶ୍ରୀରାମ ବନବାସ ଗଲେ, ଉଦେଗିରି ବନେ ପ୍ରବେଶ ହୋଇଲେ / ଉଦେଗିରି ବୋଲି ପର୍ବତର ନାମ, ସେ ପର୍ବତରୁ ସିନ୍ଦୂର ହୋଇଲାକ ଜନ୍ମ / ସୀତାଙ୍କ ଶ୍ରୀ ଅଙ୍ଗରୁ ଶ୍ରମ ଝାଳ ଗଳି, ପାଷାଣ ପଡ଼ନ୍ତେ ଲାଲ ଦିଶିଲା ତତକ୍ଷଣ / ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ରଘୁନାଥ, ଚାରି ଭାଗ କରି ତାହା ବାଣ୍ଟିଲେ ତୁରିତ / ଭାଗେ ହନୁମାନଙ୍କୁ ଦେଲେ ଭାଗେ ସାଧୁଙ୍କୁ, ଆଉ ଭାଗେ କ୍ଷତ୍ରୀୟଙ୍କୁ / ସେହି ସିନ୍ଦୂର ମଥାରେ ଅଛି ମାରି, ତୁ ଥା ମୁଁ ଯାଉଛି ଦେଶ ଫେରି...।' ସଧବା ନାରୀମାନେ କେବେ ସିନ୍ଦୂର ପିନ୍ଧିଲେ ଏହାର କୌଣସି ସ୍ପଷ୍ଟ ପ୍ରମାଣ ନଥିବା ବେଳେ କେତୋଟି ପୌରାଣିକ କଥାକୁ ଆଧାର କରି ବିଶ୍ୱାସ କରାଯାଏ ଯେ ତାଡ଼କା ଅସୁରର ନିଧନ ପାଇଁ ଯେତେବେଳେ ଦେବତାମାନେ ଶିବ ପାର୍ବତୀଙ୍କ ବିବାହ କଥା ଚିନ୍ତା କଲେ, ସେତେବେଳେ ହିମାଳୟରେ ତପସ୍ୟା କରୁଥିବା ଶିବଙ୍କ ତପ ଭଙ୍ଗ କରି ତାଙ୍କ ମନରେ କାମଭାବନା ସୃଷ୍ଟି ପାଇଁ କନ୍ଦର୍ପଙ୍କୁ ପଠାଇଲେ। ଶିବ ଏହା ଜାଣିପାରି କନ୍ଦର୍ପଙ୍କୁ ଭସ୍ମ କରିଦେଲେ। ତେବେ କନ୍ଦର୍ପ ପଠାଇଥିବା କାମଶର ଶିବଙ୍କ



ଦେହରେ ଆଘାତ ଦେଇ ଫେରି ଆସିବା ବେଳେ ପାର୍ବତୀଙ୍କ ଦେହରେ ବାଜି ତାଙ୍କ ଭିତରେ କାମ ଭାବନା ସୃଷ୍ଟି କଲା। ଆଉ ଶିବଙ୍କୁ ପାଇବା ପାଇଁ ପାର୍ବତୀ ତପସ୍ୟାରେ ମଗ୍ନ ହେଲେ। ପାର୍ବତୀଙ୍କ ତପସ୍ୟାରେ ସନ୍ତୁଷ୍ଟ ହେବା ପରେ ଶିବ ପାର୍ବତୀଙ୍କ ପରୀକ୍ଷା ନେବା ପାଇଁ ତାଙ୍କ ପାଖରେ ପହଞ୍ଚିଲେ। ଶିବଙ୍କ ପରୀକ୍ଷାରେ ପାର୍ବତୀ ଉତ୍ତୀର୍ଣ୍ଣ ହେବା ପରେ ଶିବ ଯେତେବେଳେ ନିଜର ସ୍ୱରୂପ ପ୍ରଦର୍ଶନ କଲେ, ଭାବ ବିହ୍ୱଳ ପାର୍ବତୀଙ୍କ ଅଙ୍ଗବାସ ଖସି ପଡ଼ିଥିଲା। ଲଜ୍ଜାରେ ଯେତେବେଳେ ସେ ମଥାନତ କଲେ ଶିବ ନିଜ ଦେହର ଭସ୍ମକୁ ତାଙ୍କ କପାଳରେ ମାରି ତାଙ୍କୁ ପତ୍ନୀ ରୂପରେ ସ୍ୱୀକାର କଲେ। ଏହି ଭସ୍ମ ଟୋପା ହିଁ ପରବର୍ତ୍ତୀ ସମୟରେ ସିନ୍ଦୂରର ରୂପ ନେଲା।

ସିନ୍ଦୂରର ଆରମ୍ଭ ସମ୍ପର୍କରେ ଆଉ ଏକ ପୌରାଣିକ କଥା ମଧ୍ୟ ଶୁଣିବାକୁ ମିଳେ। ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ଲକ୍ଷ୍ମୀ ଉଭା ହେଲେ, ଲକ୍ଷ୍ମୀଙ୍କୁ ସ୍ୱତନ୍ତ୍ର କରିବା ପାଇଁ ବିଷ୍ଣୁ ତାଙ୍କ ମଥାରେ ହଳଦୀର ଏକ ଟୋପା ଲଗେଇ ଦେଲେ। ପାଣିରୁ ବାହାରିଥିବାରୁ ଏହି ସିନ୍ଦୂର ଲାଲବର୍ଣ୍ଣ ଧାରଣ କରିଥିଲା। ପରବର୍ତ୍ତୀ ସମୟରେ ବିଷ୍ଣୁ ଲକ୍ଷ୍ମୀଙ୍କୁ ପତ୍ନୀ ରୂପେ ଗ୍ରହଣ କରିଥିଲେ। ତେବେ ଲକ୍ଷ୍ମୀଙ୍କ ମଥାରେ ଲାଲ ରଙ୍ଗ ଧାରଣ କରିଥିବା ଏହି ହଳଦୀ ଟୋପା ଖୁବ ସୁନ୍ଦର ଦେଖା ଯାଉଥିବାରୁ ଏହାର ନାମ ହେଲା ସିନ୍ଦୂର। ସିନ୍ଦୂର ଲଗାଇବାରେଭିନ୍ନ ଭିନ୍ନ ଉଦ୍ଦେଶ୍ୟ ରହିଛି, ସେଠିପାଇଁ ଭିନ୍ନ ଭିନ୍ନ ଅଙ୍ଗୁଳି ବି ବ୍ୟବହାର କରାଯାଏ। ଜ୍ଞାନ ପାଇଁ ତର୍ଜନୀ, ଐଶ୍ୱର୍ଯ୍ୟ ପାଇଁ ମଧ୍ୟମା ଏବଂ ଅର୍ଥ-ସୁଖ-ଶାନ୍ତି ପାଇଁ ଅନାମିକା ଅଙ୍ଗୁଳିରେ ସିନ୍ଦୂର ପିନ୍ଧାଯାଏ। ସେଥିପାଇଁ କ୍ରମାନ୍ୱରେ ପୂର୍ବ, ଉତ୍ତର ଏବଂ ପଶ୍ଚିମ ଦିଗ ଉଦ୍ଦିଷ୍ଟ। ଯିଏ ଯାହାର କାମନା କରେ, ସେହି ଦିଗକୁ ଅନେଇ ସିନ୍ଦୂର ଲଗାଇବା ଉଚିତ। ଏଭଳି ସିନ୍ଦୂର ପିନ୍ଧିବା ପଛରେ ଆଧ୍ୟାତ୍ମିକ ମାନସିକତା ଥିଲେ ମଧ୍ୟ ବିଜ୍ଞାନ ଓ ଦର୍ଶନର ସମାବେଶକୁ ଅସ୍ୱୀକାର କରିହେବ ନାହିଁ।

ନାରୀମାନେ ଯେଉଁ ସୀମାନ୍ତରେ ସିନ୍ଦୂର ଲଗାନ୍ତି, ତାହା ଭ୍ରୂମଧ୍ୟଭାଗ ବା ଆଜ୍ଞାଚକ୍ର। ବିଜ୍ଞାନ ଦୃଷ୍ଟିରୁ ଏହା ପିନିୟଲ ଗ୍ରନ୍ଥୀର ସ୍ଥା। ଏହା ଶରୀରର ସବୁଠାରୁ ଭଲ ରିସିଭର। ଆଲୋକ ଆନନ୍ଦ ସହିତ ଏହି ସ୍ଥାନର ଗଭୀର ସମ୍ପର୍କ ରହିଛି ବୋଲି ପରୀକ୍ଷା ଦ୍ୱାରା ପ୍ରମାଣିତ ହୋଇଛି। ଫଳରେ ଏହି ସ୍ଥାନରେ ସିନ୍ଦୂର ଲଗାଇଲେ ପିନିୟଲ ଗ୍ରନ୍ଥି ଉଦ୍ଦିପ୍ତ ହୁଏ ଏବଂ ସାରା ଶରୀରର ଗ୍ରନ୍ଥି ଉପଗ୍ରନ୍ଥି ଚେଇଁଉଠେ। ଅପରପକ୍ଷେ, ଆଜ୍ଞାଚକ୍ର ହେଉଛି ଏକ ସମ୍ବେଦନଶୀଳ 'ବଟନ'। ପ୍ରତିଦିନ ନିୟମିତ ଭାବରେ ସେହି ସ୍ଥାନରେ ସିନ୍ଦୂର ଦ୍ୱାରା ସ୍ପର୍ଶ କରି ଦବାଇବା ଫଳରେ ଅସାଧାରଣ ସ୍ମରଣ ଶକ୍ତି ସହ ଭଲ ବିଚାର, ବୁଦ୍ଧି, ଇଚ୍ଛାଶକ୍ତି ଓ ବିବେକ ମିଳେ। ପରେ ଉତ୍ତମ ପତିବ୍ରତାରେ ପରିଣତ ହୋଇ ଅତିଇନ୍ଦ୍ରୀୟ ଶକ୍ତିର ଅଧିକାରିଣୀ ହୁଏ। ସୁତରାଂ ଏହା ହିଁ ହେଉଛି ସୀମାନ୍ତରେ ସିନ୍ଦୂର ଲଗାଇବାର ତତ୍ତ୍ୱ ଦର୍ଶନ।

ବିନ୍ଦିର ଲୋକପ୍ରିୟତା ପରେ ଆଜି ବିବାହିତା ନାରୀଙ୍କ ପାଇଁ ଏହା ହୋଇଛି ସିନ୍ଦୂରର ବିକଳ୍ପ। ଏହାର କାରଣ ହେଲା ବିନ୍ଦିର ବ୍ୟବହାର, ଦାମ ଓ ଡିଜାଇନ। ଆପଣ ଚାହିଁଲେ ଦୁଇ ଟଙ୍କାରେ ଷ୍ଟିକର ବିନ୍ଦି କିଣିପାରିବେ ନଚେତ ଦୁଇ ହଜାର ଟଙ୍କାର କୁନ୍ଦନ ମୀନା କରା ହୋଇଥିବା ଗୋଲଡ଼ ପ୍ଲେଟେଡ ବିନ୍ଦି ବି ପାଇବେ ଆପଣଙ୍କ ମନ ମୁତାବକ। ବିନ୍ଦିର ଆରମ୍ଭ ସମ୍ପର୍କରେ ଜଣାଯାଏ ଯେ ସଂସ୍କୃତ ଶବ୍ଦ 'ବିନ୍ଦୁ'ରୁ ହିଁ ବିନ୍ଦିର ନାମ ସୃଷ୍ଟି, ଯାହାକୁ ତୃତୀୟ ନୟନ ବୋଲି କୁହାଯାଉଥିଲା। ଉଭୟ ପୁରୁଷ ଓ ନାରୀ ପତ୍ରରେ ବିଭିନ୍ନ ଆକୃତିର କଟା ହୋଇଥିବା ବିନ୍ଦି ଲଗାଉଥିଲେ, ଯାହାର ବିଭିନ୍ନ ନାମ ବି ଥିଲା। ଯଥା - ପତ୍ରଛେଦ, ପତ୍ରଲେଖା, ପତ୍ରଭାଙ୍ଗ ବା ପତ୍ର ମଞ୍ଜରୀ। ଏହା କେବଳ କପାଳରେ ନୁହଁ - ଗାଲ, ବେକ, ବାହୁ, ଛାତି ସହିତ ଶରୀରର ଅନ୍ୟ ଅଂଶରେ ବି ଲଗାଯାଉଥିଲା। ଚତୁର୍ଥ ଶତାବ୍ଦୀକୁ ବିନ୍ଦିର ଆରମ୍ଭ କୁହାଯାଉଥିବା ବେଳେ ମହାଭାରତ ସମୟରୁ ହିଁ ଉଭୟ ଅବିବାହିତା ଓ ବିବାହିତା ନାରୀମାନେ କପାଳରେ ବିନ୍ଦି ଲଗାଉଥିଲେ ବୋଲି ଇତିହାସରୁ ପ୍ରମାଣ ମିଳେ।

ବିବାହ ପରେ ସ୍ୱାମୀଙ୍କ ପାଇଁ ହେଉ ବା ମନ୍ଦିରରେ ଦେବୀଙ୍କ ସିନ୍ଦୂର ହେଉ - ଉଭୟକୁ ଆମେ କେବଳ ଦେଖି ଶିଖି ପରମ୍ପରା ପାଇଁ ପିନ୍ଧିଥାଉ। ଅନେକ ସମୟରେ ଦେଖାଯାଏ, କେହି କେହି ବିବାହିତା ରାଗରେ ମୁଣ୍ଡରୁ ସିନ୍ଦୂର ପୋଛି ଦିଅନ୍ତି। ଏ ସମ୍ପର୍କରେ ଏକଥା ବି କହିହେବ ଯେ ଆମେ ପୁରୁଷକୁ ଖୁସି କରିବା ପାଇଁ ସିନ୍ଦୂର ପିନ୍ଧୁ। ତେବେ ମନସ୍ତତ୍ତ୍ୱ କୁହେ ମଥାରେ ସିନ୍ଦୂର ନାଇଥିବା ନାରୀ କୌଣସି ପରିସ୍ଥିତିକୁ ଭ୍ରୂକ୍ଷେପ କରେନାହିଁ। ସବୁ ପରିସ୍ଥିତିରେ ସିନ୍ଦୂର ହିଁ ତାର ସାହା ଭରସା ହୋଇଥାଏ। କେହି ଅସାମାଜିକ ଲମ୍ପଟ ପୁରୁଷ ପରନାରୀ ପ୍ରତି ଆକୃଷ୍ଟ ହେବା ପୂର୍ବରୁ ମଥାରେ ଯଦି ସିନ୍ଦୂର ଦେଖେ ସେ ନିଶ୍ଚିତ ଟିକେ ରହିଯିବ। ତା'ର ଆସକ୍ତି ଅନେକାଂଶରେ କମିଯିବ। ଏହି ସିନ୍ଦୂର ହିଁ କେବେ କେବେ ତା' ଭିତରେ 'ମା' ବୋଲି ସମ୍ବୋଧନଟିଏ ସୃଷ୍ଟି କରିବ। କହିବାକୁ ଗଲେ, ନାରୀକୁ ଅନେକ ସମୟରେ ସିନ୍ଦୂର ହିଁ ସୁରକ୍ଷା ଦେଇଥାଏ।

**ସେକ୍ଟର-୬, ସିଡିଏ, କଟକ**

### ଖରାପ ରାସ୍ତା ସତ୍ତ୍ୱେ ଟୋଲ ଟାକ୍ସ ସଂଗ୍ରହ କରାଯାଉଛି

## ଏନ୍‌ଏଚ୍‌ଏଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



**ନୂଆଦିଲ୍ଲୀ,୧୮।୮ :** ଦୁଇ ଘଣ୍ଟା ବର୍ଷା ହେଲେ ଦିଲ୍ଲୀ ଅଚଳ ହୋଇଯାଉଛି। ଲୋକମାନେ ଘଣ୍ଟା ଘଣ୍ଟା ଟ୍ରାଫିକ ଜାମରେ ଫସି ରହୁଛନ୍ତି । ଏନଏଚଏଆଇ ଲୋକମାନଙ୍କଠାରୁ ଟୋଲ ଟିକସ ସଂଗ୍ରହ କରୁଛି କିନ୍ତୁ ତାହା ଅନୁଯାୟୀ ସେବା ପ୍ରଦାନ କରୁନାହିଁ । ଟୋଲ ଟିକସ ସଂପର୍କିତ ଏକ ମାମଲାର ଶୁଣାଣି ବେଳେ ଏକଥା ଖୋଦ ସୁପ୍ରିମକୋର୍ଟ କହିଛନ୍ତି। ଏନଏଚଏଆଇ ବା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)ର ଏକ ମାମଲାର ଶୁଣାଣି ସମୟରେ, ସେ କହିଛନ୍ତି ଯେ, ଆପଣମାନେ (ଏନଏଚଏଆଇ) ଲୋକଙ୍କଠାରୁ ଟୋଲ୍ ନିଅନ୍ତି କିନ୍ତୁ ସେବା ପ୍ରଦାନ କରନ୍ତି ନାହିଁ। ଯଦି ଦିଲ୍ଲୀରେ ଦୁଇ ଘଣ୍ଟା ବର୍ଷା ହୁଏ, ତେବେ ସମଗ୍ର ସହର ଅଚଳ ହୋଇଯାଏ। ମୌସୁମୀ ଋତୁରେ ସମଗ୍ର ଉପକୂଳ ଅଞ୍ଚଳ ବହୁତ କଷ୍ଟକର ପରିସ୍ଥିତି ଦେଇ ଗତି କରେ। ଆମେ ସବୁକିଛି ବିଚାର କରିବୁ କହି କୋର୍ଟ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ମୂଳ ମାମଲାଟି କେରଳର । ଜାତୀୟ ରାଜପଥ-୫୪୪ରେ ଥିବା ୬୫ କିଲୋମିଟର ଲମ୍ବ ଏଡାପଲ୍ଲୀ-ମେନୁଥି ରାସ୍ତାର ଖରାପ ଅବସ୍ଥା ଯୋଗୁଁ, ତ୍ରିସୁର ଜିଲ୍ଲାର ପେଲିଏକ୍କାରା ଟୋଲ୍ ବୁଥ୍ ରେ ଟୋଲ୍ ଆଦାୟ ବନ୍ଦ କରିଦିଆଯାଇଥିଲା। କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏପରି କରାଯାଇଥିଲା । ପରେ ଏହି ରାୟକୁ ବିରୋଧ କରି ଏନଏଚଏଆଇ ଓ ଗୁରୁବାୟୁର ଇନଫ୍ରାଷ୍ଟ୍ରକ୍ଟର ଲିମିଟେଡ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଲଗାଣ ବର୍ଷା ଯୋଗୁଁ ମୁମ୍ବାଇରେ ହାଇଆଲର୍ଟ



**ମୁମ୍ବାଇ,୧୮।୮ :** ଲଗାଣ ବର୍ଷାରେ ବୁଡ଼ିଲା ମାୟାନଗରୀ । ଲଗାତାର ତୃତୀୟ ଦିନରେ ମୁମ୍ବାଇରେ ମୁଷଳଧାରା ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ଫଳରେ ଦେଶର ଆର୍ଥିକ ସହରର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି । ଆଇଏମଡି ପକ୍ଷରୁ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳ, ପାଇଁ ରେଡ୍ ଆଲର୍ଟ ଜାରି କରିଛି । ତଳିଆ ଅଞ୍ଚଳରେ ପାଣି ପଶି ଯାଇଥିବାରୁ ଲୋକେ ହଟ୍ଟହଟ୍ଟା ହୋଇଛନ୍ତି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲରେ ଛୁଟି ଘୋଷଣା କରିଛି ପ୍ରଶାସନ । ପ୍ରବଳ ବର୍ଷା ପରେ ମୁମ୍ବାଇ ସହରରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଛି । ପ୍ରବଳ ବର୍ଷା ଯୋଗୁ ୱେଷ୍ଟର୍ଣ୍ଣ ଏକ୍ସପ୍ରେସ୍ ହାଇୱେରେ ଜାମ୍ ଲାଗି ରହିଛି । ସବୁ ଟ୍ରେନ ବିଳମ୍ବରେ ଚାଲିଛି । ଫଳରେ ଗମନାଗମନ ପ୍ରଭାବିତ ହୋଇଛି । ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଆପାତକାଳୀନ ସେବାଗୁଡ଼ିକୁ ସତର୍କ ରହିବା ପାଇଁ କୁହାଯାଇଛି । ଆବଶ୍ୟକ ନ ହେଲେ ଘରୁ ନ ବାହାରିବାକୁ ଆଡଭାଇଜରି ଜାରି କରାଯାଇଛି ।

ଏ ସମ୍ପର୍କରେ ବୃହନ୍ନଗର ମୁନିସିପାଲ କର୍ପୋରେସନର ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି । ସହରର ଅନେକ ସ୍ଥାନରେ ପ୍ରବଳ ବର୍ଷା ସହିତ ପାଣି ଜମି ରହିବା ଯୋଗୁଁ ଅନ୍ଧେରୀ ସବୱେ ବନ୍ଦ ହୋଇଯାଇଛି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅନୁଯାୟୀ, ଗତ ରାତିରୁ ଲଗାତାର ବର୍ଷା, ଭୂସ୍ଖଳନ ଏବଂ ରାସ୍ତା ଅବରୋଧ ଯୋଗୁଁ ଗତ ଅଗଷ୍ଟ ୧୪ ତାରିଖରେ ହିମାଚଳ ପ୍ରଦେଶର ଜୁବଲ ଉପ-ବିଭାଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା ।

**ସ୍କୁଲ ଓ କଲେଜ ବନ୍ଦ, ଜାରି ହେଲା ଆଡଭାଇଜରି**

## ଟ୍ରେନିଂରେ ଆଘାତ ହେଉଥିବା ଯବାନଙ୍କୁ ବୀମା ସୁରକ୍ଷା ଦିଅ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୮।୮:** ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେନା ପ୍ରଶିକ୍ଷଣ ସମୟରେ ଆଘାତ ବା ଅକ୍ଷମତା ହେଉଥିବା କ୍ୟାଡେଟମାନଙ୍କୁ ବୀମା ସୁରକ୍ଷା ଯୋଗାଇ ଦିଆଯାଉ। ଜଷ୍ଟିସ ବି. ଭି. ନାଗରତ୍ନା ଓ ଆର. ମହାଦେବନଙ୍କ ବେଞ୍ଚ କହିଛି, "ଆମେ ଚାହୁଁଛୁ ଏହି ସାହସୀ କ୍ୟାଡେଟମାନେ ସେନାରେ ଯୋଗଦେଉ। ଆଘାତ ବା ଅକ୍ଷମତା ସେମାନଙ୍କ ପାଇଁ ବାଧକ ହେବା ଉଚିତ ନୁହେଁ।" ଏହି ମାମଲାରେ ସୁପ୍ରିମକୋର୍ଟ ନିଜ ଆଡ଼ୁ ସଂଜ୍ଞାନ ନେଇ କେନ୍ଦ୍ର ଓ ପ୍ରତିରକ୍ଷା ବିଭାଗଙ୍କ ନିକଟରୁ ସେପ୍ଟେମ୍ବର ୪ ସୁଦ୍ଧା ଉତ୍ତର ମାଗିଛନ୍ତି। କୋର୍ଟ ପ୍ରଶିକ୍ଷଣରେ ଅକ୍ଷମ ହୋଇଥିବା କ୍ୟାଡେଟମାନଙ୍କ ପାଇଁ ଗ୍ରୁପ ବୀମା ଯୋଜନା, ବର୍ତ୍ତମାନର ୪୦,୦୦୦ ଟଙ୍କାର ଏକକାଳୀନ ଅନୁକମ୍ପା ରାଶି ବୃଦ୍ଧି ଏବଂ ପୁନର୍ବାସନ ଯୋଜନା ଅନୁସନ୍ଧାନ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଏହି କ୍ୟାଡେଟମାନଙ୍କୁ ଏକ୍ସ-ସର୍ଭିସମେନ କଣ୍ଟ୍ରିବ୍ୟୁଟୋରୀ ହେଲଥ ସ୍କିମ (ଇସିଏଚଏସ) ସୁବିଧା ପାଇଁ ମନ୍ତ୍ରଣାଳୟ ଅନୁମୋଦନ ଦେଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇ ନାହିଁ। କୋର୍ଟ ପରାମର୍ଶ ଦେଇଛନ୍ତି ଯେ, ଚିକିତ୍ସା ପରେ ଏହି କ୍ୟାଡେଟମାନଙ୍କୁ ଡେସ୍କ ଜବ୍ ବା ପ୍ରତିରକ୍ଷା ସେବା ସହ ଜଡ଼ିତ ଅନ୍ୟ କାର୍ଯ୍ୟରେ ପୁନର୍ବାସନ କରାଯାଇ ପାରେ। ଏକ ମିଡ଼ିଆ ରିପୋର୍ଟ ଅନୁଯାୟୀ, ୧୯୮୫ ପରେ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ) ଓ ଇଣ୍ଡିଆନ ମିଲିଟାରୀ ଏକାଡେମୀ (ଆଇଏମଏ) ଭଳି ପ୍ରତିଷ୍ଠାନରୁ ପ୍ରାୟ ୫୦୦ ଅଫିସର କ୍ୟାଡେଟ ପ୍ରଶିକ୍ଷଣ ସମୟରେ ଅକ୍ଷମତା ଯୋଗୁଁ ମେଡିକାଲ ଡିସଚାର୍ଜ ହୋଇଛନ୍ତି। ଏନଡିଏରେ ୨୦୨୧ରୁ ୨୦୨୫ ଜୁଲାଇ ମଧ୍ୟରେ ୨୦ ଜଣ ଏଭଳି କ୍ୟାଡେଟ ଡିସଚାର୍ଜ ହୋଇଛନ୍ତି। ଏମାନେ ଏକ୍ସ-ସର୍ଭିସମେନ ମାନ୍ୟତା ପାଇ ନ ଥିବାରୁ ମିଳୁଥିବା ୪୦,୦୦୦ ଟଙ୍କାର ଏକକାଳୀନ ଅନୁକମ୍ପା ରାଶି ସେମାନଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ଅପହଞ୍ଚ ହେଉଛି। କୋର୍ଟ ଏହାକୁ ସାମାଜିକ ନ୍ୟାୟର ମାମଲା ଭାବେ ଗ୍ରହଣ କରି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟୀଙ୍କୁ ସେପ୍ଟେମ୍ବର ୪ ସୁଦ୍ଧା ନିର୍ଦ୍ଦେଶ ଗ୍ରହଣ କରି ଜଣାଇବାକୁ କହିଛନ୍ତି।

## ରାଧାକ୍ରିଷ୍ଣନଙ୍କୁ ଟକ୍କର ଦେବେ ତିରୁଚି ଶିବା!



**ନୂଆଦିଲ୍ଲୀ, ୧୮।୮:** ଉପରାଷ୍ଟ୍ରପତି ପଦ ପାଇଁ ଏନ୍‌ଡିଏ ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରିଛି । ଏବେ ବିରୋଧୀ ଦଳର ପ୍ରାର୍ଥୀଙ୍କ ପାଳି। ଏନଡିଏର ପ୍ରାର୍ଥୀ ଘୋଷଣା ପରେ 'ଇଣ୍ଡିଆ' ମେଣ୍ଟର ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହାରି ଭିତରେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, 'ଇଣ୍ଡିଆ' ମେଣ୍ଟ ରାଜ୍ୟସଭା ସାଂସଦ ତିରୁଚି ଶିବାଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିପାରେ। ତିରୁଚି ଶିବା ତାମିଲନାଡୁର, ଯେଉଁଠାରୁ ଏନଡିଏ ନିଜ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କୁ ଘୋଷଣା କରିଛି । ଯଦି ଏପରି ହୁଏ, ତେବେ ଏହା ନିଶ୍ଚିତ ଯେ ଦେଶର ପରବର୍ତ୍ତୀ ଉପରାଷ୍ଟ୍ରପତି ଦକ୍ଷିଣ ଭାରତରୁ ହେବେ ।

ଆସନ୍ତା ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାର ଅଛି । ଏନଡିଏ ଦ୍ୱାରା ସିପି ରାଧାକ୍ରିଷ୍ଣନଙ୍କ ନାମ ଆଗକୁ ବଢ଼ାଇବା ପଛରେ ଏହି ନିର୍ବାଚନକୁ ଏକ ବଡ଼ କାରଣ ଭାବେ ଦେଖାଯାଉଛି । ବିଜେପି ସିପି ରାଧାକ୍ରିଷ୍ଣନଙ୍କୁ ତାମିଲନାଡୁ ବିଧାନସଭା ନିର୍ବାଚନରେ ବ୍ୟବହାର କରିବ । ଏଭଳି ସ୍ଥିତିରେ ବିରୋଧୀ ଶିବିର ମଧ୍ୟ ତାମିଲନାଡୁର ଜଣେ ବରିଷ୍ଠ ନେତାଙ୍କ ଉପରେ ବାଜି ଲଗାଇପାରେ। ତିରୁଚି ଶିବା ଦୀର୍ଘ ସମୟ ଧରି ଦିଲ୍ଲୀ ରାଜନୀତିରେ ସକ୍ରିୟ ଅଛନ୍ତି ।

ଦିଲ୍ଲୀରେ 'ଡିଏମ୍‌କେ'ର ରଣନୀତି ସେ ହିଁ ସ୍ଥିର କରନ୍ତି । ସଂସଦରେ ଦଳର କ'ଣ ଆଭିମୁଖ୍ୟ ରହିବ, ତାହା ମଧ୍ୟ ସେ ହିଁ ନିଷ୍ପତ୍ତି ନିଅନ୍ତି । ତିରୁଚି ଶିବା ଦୀର୍ଘ ସମୟ ଧରି ରାଜ୍ୟ ଏବଂ କେନ୍ଦ୍ର ଉଭୟ ସ୍ତରରେ ଦଳର ରାଜନୈତିକ ଚେହେରା ରହିଆସିଛନ୍ତି । କେନ୍ଦ୍ର ଓ ରାଜ୍ୟ ସ୍ତରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସମିତି ବିଷୟରେ ସେ ଭୂମିକା ତୁଲାଇଛନ୍ତି । ତିରୁଚି ଶିବାଙ୍କୁ ପ୍ରାର୍ଥୀ ଭାବରେ ବାଛିବା ଦ୍ୱାରା ବିରୋଧୀଙ୍କୁ ଆଞ୍ଚଳିକ ରାଜନୀତିର ଜଟିଳତା ସହ ମୁକାବିଲା କରିବାରେ ସାହାଯ୍ୟ ମିଳିପାରେ । ତିରୁଚି ଶିବା ସାମାଜିକ ନ୍ୟାୟ, ରାଜ୍ୟମାନଙ୍କର ସ୍ୱାର୍ଥ ଏବଂ ସଂଘୀୟ ବ୍ୟବସ୍ଥା ଉପରେ ବହୁତ କାମ କରିଛନ୍ତି । ଯଦି 'ଇଣ୍ଡିଆ' ମେଣ୍ଟ ତିରୁଚି ଶିବାଙ୍କ ନାମ ଘୋଷଣା କରେ, ତେବେ ଏହା ଏକ ସ୍ପଷ୍ଟ ସନ୍ଦେଶ ଦେବ ଯେ, ବିରୋଧୀ ତାମିଲନାଡୁ ରାଜନୀତିକୁ ସହଜରେ ଛାଡ଼ିବାକୁ ଚାହୁଁନାହାନ୍ତି । ଏଭଳି ପରିସ୍ଥିତିରେ ଉପରାଷ୍ଟ୍ରପତି ନିର୍ବାଚନ ଆସନ୍ତା ବର୍ଷ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନର ସେମିଫାଇନାଲ୍ ହୋଇପାରେ ।

## ଭାରତର ବେକାରୀ ହାର ୫.୨%କୁ ହ୍ରାସ, ଗ୍ରାମାଞ୍ଚଳରେ ନିଯୁକ୍ତି ବୃଦ୍ଧି

**ନୂଆଦିଲ୍ଲୀ,୧୮।୮:** ଭାରତର ବେକାରୀ ହାର ଜୁଲାଇ ୨୦୨୫ରେ ୫.୬% ରୁ ହ୍ରାସ ପାଇ ୫.୨%ରେ ପହଞ୍ଚିଛି ବୋଲି ପରିସଂଖ୍ୟାନ ମନ୍ତ୍ରଣାଳୟ ଜଣାଇଛି। ଏହି ହ୍ରାସର ମୁଖ୍ୟ କାରଣ ଉତ୍ସବ ଋତୁ ପୂର୍ବରୁ ଗ୍ରାମାଞ୍ଚଳରେ ନିଯୁକ୍ତି ବୃଦ୍ଧି ଓ କୃଷି କ୍ଷେତ୍ରରେ କାର୍ଯ୍ୟକଳାପ ବୃଦ୍ଧି। ୧୫ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ଗ୍ରାମାଞ୍ଚଳରେ ବେକାରୀ ହାର ଜୁନର ୪.୯% ରୁ ଜୁଲାଇରେ ୪.୪%କୁ ହ୍ରାସ ପାଇଛି। କୃଷି ଓ ସମ୍ପର୍କିତ କାର୍ଯ୍ୟରେ ମୌସୁମୀ ଶ୍ରମିକଙ୍କ ଚାହିଦା ଏହାର ମୁଖ୍ୟ କାରଣ। ଅପରପକ୍ଷେ, ସହରାଞ୍ଚଳରେ ବେକାରୀ ହାର ୭.୧% ରୁ ସାମାନ୍ୟ ବୃଦ୍ଧି ପାଇ ୭.୨% ହୋଇଛି। ୧୫ରୁ ୨୯ ବର୍ଷ ବୟସର ସହରୀ ଯୁବକଙ୍କ ବେକାରୀ ହାର ଜୁନର ୧୮.୮% ରୁ ଜୁଲାଇରେ ୧୯%କୁ ବୃଦ୍ଧି ପାଇଛି, କିନ୍ତୁ ଗ୍ରାମାଞ୍ଚଳରେ ଏହା ୧୩.୮% ରୁ ୧୩%କୁ ହ୍ରାସ ପାଇଛି। ଏପ୍ରିଲ-ଜୁନ ତ୍ରୈମାସିକରେ ମୋଟ ବେକାରୀ ହାର ୫.୪% ଥିଲା।




ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଲଏଫପିଆର) ଜୁନର ୫୪.୨% ରୁ ଜୁଲାଇରେ ୫୪.୯%କୁ ଉନ୍ନୀତ ହୋଇଛି, ଯାହା କାର୍ଯ୍ୟ କରୁଥିବା ବା କାର୍ଯ୍ୟ ଖୋଜୁଥିବା ଲୋକଙ୍କ ଅଂଶକୁ ନିର୍ଦ୍ଦେଶ କରେ। ସରକାର ଅକ୍ଟୋବର ସୁଦ୍ଧା ଜିଏସଟି ହାର ହ୍ରାସ ଘୋଷଣା କରିଛନ୍ତି, ଯାହା ଘରୋଇ ଉତ୍ପାଦନକୁ ସମର୍ଥନ ଓ ଅଧିକ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି। ଏହା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ଘୋଷଣା ପରେ ବାଣିଜ୍ୟ ଉତ୍ତେଜନା ମଧ୍ୟରେ ହୋଇଛି। ଏସଏଣ୍ଡପି ଗ୍ଲୋବାଲ ରେଟିଂସ ଗତ ସପ୍ତାହରେ ଭାରତର ଦୀର୍ଘକାଳୀନ ସାର୍ବଭୌମ ଋଣ ରେଟିଂକୁ ୧୮ ବର୍ଷ ପରେ ପ୍ରଥମ ଥର ପାଇଁ 'ବିବିବି-' ରୁ 'ବିବିବି'କୁ ଉନ୍ନୀତ କରିଛି। ଏହାର କାରଣ ଭାରତର ଶକ୍ତିଶାଳୀ ଅର୍ଥନୈତିକ ବୃଦ୍ଧି, ମୁଦ୍ରା ନୀତିର ଉନ୍ନତ ବିଶ୍ୱସନୀୟତା ଓ ଆର୍ଥିକ ସଂସାଧନ। ୨୦୨୨-୨୦୨୪ ମଧ୍ୟରେ ଭାରତର ବାସ୍ତବ ଜିଡିପି ବୃଦ୍ଧି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ବାଧିକ ୮.୮% ହୋଇଥିବା ବେଳେ ଆଗାମୀ ତିନି ବର୍ଷରେ ଏହା ୬.୮% ହାରରେ ବୃଦ୍ଧି ପାଇବ ବୋଲି ଏସଏଣ୍ଡପି ଆକଳନ କରିଛି।

### ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ

## ବିଦ୍ୟୁତ ତାର ସହିତ ରଥ ଲାଗିବାରୁ ୫ ମୃତ



**ହାଇଦ୍ରାବାଦ,୧୮।୮ :** ହାଇଦ୍ରାବାଦର ରାମନ୍ତପୁର ଅଞ୍ଚଳରେ ବଡ଼ ଅଘଟଣ। ଜନ୍ମାଷ୍ଟମୀ ଶୋଭାଯାତ୍ରା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୪ ଜଣ ଗୁରୁତର ରହିଛନ୍ତି । ଘଟଣାଟି ରାମନ୍ତପୁର ଅଞ୍ଚଳର ଗୋପାଳ ନଗରରେ ହୋଇଛି । ଖବର ମୁତାବକ, ରାମନ୍ତପୁର ଗୋପାଳ ନଗରରେ ଜନ୍ମାଷ୍ଟମୀ ଶୋଭାଯାତ୍ରା ସମୟରେ ରଥଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ଫଳରେ ଏଥିରେ ଥିବା ୫ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୪ ଜଣ ଗୁରୁତର ହୋଇଥିଲେ । ଖୁସିର ମାହୋଲ ହଠାତ୍ ଦୁଃଖରେ ପରିଣତ ହୋଇଯାଇଥିଲା । ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ତେବେ ଘଟଣାରେ ପୋଲିସ କହିଛି କି, ଜନ୍ମାଷ୍ଟମୀ ଶୋଭାଯାତ୍ରା ଚାଲିଥିବା ବେଳେ କରେଣ୍ଟ ଲାଗିବାରୁ ୫ ଜଣଙ୍କର ଘଟଣା ସ୍ଥଳରେ ଜୀବନ ଚାଲିଯାଇଥିଲା । ଏହାସହିତ ଅନ୍ୟ ୪ ଜଣ ଗୁରୁତର ରହିଛି । ଆହତଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାକୁ ନେଇ ବିଆରଏସର କାର୍ଯ୍ୟକାରୀ ଅଧ୍ୟକ୍ଷ କେଟୀ ରାମାରାଓ ଦୁଃଖ ପ୍ରକାଶ କରିଛନ୍ତି । ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଏଭଳି ଘଟଣା ଅତ୍ୟନ୍ତ ଦୁଃଖଦାୟକ ।

### ଭୋଟ ଚୋରି ପ୍ରସଙ୍ଗ

## ନିର୍ବାଚନ କମିଶନରଙ୍କ ବିରୋଧରେ ଆସିବ ମହାଭିଯୋଗ ପ୍ରସ୍ତାବ!



**ନୂଆଦିଲ୍ଲୀ,୧୮।୮:** ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବେ ବିରୋଧୀ ଦଳ। ଅନେକ ବିରୋଧୀ ଦଳ ଏହା ଉପରେ ମନ୍ଥନ କରୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟ ଚୋରି' ଅଭିଯୋଗ ଏବଂ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ନିର୍ବାଚନ କମିଶନ ରବିବାର ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ।

ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ସମ୍ଭାବନା ଉପରେ କଂଗ୍ରେସ ସାଂସଦ ସୟଦ ନାସିର ହୁସେନ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ବିଷୟରେ ଦଳ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ, କିନ୍ତୁ ଆବଶ୍ୟକ ହେଲେ, କଂଗ୍ରେସ ନିୟମ ଅନୁଯାୟୀ ମହାଭିଯୋଗ ପ୍ରସ୍ତାବ ଆଣିପାରିବ। ଭାରତୀୟ ନିର୍ବାଚନ କମିଶନ ସ୍ପଷ୍ଟ ଭାବରେ କହିଛନ୍ତି ଯେ 'ଭୋଟ ଚୋରି' ଭଳି ମିଥ୍ୟା ଅଭିଯୋଗକୁ ଭୟ କରନ୍ତି ନାହିଁ କମିଶନ। କମିଶନ ଲୋକମାନଙ୍କୁ ସମ୍ବିଧାନରେ ଦିଆଯାଇଥିବା ଅଧିକାର ବ୍ୟବହାର କରିବାକୁ ଏବଂ ସମସ୍ତ ପରିସ୍ଥିତିରେ ଭୋଟ ଦେବାକୁ ଆହ୍ୱାନ କରିଛନ୍ତି। ଏହା ମଧ୍ୟ କହିଛି ଯେ ନିର୍ବାଚନ କମିଶନ ନିଜେ ରାଜନୈତିକ ଦଳଗୁଡ଼ିକୁ ପଞ୍ଜୀକୃତ କରନ୍ତି ଏବଂ ତାଙ୍କ ଦୃଷ୍ଟିରେ କୌଣସି ଦଳ କିମ୍ବା ବିରୋଧୀ ଦଳ ନାହିଁ, ସମସ୍ତେ ସମାନ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ଏପରି ମିଥ୍ୟା ଅଭିଯୋଗ କମିଶନ କିମ୍ବା ଭୋଟରଙ୍କୁ ପ୍ରଭାବିତ କରିବ ନାହିଁ। ନିର୍ବାଚନ କମିଶନ ନିର୍ଭୀକ ଏବଂ ନିରପେକ୍ଷ ଭାବରେ କାମ କରି ଚାଲିବେ। ସେ ପୁନରାବୃତ୍ତି କଲେ ଯେ କମିଶନର କାମ ହେଉଛି ରାଜନୀତି କରୁଥିବା ଲୋକଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ସମସ୍ତ ଭୋଟରଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା।

## ସିପି ରାଧାକୃଷ୍ଣନଙ୍କ ସମ୍ପତ୍ତି ମୂଲ୍ୟ ୬୭ କୋଟିରୁ ଅଧିକ



**ନୂଆଦିଲ୍ଲୀ,୧୮।୮:** ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମହାରାଷ୍ଟ୍ରର ବର୍ତ୍ତମାନର ରାଜ୍ୟପାଳ ସିପି ରାଧାକୃଷ୍ଣନଙ୍କୁ ପ୍ରାର୍ଥୀ କରିଛି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର)ର ରିପୋର୍ଟ ଅନୁଯାୟୀ, ସିପି ରାଧାକ୍ରିଷ୍ଣନ୍‌ଙ୍କର ମୋଟ ୬୭,୧୧,୪୦,୧୬୬ ଟଙ୍କା ସମ୍ପତ୍ତି ଅଛି। ଏଥିରେ ନଗଦ ଟଙ୍କା, କୃଷି ଜମି ଏବଂ ଅଣକୃଷି ଜମି ଅନ୍ତର୍ଭୁକ୍ତ। ସିପି ରାଧାକ୍ରିଷ୍ଣନ୍ ଝାଡ଼ଖଣ୍ଡର ଦଶମ ରାଜ୍ୟପାଳ ଥିଲେ। ସେ ବିଜେପି ସହିତ ଜଡିତ ଏବଂ କୋଏମ୍ବାଟୁରରୁ ଦୁଇଥର ସାଂସଦ ରହିସାରିଛନ୍ତି। ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ସେପ୍ଟେମ୍ବର ୯ରେ ଅନୁଷ୍ଠିତ ହେବ ଏବଂ ନାମାଙ୍କନ ଅଗଷ୍ଟ ୨୧ ଜାରି ରହିବ। ଲୋକସଭା ଏବଂ ରାଜ୍ୟସଭା ଉଭୟର ସାଂସଦମାନେ ଭାରତର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ଭୋଟ ଦେବେ। ସର୍ବାଧିକ ଅଂଶଗ୍ରହଣ ଏବଂ ନିର୍ଦ୍ଦୋଷ ଭୋଟ୍ ସୁନିଶ୍ଚିତ କରିବା ପାଇଁ ବିଜେପି ସେପ୍ଟେମ୍ବର ୬ ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ଏହାର ସାଂସଦମାନଙ୍କ ପାଇଁ କର୍ମଶାଳା ଆୟୋଜନ କରିଛି। ଏନଡିଏ ସାଂସଦମାନେ ମଧ୍ୟ ବିଜୟ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ପାଇଁ ସମାନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବେ ବିଜେପି ଆଶା ପ୍ରକଟ କରିଛି।

## ଆଇଇଡି ବିସ୍ଫୋରଣରେ ଯବାନ ଶହୀଦ



**ଛତିଶଗଡ଼,୧୮।୮ :** ଛତିଶଗଡ଼ ବିଜାପୁର ଜିଲ୍ଲାରେ ଘଟିଛି ଆଇଇଡି ବିସ୍ଫୋରଣ। ଯେଉଁଥିରେ ଜଣେ ଯବାନ ସହିଦ ହୋଇଥିବାବେଳେ ୩ଜଣ ଆହତ ହୋଇଛନ୍ତି । ସର୍ଚ୍ଚ ଅପରେସନ୍ ସମୟରେ ବିସ୍ଫୋରଣ ଘଟିଥିଲା। ଡିଆରଜିର ସହିଦ ଯବାନ ହେଲେ ଦୀନେଶ ନାଗ । ସୂଚନାନୁଯାୟୀ, ମାଓବାଦୀଙ୍କ ବିରୋଧରେ ଡିଆରଜି ଟିମ୍ ଗତକାଲି ଅଭିଯାନ ଆରମ୍ଭ କରିଥିଲା । ଏହି ଅଭିଯାନ ସମୟରେ ଆଜି ସକାଳେ ବୋମା ବିସ୍ଫୋରଣ ହୋଇଥିଲା । ଯାହାକୁ ଆଇଇଡି ବିସ୍ଫୋରଣ ବୋଲି କୁହାଯାଉଛି । ଯେଉଁଥିରେ ଡିଆରଜି ଯବାନଙ୍କ ସହିଦ ହୋଇଥିବା ବେଳେ ୩ ଜଣ ଆହତ ହୋଇଥିଲେ । ବର୍ତ୍ତମାନ ସେହି ୩ ଜଣ ଆହତ ଥିବା ସୈନିକଙ୍କ ଅବସ୍ଥା ସୁସ୍ଥ ଥିବା ଜଣାପଡିଛି । ତଥାପି ସେମାନଙ୍କ ଚିକିତ୍ସା ଚାଲୁ ରହିଛି ।

## ମୋଦିଙ୍କ ସହ ଫୋନରେ କଥାହେଲେ ପୁଟିନ



**ନୂଆଦିଲ୍ଲୀ,୧୮।୮:** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲାସ୍କାରେ ହୋଇଥିବା ସାମ୍ପ୍ରତିକ ବୈଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ ଯୋଗେ ଅବଗତ କରିଛନ୍ତି। ଏହି ବୈଠକ ରୁଷିଆରୁ ତେଲ କିଣୁଥିବା କାରଣରୁ ଭାରତ ଉପରେ ଆମେରିକା ପକ୍ଷରୁ ୫୦% ଶୁଳ୍କ ଲଗାଇବା ପରେ ହୋଇଛି।

ପ୍ରଧାନମନ୍ତ୍ରୀ ମୋଦି ଏକ ପୋଷ୍ଟରେ କହିଛନ୍ତି, "ମୋର ବନ୍ଧୁ ରାଷ୍ଟ୍ରପତି ପୁଟିନଙ୍କୁ ଟେଲିଫୋନ କଲ ଓ ଟ୍ରମ୍ପଙ୍କ ସହ ଆଲାସ୍କା ବୈଠକର ତଥ୍ୟ ପାଇଁ ଧନ୍ୟବାଦ ଜଣାଉଛି। ଭାରତ ୟୁକ୍ରେନ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସବୁବେଳେ ସମର୍ଥନ କରିଛି ଏବଂ ଏହି ଦିଗରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି। ଆଗାମୀ ଦିନରେ ଆମର ଆଲୋଚନା ଜାରି ରହିବ ବୋଲି ଆଶା କରୁଛି।"

ଆମେରିକାରେ ହୋଇଥିବା ଏହି ଆଲୋଚନା ୟୁକ୍ରେନ ସଂଘର୍ଷ ଏବଂ ଭାରତ-ରୁଷ ସମ୍ପର୍କ ଉପରେ କେନ୍ଦ୍ରିତ ଥିଲା, ଯେଉଁଥିରେ ଦୁହେଁ ନେତା ଦ୍ୱିପାକ୍ଷିକ ସହଯୋଗ ଓ ଷ୍ଟ୍ରାଟେଜିକ ଭାଗୀଦାରୀକୁ ଆହୁରି ଗଭୀର କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

## ଶୁଭାଂଶୁଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧୮।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସହିତ କଥା ହୋଇଛନ୍ତି। ଏହା ଦେଶ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା। ସାକ୍ଷାତ ସମୟରେ, ଦୁହେଁ ମହାକାଶରେ ଶ୍ରୀ ଶୁକ୍ଲାଙ୍କ ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତର ଅଗ୍ରଗତି ଏବଂ ଦେଶର ମହତ୍ୱାକାଂକ୍ଷୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ - ଗଗନଯାନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି, "ଶୁଭାଂଶୁ ଶୁକ୍ଲାଙ୍କ ସହ ବହୁତ ଭଲ ଆଲୋଚନା ହୋଇଛି। ଆମେ ମହାକାଶରେ ତାଙ୍କର ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ପ୍ରଗତି ଏବଂ ଭାରତର ମହତ୍ୱାକାଂକ୍ଷୀ ଗଗନଯାନ ମିଶନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲୁ। ଭାରତ ତାଙ୍କ ସଫଳତା ପାଇଁ ଗର୍ବିତ।"

## ବୋଟ୍ ଓଲଟି ୪୦ରୁ ଊର୍ଦ୍ଧ୍ୱ ନିଖୋଜ

**ଅବୁଜା, ୧୮।୮:** ନାଇଜେରିଆର ଉତ୍ତର-ପଶ୍ଚିମ ସୋକୋଟୋ ରାଜ୍ୟରେ ବୋଟ୍ ଓଲଟି ପ୍ରାୟ ୪୦ରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି । ଗୋରୋନ୍ୟୋ ବଜାରକୁ ୫୦ରୁ ଅଧିକ ଯାତ୍ରୀ ନେଇ ଯାଉଥିବା ବୋଟ୍ ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ନାଇଜେରିଆର ଜାତୀୟ ଜରୁରୀକାଳୀନ ପରିଚାଳନା ସଂସ୍ଥା କହିଛି, ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଉଦ୍ଧାର କରାଯାଇଛି । ଏନଇଏମଏର ନିର୍ଦ୍ଦେଶକ ଜୁବୈଦା ଉମର କହିଛନ୍ତି, ଜରୁରୀକାଳୀନ ଟିମ୍ ନିଖୋଜମାନଙ୍କୁ ଖୋଜିବା ଅଭିଯାନ ଜାରି ରହିଛି । ବୋଟ ରେ ଅତ୍ୟଧିକ ଲୋକ ଏହି ଦୁର୍ଘଟଣାର କାରଣ ହୋଇପାରେ ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି । ୨୦୨୪ ଅଗଷ୍ଟରେ ସୋକୋଟୋରେ ସମାନ ଦୁର୍ଘଟଣାରେ ୧୬ ଜଣ କୃଷକ ପ୍ରାଣ ହରାଇଥିଲେ ।

## ପିକନିକ୍ ସାରି ଫେରୁଥିବାବେଳେ ଗୁଳିଚାଳନା, ୭ ମୃତ

**ଇସ୍‌ଲାମାବାଦ,୧୮।୮:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ହିଂସାତ୍ମକ ଘଟଣା ଥମିବାର ନାଁ ନେଉନାହିଁ। ଖାଇବର ପଖତୁନଖ୍ୱା ପ୍ରଦେଶରେ ପିକନିକ୍ ସାରି ଫେରୁଥିବା ବେଳେ ଅଜ୍ଞାତ ବନ୍ଧୁକଧାରୀମାନେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଅତି କମରେ ସାତ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ରବିବାର ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛି। ପେଶାୱାରରୁ ପ୍ରାୟ ୬୫ କିଲୋମିଟର ଦକ୍ଷିଣ-ପଶ୍ଚିମରେ କୋହାଟ ଜିଲ୍ଲାର ଉପକଣ୍ଠ ରେଗି ଶିନୋ ଖେଲରେ ଏହି ଆକ୍ରମଣ ଘଟିଥିଲା । ପୋଲିସ କହିଛି ଯେ ଲୋକମାନେ ଟାଣ୍ଡା ଡ୍ୟାମରୁ ସେମାନଙ୍କ ଜନ୍ମଭୂମି ଖରା ଘାରି ମହମ୍ମଦ ଜାଇକୁ ଫେରୁଥିଲେ, ସେତେବେଳେ ଆକ୍ରମଣକାରୀମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ ।

# ନିବିଡ଼ ହେଉଛି ଭାରତ-ଚୀନ ସମ୍ପର୍କ



**ୱାଙ୍ଗ ୟିଙ୍କୁ ଭେଟିଲେ ଜୟଶଙ୍କର**

**ନୂଆଦିଲ୍ଲୀ,୧୮।୮:** ଆମେରିକା ସହ ଟାରିଫକୁ ନେଇ ଚାଲିଥିବା ବିବାଦ ଭିତରେ ଚୀନ ଓ ଭାରତ ମଧ୍ୟରେ ସମ୍ପର୍କ ନିବିଡ଼ ହେବାରେ ଲାଗିଛି । ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ କରିବା ଦିଗରେ ଆଗକୁ ବଢୁଛନ୍ତି । ଏହି କ୍ରମରେ ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଦୁଇ ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ୱାଙ୍ଗ ୟି ଓ ଭାରତରେ ତାଙ୍କ ସମକକ୍ଷ ଜୟଶଙ୍କରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି ।

ଜୟଶଙ୍କରଙ୍କ ସହ ବୈଠକରେ ୱାଙ୍ଗ ୟି କହିଛନ୍ତି, ଆମେ ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ଉଦ୍ୟମ କରିଛୁ । ଆମେ ସହଯୋଗକୁ ବଢାଇବା ଓ ଚୀନ-ଭାରତ ସମ୍ପର୍କରେ ସୁଧାର ଏବଂ ବିକାଶର ଗତିକୁ ଅଧିକ ମଜଭୁତ କରିବା ଉପରେ ମିଳିତ ସହମତି ପ୍ରକାଶ କରୁଛୁ । ଏହା ଦ୍ୱାରା ଆମେ ଦେଶ ବିକାଶ ସହ ପରସ୍ପରର ସଫଳତାରେ ବି ଯୋଗଦାନ ଦେଇପାରିବୁ। ଏହା ସହ ଏସିଆ ଓ ବିଶ୍ୱରେ ସେହି ସ୍ଥିରତା ଅଣାଯାଇପାରିବ, ଯାହା ବର୍ତ୍ତମାନ ଆବଶ୍ୟକ କରୁଛି ।

ଏହା ପୂର୍ବରୁ ଜୟଶଙ୍କର କହିଥିଲେ ଯେ, ଚୀନ ଓ ଭାରତ ସମ୍ପର୍କ କଠିନ ସମୟ ଦେଇ ଗତ କରିଛି ଓ ଏବେ ଦୁଇ ଦେଶର ସହଭାଗିତାକୁ ଉନ୍ନତ କରିବାର ପ୍ରୟାସ ଜାରି ରହିଛି । ଜୟଶଙ୍କର କହିଥିଲେ, ଦୁଇ ଦେଶ ଏବେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି । ଏଥିପାଇଁ ଉଭୟ ପକ୍ଷରୁ ଏକ ସ୍ପଷ୍ଟ ଓ ରଚନାତ୍ମକ ଦୃଷ୍ଟିକୋଣର ଆବଶ୍ୟକତା ରହିଛି । ଏହି ପ୍ରୟାସରେ ଆମେ ତିନି ନୀତି, ପରସ୍ପରକୁ ସମ୍ମାନ, ସମ୍ବେଦନଶୀଳତା ଓ ପାରସ୍ପରିକ ହିତକୁ ଧ୍ୟାନରେ ରଖିବା ଦରକାର । ଜୟଶଙ୍କର କହିଥିଲେ ଯେ, ମତଭେଦ ବିବାଦର ରୂପ ଯେପରି ନନେବ ଓ ପ୍ରତିଯୋଗିତା ସଂଘର୍ଷରେ ନବଦଳିବ ତାହା ଧ୍ୟାନ ଦିଆଯିବା ଜରୁରି।

## ନିଳାଗୁଡ଼ା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୧୮।୮(ସଂଚାର ବ୍ୟୁରୋ): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି। ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୮ ଶହ ଲିଟର ପୋଚ ଓ ଶହେ ୨୦ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

## କାରାଗାର ଅନ୍ତେବାସୀଙ୍କୁ ରୋଟାରୀ କ୍ଲବର ଖେଳ ସାମଗ୍ରୀ ପ୍ରଦାନ

କେନ୍ଦୁଝର, ୧୮।୮(ସଂଚାର ବ୍ୟୁରୋ): ରୋଟାରୀ କ୍ଲବ କେନ୍ଦୁଝର ତରଫରୁ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ଅବସର ବିନୋଦନ ପାଇଁ ୩ ଟି କ୍ୟାରୋମ ବୋର୍ଡ, ୪ ଟି ଲୁଡୁ, ୧ ଟି ଚେସ୍ ବୋର୍ଡ ପ୍ରଦାନ କରାଯାଇଥିଲା।ରୋଟାରୀ କ୍ଲବ କେନ୍ଦୁଝର ସଭାପତି ରୋଟାରିଆନ ହରିହର ମହାନ୍ତ, ସମ୍ପାଦକ ରୋଟାରିଆନ ବିଜୟ କୁମାର ବେହେରା, ସର୍ଭିସ୍ ପ୍ରୋଜେକ୍ଟ ଡାଇରେକ୍ଟର ରୋଟାରିଆନ ଡ଼ା ସଞ୍ଜୀବ କୁମାର ଓଡା, ରୋଟାରିଆନ ସଞ୍ଜୟ କୁମାର ମହାପାତ୍ର, ମହେଶ ଚାଓ୍ୱଡା, ପ୍ରଶାନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ଦାନୀ, ବିଭୂତି ଭୂଷଣ ସାହୁ, ଡ. ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତି ରେ ଜିଲ୍ଲା କାରାଗାର ଅଧିକ୍ଷକ ଉପେନ୍ଦ୍ର କୁମାର ଜେନା, ଜେଲର ଅବନ୍ତୀ ସିଂ, ସହକାରୀ ଜେଲର ଦୀପକ କୁମାର ସାମନ୍ତରାୟ ଙ୍କୁ ଉପରୋକ୍ତ ଖେଳ ସାମଗ୍ରୀ କାରାଗାର ଅନ୍ତେବାସୀଙ୍କ ଉପଲକ୍ଷେ ପ୍ରଦାନ କରାଯାଇଥିଲା।ଭବିଷ୍ୟତରେ ଆହୁରି କିଛି ଖେଳ ସାମଗ୍ରୀ, ଉପାଦେୟ ପୁସ୍ତକ ପ୍ରଦାନ କରାଯିବ ବୋଲି ରୋଟାରୀ କ୍ଲବ କେନ୍ଦୁଝର ର ସଭାପତି ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୧୮।୮(ସଂଚାର ବ୍ୟୁରୋ): ବନ୍ଦ ଘରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ଭିଆରପି କୋଲଣି ସାହିରେ ଅଘଟଣ ଘଟିଛି। ମୃତକ ହେଲେ ବଡସାହି ଥାନା ଅସ୍ତଝରନ ଗ୍ରାମର କୁନୁ ବାରିକଙ୍କ ଝିଅ ଲକ୍ଷ୍ମୀ ବାରିକ ଓରଫ ସୋନାଲି। ଘଟଣା ସ୍ଥଳରେ ଭଞ୍ଜପୁର ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଝୁଲନ୍ତା ଅବସ୍ଥାରେ ଝିଅ ରହିଥିବା ବେଳେ ଗୋଡ଼ ମାଟିରେ ଲାଗି ରହିଛି ଏବଂ ଝରକା ଖୋଲା ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସକୁ ଖବର ଦେଇଥିଲେ। ସେ ପର୍ବପର୍ବାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଷ୍ଟେଜରେ ଅଭିନୟ ସହ ନାଚ କରିଥାନ୍ତି। ଝିଅର ଇନଷ୍ଟାଗ୍ରାମ ଡିପିରେ ଝିଅର ପୁରୁଷ ବନ୍ଧୁର ଫଟୋ ରହିଥିବା ବେଳେ ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହ କରୁଛି ପୋଲିସ। ତେବେ ଝିଅଟି ବଡସାହି ଅଞ୍ଚଳରୁ ଆସି ବାରିପଦା ତକତପୁର ଅଞ୍ଚଳରେ ରହି ପାଠ ପଢ଼ିବା ସହିତ ନୃତ୍ୟ ଅଭିନୟ କରି ରହୁଥିଲା।

## ଭାରତୀୟ ମଜଦୁର ସଂଘର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା

ବଲାଙ୍ଗୀର, ୧୮।୮(ସଂଚାର ବ୍ୟୁରୋ): ଭାରତୀୟ ମଜଦୁର ସଂଘର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ମନୋନୀତ ହୋଇଯାଇଛି। ପ୍ରଦେଶର ପ୍ରଭାରୀ ବିରଞ୍ଚି ନାରାୟଣ ପଣ୍ଡା ଓ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଂଗଠନ ସମ୍ପାଦକ ରୂପେଶ କୁମାର ସାମଲଙ୍କ ତତ୍ୱାବଧାନରେ ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ ଜିଲ୍ଲା କମିଟି ଚୟନ କରାଯାଇଛି। ସଭାପତି ଭାବରେ ଅରୁଣ କୁମାର ପଟେଲ, ଉପ-ସଭାପତି ଜୟଦେବ ସରାଫ, ଆମୋଦ ମହାପାତ୍ର, ଯାଜ୍ଞସିନୀ କୁମ୍ଭାର, ସମ୍ପାଦକ କାହ୍ନା ଶତପଥି, କୋଷାଧକ୍ଷ ଚନ୍ଦନ ବାରୋଇ, ଜିଲ୍ଲା ମିଡିଆ ସେଲ ଫିରୋଜ କୁମାର ସାହୁ, କାର୍ଯ୍ୟକାରୀ କମିଟି ରୂପେ ରାଜ କୁମାର କଲେତ, ସଞ୍ଜିବ କୁମାର ପୁରୋହିତ, ପଞ୍ଚା ହରପାଲ ପ୍ରମୁଖ ରହିଛନ୍ତି।

# ମଇଁଷି ପିଛା ୧ଲକ୍ଷ ଟଙ୍କା କ୍ଷତିପୂରଣ ମିଳୁ

## ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦୁଗ୍ଧଚାଷୀ ମହାସଂଘର ଚିଠି



ଭୁବନେଶ୍ୱର, ୧୮।୮(ସଂଚାର ବ୍ୟୁରୋ): ଚିଙ୍ଗୁଡ଼ି ମାଫିଆ ନଈପାଣିରେ ବିଷ ମିଶେଇ ମାଛ ମାରୁଥିବା ଯୋଗୁଁ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ଗ୍ରାମର ତିନୋଟି ମଇଁଷି ରଖୁଆଳ ପରିବାରର ୭୩ଟି ମଇଁଷିଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିଛି। ଏକକାଳୀନ ୭୩ଟି ମଇଁଷିର ମୃତ୍ୟୁ କେବଳ ଦୁଃଖଦାୟକ ନୁହେଁ, ବେଦନା ଦାୟକ ମଧ୍ୟ ଏବଂ ଓଡ଼ିଶା ଇତିହାସରେ ପ୍ରଥମ। ଏହି ମଇଁଷି ମୃତ୍ୟୁ ଯୋଗୁଁ ତିନୋଟି ପରିବାର ନିଜର ଜୀବନ ଜୀବିକା ହରେଇ ସର୍ବସ୍ୱାନ୍ତ ହୋଇଯାଇଛନ୍ତି ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଭିଯୋଗ କରିବା ସହିତ ମଇଁଷି ପିଚା ୧ ଲକ୍ଷ ଟଙ୍କା କରି ମୋଟ୍ ୭୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମହାସଂଘର ସଭାପତି ରବି ବେହେରା ଏକ ଚିଠି ଲେଖି କ୍ଷତିପୂରଣ ଦାବି କରିଛନ୍ତି। ଏହି ଚିଠିରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ନଈ, ନାଳ ଓ ଗାଁ ପୋଖରୀ ଓ ଜୋର ପ୍ରଭୃତିରେ ବିଷ ମିଶାଇ ମାଛ ମାରିବା ମାଫିଆମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଛି। ରାଜ୍ୟରେ ଏହିଭଳି ମନ୍ଦକାମ ପାଇଁ ସଶକ୍ତ ଆଇନ୍ ନଥିବାରୁ ମାଛ ମାଫିଆମାନେ ନଈ, ନାଳ ପ୍ରଭୃତିରେ ବିଷ ପ୍ରୟୋଗ କରି ମାଛ ମାରୁଛନ୍ତି, ଯାହା ଯୋଗୁଁ ଜୀବଜନ୍ତୁ ବିପଦରେ ପଡ଼ିବା ସଂଗେସଂଗେ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଏହି ୭୩ଟି ମଇଁଷିର ମୃତ୍ୟୁ ତାର ଜ୍ୱଳନ୍ତ ଉଦାହରଣ। ଏହି ବେଦନାଦାୟକ ଘଟଣାରେ ସମ୍ପୃକ୍ତି ଚିଙ୍ଗୁଡ଼ି ମାଫିଆଙ୍କ ବିରୁଦ୍ଧରେ ତୁରନ୍ତ ତଦନ୍ତ କରାଯାଇ ସେମାନଙ୍କୁ ଗିରଫ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ଆଗାମୀ ବିଧାନସଭା ଅଧିବେଶନ ସମୟରେ ନଈ, ନାଳରେ ବିଷ ମିଶେଇ ପରିବେଶ ପ୍ରଦୂଷଣ କରୁଥିବା ଓ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ହେଉଥିବା ମାଫିଆଙ୍କ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଆଇନ୍ ଆଣିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି।

## ମଠ ମନ୍ଦିରରୁ ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ

ଭଦ୍ରକ, ୧୮।୮(ସଂଚାର ବ୍ୟୁରୋ): ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ମଠ ମନ୍ଦିରରୁ ଚୋରି ଘଟଣାରେ ୨ ଜଣଙ୍କୁ ଧାମନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଦୁହେଁ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ର ଯଈପୁର ଗ୍ରାମର ୩୩ ବର୍ଷୀୟ ଯୁବକ ସେକ୍ ମୁସ୍ତାକ, ପିତା ସେକ ମୁଶାରଫ ଓ ଧାମନଗର ଏନ୍ଏସି ଅଧୀନ ହବିବନଗରର ୪୦ ବର୍ଷୀୟ ମିର ଅରଫାନ, ପିତା ମିର ୟୁନସ। ମୁସ୍ତାକ ବିଭିନ୍ନ ମନ୍ଦିରରୁ ଚୋରି କରିଥିବା ବେଳେ ଅରଫାନ ତା ପାଖରୁ ଚୋରି ସାମଗ୍ରୀ ନେଇ ବିକ୍ରି କରିଥାଏ। ତେବେ ୧୬ ତାରିଖ ବିଳମ୍ବିତ ରାତିରେ ଧାମନଗର ଥାନାର ଏସ ଆଇ ପ୍ରଦୀପ ନାୟକ ଓ ଏଏସଆଇ ନରେନ୍ଦ୍ର ରାଉତ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ତାକୁ କାବୁ କରିବାକୁ ଯିବା ବେଳେ ଜଣେ ଚୋର ଦୌଡ଼ି ପଳେଇ ଥିଲା। ଅନ୍ୟ ଜଣକୁ ପୋଲିସ ଟିମ ତାକୁ ପିଛା କରି କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ବେଳେ ତା ନାଁ ସେକ ମୁସ୍ତାକ ବୋଲି କହିଥିଲା। ସେକ ମୁସ୍ତାକକୁ ଜେରା କରିବାରୁ ସେ ଅନେକଗୁଡ଼ିଏ ମଠ ମନ୍ଦିର ଚୋରି ଘଟଣାରେ ସାମିଲ ଥିବା ମାନିଥିଲା। ଏହାସହ ସେ ଗତ କିଛି ମାସ ହେବ ଧାମନଗର ହବିବନଗର ରେ ଜଣକ ଘରେ ରହୁଥିଲା। ଏ ଅଞ୍ଚଳରେ ବିଭିନ୍ନ ମଠ ମନ୍ଦିରରୁ ଚୋରି କରି ହବିବନଗରର ମିର ଅରଫାନ ନାମକ ବ୍ୟକ୍ତିଙ୍କୁ ବିକ୍ରି କରୁଥିଲା। ଏହାପରେ ପୋଲିସ ମିର ଅରଫାନକୁ ଉଠାଇ ଆଣିଥିଲା। ତାଙ୍କ ପାଖରୁ ବହୁ ପରିମାଣର ପୂଜା ଉପକରଣ, କଂସା ବାସନ ଆଦି ଜବତ ହୋଇଛି। ଦୁହିଁଙ୍କୁ ଜେରା କରିବାରୁ ଧାମନଗର, ଭଣ୍ଡାରିପୋଖରୀ, ଯାଜପୁର ଟାଉନ, ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ଅଞ୍ଚଳର ମଠ ମନ୍ଦିରରୁ ଚୋରି କରିଥିବା ସୂଚନା ଦେଇଥିଲେ। ତଦନ୍ତ ପ୍ରକ୍ରିୟାରେ ଧାମନଗର ପୋଲିସ ଏହି ସବୁ ଥାନାକୁ ସୂଚନା ଦେଇଥିଲା। ତା ସହ କେନ୍ଦ୍ରାପଡ଼ା ଥାନାକୁ ମଧ୍ୟ ଜଣାଇଥିଲା। କେନ୍ଦ୍ରାପଡ଼ା ଥାନା ପୋଲିସର ସୂଚନାକୁ ଆଧାର କରି ଧାମନଗର ଥାନା ଆଇଆଇସି କହିଛନ୍ତି ଯେ, ମୁସ୍ତାକ ବିରୋଧରେ କେନ୍ଦ୍ରାପଡ଼ା ଥାନାରେ ଲୁଟ୍, ଡକାୟତି ଓ ହତ୍ୟା ଭଳି ସଂଗୀନ ଅପରାଧ ଥିବା ୨୦ ଟି ମାମଲା ରହିଛି।

## ଅଭିନବ ଢଙ୍ଗରେ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର, ୧୮।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଡ. ନୃପରାଜ ସାହୁ ଯୋଗଦାନ କଲାପରେ ନୂତନ ଢଙ୍ଗରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ସାପ୍ତାହିକ ଯୁଗ୍ମ ଅଭିଯୋଗ ଶୁଣାଣିକୁ ବିକେନ୍ଦ୍ରିକରଣ, ଲୋକାଭିମୁଖୀ ଓ ଜନସାଧାରଣଙ୍କ ନିକଟତର କରିବା ପାଇଁ ପ୍ରୟାସ କରି ପ୍ରତି ପଞ୍ଚାୟତ ସମିତିର ମୁଖ୍ୟାଳୟ ପରିବର୍ତ୍ତେ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ମାନଙ୍କରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ, ହେବାକୁ ଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲା ସ୍ତରୀୟ ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିବର୍ତ୍ତେ ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ମେଘଲା ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ଠାରେ ଅନୁଷ୍ଠିତ କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଧାର୍ଯ୍ୟ

## ୟୁରିଆ ଅଭାବ, ଚାଷୀଙ୍କୁ ଲୁଟୁଛନ୍ତି ସାର ବେପାରୀ

ମାଲକାନଗିରି, ୧୮।୮(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକରେ ପ୍ରାୟ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଏବେ ଏକ ମାସରୁ ଉର୍ଦ୍ଧ୍ୱ ହେବ ଚାଷ କାମ ସରିଥିବା ବେଳେ ଜମିରେ ଖାଲି ସାର ପକାଇବା ବାକି ରହିଛି। ଏହାର ଫାଇଦା ନେଇ ଚାଷୀଙ୍କୁ ଖାଲି ଲୁଟି ଚାଲିଛନ୍ତି ସାର ବେପାରୀ। ସରକାରୀ ଦାମରୁ ଅଧିକ ଟଙ୍କା ନେଉଥିବା ଅଭିଯୋଗ। ସୂଚନା ମୁତାବକ ୨୮୦ ଟଙ୍କାରୟୁରିଆ ସାର ପ୍ୟାକେଟ ୫୫୦ ରୁ ୮୦୦ ଟଙ୍କାରେ ବିକୁଛନ୍ତି ସାର ବେପାରୀ। ଏଥିରେ ଚାଷୀ ହଇରାଣ ହେଉଥିବା ବେଳେ ମାଲେମାଲ୍ ହେଉଛନ୍ତି ସାର ବେପାରୀ। ଏମିତି କିଛି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଚିତ୍ରାଙ୍ଗପାଲି ଅନ୍ତର୍ଗତ ଏମ ଭି ୯ ୮ ଗ୍ରାମରେ। ଗ୍ରାମର କାର୍ତ୍ତିକ ନାମକ ସାର ବେପାରୀ ଆନ୍ଧ୍ର ପ୍ରଦେଶରୁ ଶସ୍ତା ରେ ୟୁରିୟା ସାର ଆଣି ଚାଷୀଙ୍କୁ ଚଢ଼ା ଦରରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି। ଏହି ସାର ବେପାରୀ ବିନା ଲାଇସେନ୍ସରେ ଆନ୍ଧ୍ର ରୁ ଟ୍ରକ ଟ୍ରକ ସାର ଆଣି ଖୁଲମଖୁଲା ଭାବେ ସାର କଳାବଜାରୀ ଚଳେଇଥିବା ବେଳେ ଚଢ଼ା ଦରରେ ସାର ବିକ୍ରୀ କରୁଥିବା ଅଭିଯୋଗ କରିଛନ୍ତି କିଛି ଚାଷୀ। କାଳିମେଳା ବ୍ଲକ ରେ ପୋଟେରୁ ଓ କାଳିମେଳା ଠାରେ ୨ ଟି ଲ୍ୟାମ ଥିବା ସତ୍ତ୍ୱେ ଚାଷ ଆରମ୍ଭରୁ ସାର ଅଭାବ ଯୋଗୁଁ ଚାଷୀ ଚିନ୍ତାରେ। କାଳିମେଳା ବ୍ଲକ ରେ ଦେଖାଦେଇଛି ସାର ର ଅଭାବ, ବିଲରେ ତଳି ଲଗା କାମ ସରି ଥିବା ବେଳେ ସାର ମିଳୁନଥିବା ଅଭିଯୋଗ କରୁଛନ୍ତି ଚାଷୀ। କଳା ବଜାରରେ ୟୁରିଆ ସାର ର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି। ସରକାର ଚାଷୀଙ୍କୁ ତୁରନ୍ତ ସାର ଉପଲବ୍ଧ କରିବାକୁ ଚାଷୀ ମାନେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଧାନ ଫସଲ ରେ ଡ଼ିଏପି ଏବଂ ୟୁରିଆ ସାର ର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରୀ କରି କଳାବଜାରୀ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଅନେକ ଅଞ୍ଚଳରେ ଧାନ ରୋଇବା କାମ ଆରମ୍ଭ ହୋଇସାରିଲାଣି ତେବେ ସଠିକ୍ ସମୟରେ ସାର ନ ମିଳିବାରୁ ଚାଷୀକୁଳ ହଇରାଣ ହେଉଥିବା ଦେଖିବାକୁ ମିଳୁଛି।

## ରିଘା ଗ୍ରାମରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୧୮।୮(ସଂଚାର ବ୍ୟୁରୋ): ଚମ୍ପୁଆ ନିକଟସ୍ଥ ମୟୂରଭଞ୍ଜ ଜିଲ୍ଲା ଘାଗରବେଡା ଥାନା ଅନ୍ତର୍ଗତ ରିଘା ଗ୍ରାମରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁସାରେ ରିଘା ଗ୍ରାମରେ ଥିବା ଚାଷ ଜମିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ନେଇ ଗ୍ରାମବାସୀ ଘାଗରବେଡା ଥାନାକୁ ଖବର ଦେଇଥିଲେ। ଖବର ପାଇ ଘାଗରବେଡା ଥାନା ଓଆଇସି ବଳରାମ ମହାରଣା ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ଉକ୍ତ ବ୍ୟକ୍ତିଙ୍କ ଦେହରେ କୌଣସି କ୍ଷତ ଚିହ୍ନ ନଥିବାବେଳେ ମୃତ୍ୟୁର କାରଣ ସମ୍ପର୍କରେ ଜଣା ପଡ଼ି ନାହିଁ। ବ୍ୟକ୍ତିଙ୍କ ବୟସ ୬୫ ବର୍ଷ ପାଖାପାଖି ହୋଇଥିବା ନେଇ ପୁଲିସ୍ ଅନୁମାନ କରିଛି।

## ଶିକ୍ଷକଙ୍କୁ ନିୟମିତ କରିବା ଲାଗି ଜିଲ୍ଲାପାଳଙ୍କୁ ଦାବି

ମାଲକାନଗିରି,୧୮।୮(ସଂଚାର ବ୍ୟୁରୋ): ରାଜ୍ୟର ସମସ୍ତ ବିଭାଗର କର୍ମଚାରୀ ନିୟମିତ ଥିବାବେଳେ କେବଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନେ ହିଁ ଯୋଜନାଭିତ୍ତିକ ଭଳି ଗୋଟିଏ କଳୁଷିତ ପ୍ରଥାରେ ସଢୁଛନ୍ତି। ଯାହାକୁ କି ଚଳିତ ସରକାରଙ୍କ ଦ୍ୱାରା ଗଠିତ କମିଟିରେ ଥିବା ଅଧିକାରୀ ହୃଦୟଙ୍ଗମ କରିବା ସହ ଏକ ଐତିହାସିକ ପରିବର୍ତ୍ତନ ଆଣିବା ନିମନ୍ତେ ବିଧାନସଭା କମିଟି ଗତ ତା ୦୨.୦୮.୨୦୨୫ ରିଖ ଦିନ ଚିଠା ନଂ - ୨୧୨୬୮ ରେ କନିଷ୍ଠ ଶିକ୍ଷକ / ଶିକ୍ଷୟିତ୍ରୀ (ଯୋଜନାଭିତ୍ତିକ) ମାନଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଜରିଆରେ ନିଯୁକ୍ତି ଦେବା ତଥା ୪୪,୦୦୦ ନୂତନ ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ସୃଷ୍ଟି କରିବା ସହ ପୁରୁଣା ଶିକ୍ଷକ ମାନଙ୍କର ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରୀ ସମୟ ଅବଧି ଭିତରେ ଗଣନା କରିବା ନିମନ୍ତେ ସୁପାରିଶ କରିଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଅନୁମୋଦନ କ୍ରମେ ଗଣଶିକ୍ଷା ବିଭାଗଙ୍କ ଦ୍ୱାରା ଏହି ବିଜ୍ଞପ୍ତି ଜାରି କରାଯାଇଥିଲା। ସରକାରଙ୍କ ଏଭଳି ପଦକ୍ଷେପ ଶିକ୍ଷକ ମହଲରେ ନୂତନ ଆଶା ସଞ୍ଚାର କରିଥିଲା। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରୀତାପର ବିଷୟ ଏହି ଯେ, ଗତ ତା ୦୭.୦୮.୨୦୨୫ ରିଖ ଦିନ ଚିଠା ନଂ - ୨୧୯୦୯ ଆଧାରରେ ବିଭାଗ ଏହି ଚିଠାକୁ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇନାହିଁ ଦର୍ଶାଇ ପ୍ରତ୍ୟାହାର କରିନେଇଛନ୍ତି। ଯାହାକି କନିଷ୍ଠ ଶିକ୍ଷକ/ଶିକ୍ଷୟତ୍ରୀଙ୍କର ସାମ୍ବିଧାନିକ ତଥା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ସହ ସାମ୍ପ୍ରତିକ ସମୟରେ ମଧ୍ୟ ଗୋଡିପ୍ରଥା ଯୁକ୍ତ ସାମନ୍ତବାଦୀ ଚିନ୍ତାଧାରା ଉଜ୍ଜୀବିତ ରହିଥିବା ଅନୁମେୟ ହେଉଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଶିକ୍ଷକ ମାନେ ଏକ ଶୋଭାଯାତ୍ରାରେ ଆସି ସେମାନଙ୍କ ନାର୍ଯ୍ୟ ଦାବି ତାଙ୍କୁ ନିୟମିତ କରିବା ନିମନ୍ତେ ଏକ ଦାବିପତ୍ର, ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଗତକାଲି ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ଜରିଆରେ ପ୍ରଦାନ କରିଛନ୍ତି।

## ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ଟ୍ରଷ୍ଟ ପକ୍ଷରୁ ନନ୍ଦ ଉତ୍ସବ

ଧର୍ମଶାଳା, ୧୮।୮(ସଂଚାର ବ୍ୟୁରୋ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ଟ୍ରଷ୍ଟ ପକ୍ଷରୁ ତୃତୀୟ ବାର୍ଷିକ ନନ୍ଦ ଉତ୍ସବ ଓ ଝୁଲଣ ଯାତ୍ରା ଲାଙ୍ଗୁଡ଼ି ପାହାଡ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ମଞ୍ଚର ସମ୍ପାଦକ ଆଲୋକ ଜେନାସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନନ୍ଦ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାରକା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭୁରଞ୍ଜନ ସାମଲ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ନନ୍ଦ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଇଂ ନରେନ କୁମାର ଜେନା, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ଗିରିଧାରୀ ବେହେରା ଓ କିଶୋର ଚନ୍ଦ୍ର ରାଉତ ଓ ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟିଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ବ୍ରଜମୋହନ ବିଶ୍ୱାଳ, ଉପ-ସଭାପତି ବ୍ରଜ କିଶୋର ମହାନ୍ତି, ଉପଦେଷ୍ଟା ସବ୍ୟସାଚୀ ପଣ୍ଡା, ସହ -ସମ୍ପାଦକ ପ୍ରଶାନ୍ତ କୁମାର ପୃଷ୍ଟି, ସଂଗଠନ ସମ୍ପାଦକ ସିପକ ଜେନାସାମନ୍ତ, ସାଂସ୍କୃତିକ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା ସମ୍ପାଦକ ମହେଶ୍ୱର ରାଉତ, ଦୁବ ବାବା ପ୍ରମୁଖ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏନଡିଏ...

ବାର୍ତ୍ତା ଯିବ, ଯାହାର ଫାଇଦା କଂଗ୍ରେସକୁ ମିଳିପାରେ। ସେପଟେ ଇଣ୍ଡି ମେଣ୍ଟର ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଲେ, ଜାତୀୟ ରାଜନୀତିରେ ନୂଆ ସମୀକରଣ ନଜର ଆସିବ ବିଜେଡି। ସେପଟେ ସମଦୂରତ୍ୱ ନୀତି ଆପଣାଇଲେ ଦିଲ୍ଲୀ ରାଜନୀତିରେ ନିଜର ଓଜନ ହରାଇବ ବିଜେଡି। ଏହିସବୁ ଦୃଷ୍ଟିରୁ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିପାରେ କିମ୍ବା ନିର୍ବାଚନରୁ ବିରତ ରହି ପରୋକ୍ଷ ସମର୍ଥନ ଦେଇପାରେ ବୋଲି ଆକଳନ କରାଯାଉଛି।

ୱାକଫ୍ ବିଲ୍ ସମୟରେ ପଦାରେ ପଡ଼ିଥିଲା ବିଜେଡି କନ୍ଦଳ। ଏନଡିଏକୁ ସମର୍ଥନ ଦେବା ଯୋଗୁଁ ବିଜେଡିର ସଂସଦୀୟ ଦଳ ଦୁଇ ଭାଗ ହୋଇଯାଇଥିଲା। ଏହାପରେ ସଂସଦରେ 'ଅପରେସନ୍ ସିନ୍ଦୂର' ଚର୍ଚ୍ଚା ହେଉ କିମ୍ବା କଂଗ୍ରେସର 'ଭୋଟ୍ ଚୋରି' ଅଭିଯୋଗ ପ୍ରସଙ୍ଗ ହେଉ, ସବୁଥିରେ ଦ୍ୱନ୍ଦ୍ୱାତ୍ମକ ରହିଆସିଛି ବିଜେଡିର ଆଭିମୁଖ୍ୟ। ଏବେ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ ଥିବା ବେଳେ ଏଥିରେ ବିଜେଡି କେଉଁ ଭୂମିକାରେ ଅବତୀର୍ଣ୍ଣ ହେଉଛି, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

### ଦକ୍ଷିଣ...

ଫଳତଃ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଅନ୍ୟପକ୍ଷରେ ନାରାୟଣପାଟଣା ଓ ତଳଗୁମାଣ୍ଡିକୁ ସଂଯୋଗ କରୁଥିବା ବୋରିପୁଟ୍ ରାସ୍ତାରେ ପାହାଡ଼ରୁ ପଥର ପଡ଼ିବା ଫଳରେ ରାସ୍ତା ଅବରୋଧ ହୋଇଛି। ତେଣୁ ଉକ୍ତ ରାସ୍ତାରେ ଦୁଇଚକିଆ ଯାନ ଯିବାଆସିବା କରୁଥିଲେହେଁ ଅଧା ବାଟରୁ ଲକ୍ଷ୍ମୀ ବସ୍ ଫେରିଆସିବା ଫଳରେ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହରକତ ହୋଇଥିବା ଜଣାପଡ଼ିଛି। ସେହିପରି ମୋହନା ଅଞ୍ଚଳରେ ତୁହାକୁ ତୁହା ବର୍ଷା ହେବା ଫଳରେ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି। କେତେକ ସ୍ଥାନରୁ ପାହାଡ଼ ଧସୁଥିବାର ଖବର ମଧ୍ୟ ଆସିଛି। ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲାର ଆର.ଉଦୟଗିରି ଓ ମୋହନା ଅଞ୍ଚଳରେ ଗତ ଦୁଇ ଦିନ ହେଲା ବର୍ଷା ଲାଗି ରହିଛି। ଆଜି ସକାଳୁ ବର୍ଷା ପରିମାଣ ପୂର୍ବଦିନ ତୁଳନାରେ ବୃଦ୍ଧି ପାଇଛି। ବିଶେଷକରି ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକରେ ବର୍ଷା ଲାଗି ରହିବା ଫଳରେ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ଅନ୍ୟପକ୍ଷରେ ପ୍ରବଳ ବର୍ଷାରେ ମାଲକାନଗିରି ବିମାନବନ୍ଦରର ପାଚେରୀ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ପାଚେରୀ ନିର୍ମାଣ ସମୟରେ ନିମ୍ନ ମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ଆସିଥିଲା। ଏହାଛଡ଼ା ବିଗତ ଦିନରେ ଏକାଧିକ ବାର ଉକ୍ତ ପାଚେରୀର ମରାମତି କାମ ମଧ୍ୟ ହୋଇଛି। ଭୀଷଣ ବର୍ଷା ପ୍ରଭାବରେ ଆଜି ପୁଣି ଥରେ ଏହି ପାଚେରୀ ଭାଙ୍ଗିଯାଇଛି। ଆହୁରି ଅବିଶ୍ରାନ୍ତ ବର୍ଷାରେ ବିଭିନ୍ନ ସ୍ଥାନରେ ପୋଲ ଉପରେ ପାଖାପାଖି ୪ ଫୁଟ ଉଚ୍ଚର ପାଣି ଚାଲୁଥିବା ଦେଖାଯାଇଛି। ପୋଟେରୁ, କାଙ୍ଗୁରକୋଣ୍ଡା, କନ୍ୟାଶ୍ରମ ଆଦି ପୋଲ ଉପରେ ୩ରୁ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଭୟରେ କେହି ପୋଲ ପାର୍ ହେବାକୁ ସାହସ କରୁନାହାନ୍ତି। ତେଣୁ ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମଟର ଅଟକି ରହିଛି। ମାଲକାନଗିରିଠାରୁ ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହାଛଡ଼ା କନ୍ୟାଶ୍ରମ ବ୍ରିଜ ବୁଡିଯାଇଥିବାରୁ କାଳିମେଳାଠାରୁ ପଡ଼ିଆ ପର୍ଯ୍ୟନ୍ତ ଯାତାୟାତ ବି ଠପ୍ ହୋଇଯାଇଛି। ଏହାଛଡ଼ା ମାଲକାନଗିରି-ମୋଟୁ-ଜୟପୁର ଜାତୀୟ ରାଜପଥ ନଂ.୩୨୬ର କେତେକ ସ୍ଥାନରେ ପାଣି ପ୍ରବାହିତ ହେଉଥିବାରୁ ଏହି ରାସ୍ତାରେ ଯାନବାହନ ଯାତାୟାତ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଆହୁରି ମାଲକାନଗିରି-ସୁକମା ରାସ୍ତାରେ ଥିବା ଚଲଙ୍ଗୁଡ଼ା ବ୍ରିଜ୍ ପାଣିରେ ବୁଡ଼ିଯାଇଥିବାରୁ ଛତିଶଗଡ଼ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ମାଲକାନଗିରି ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ିକୁ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଛୁଟି ଘୋଷଣା କରାଯାଇଥିଲା। ଏଥିସହ ଲଗାଣ ବର୍ଷା ପରିପ୍ରେକ୍ଷୀରେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲଶ ପାଇଁ ଜିଲ୍ଲାର ସମସ୍ତ ପଞ୍ଚାୟତ, ବ୍ଲକ ଓ ତହସିଲ କର୍ମଚାରୀଙ୍କୁ ସଜାଗ ରହିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା କୌଣସି ଧନଜୀବନ ହାନି ନହେବା ଉପରେ ପ୍ରାଥମିକତା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ୩ ଜିଲ୍ଲାରେ...

ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ରେଡ ଆଲର୍ଟ ଜାରି କରିଛି ବିଭାଗ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରିଛି। ସେହିପରି ପ୍ରବଳ ବର୍ଷା ପାଇଁ ଉପକୂଳ ଓଡ଼ିଶାର ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ଗଂଜାମ, ବୌଦ୍ଧ, ବଲାଙ୍ଗୀର ଓ ନୂଆପଡା ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି। ଏହି ସବୁ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ରୁ ୪୦ କିମି ପବନ ବହିବ। ଆସନ୍ତାକାଲି ସାରା ରାଜ୍ୟରେ ବର୍ଷା ହେବାସହ ମାଲକାନଗିରି କୋରାପୁଟ ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ ରୁ ୪୦ କିମି ପବନ ବହିବ। ୨୪ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗିରହିବ। ସମୁଦ୍ର ଉପକୂଳ ଅଞ୍ଚଳରେ ଘଣ୍ଟା ପିଛା ୪୦ରୁ ୬୦ କିମି ବେଗରେ ପବନ ବହିପାରେ। ତେଣୁ ସମୁଦ୍ର ଅଶାନ୍ତ ରହିବ। ମେଘୁଆ ପାଗ ଓ ପବନର ବେଗକୁ ନେଇ ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ପାଣିପାଗ ବିଭାଗ ପକ୍ଷରୁ ବାରଣ କରାଯାଇଛି।

### ଆସନ୍ତା...

ଏନେଇ ଆସନ୍ତା ବର୍ଷ ଜାନୁଆରୀ ୭ ତାରିଖରେ ଚୂଡ଼ାନ୍ତ ଯାଞ୍ଚ୍ ଫଳାଫଳ ଆସିବ। କଂଗ୍ରେସ ଓ ବିଜେଡିର ସବୁ ଆପତ୍ତି ଅଭିଯୋଗର ଜବାବ ମଧ୍ୟ ଦିଆଯାଇଛି ବୋଲି ଶ୍ରୀ ଗୋପାଲନ୍ କହିଛନ୍ତି। ଏପରିକି ବିଜେଡି ଅଭିଯୋଗର ଦୁଇ ଦୁଇ ଥର ଜବାବ ଦିଆଯାଇଛି। ଦଳ ଭିତ୍ତିହୀନ ଅଭିଯୋଗ ଆଣି ନିର୍ବାଚନ କମିଶନ୍‌ଙ୍କ ବିଶ୍ୱସନୀୟତା ସହ ଲୋକଙ୍କ ଆସ୍ଥାକୁ ଭାଙ୍ଗିବା ଆଦୌ ଉଚିତ ନୁହେଁ ବୋଲି ସିଇଓ ଶ୍ରୀ ଗୋପାଲନ୍ କହିଛନ୍ତି। ସେହିପରି ରାଜ୍ୟରେ ବୁଥ ସଂଖ୍ୟା ୩୮ ହଜାରରୁ ବୃଦ୍ଧି ପାଇ ୪୫ ହଜାରରେ ପହଞ୍ଚିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏସ୍ଆଇଆର୍‌ରେ ଭୋଟର ତାଲିକାକୁ ଅପଡେଟ କରାଯାଇଥାଏ। କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କିମ୍ବା ଅଞ୍ଚଳ ପରିବର୍ତ୍ତନ ହେଲେ ସେମାନଙ୍କୁ ଭୋଟର୍ ତାଲିକାରୁ ବାଦ୍ ଦିଆଯାଇଥାଏ। ସେହିପରି ୧୮ ବର୍ଷରେ ପହଞ୍ଚିଥିବା ଯୁବକଯୁବତୀଙ୍କ ନାମକୁ ଭୋଟର ତାଲିକାରେ ଯୋଡାଯାଇଥାଏ।

### ସମ୍ବଲପୁରରେ...

ପଦ୍ଧତିରେ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। କୃଷି ଓ ଆନୁଷଙ୍ଗିକ ବୃତ୍ତିକୁ ଲାଭଜନକ ଉଦ୍ୟୋଗରେ ପରିଣତ କରି ଲୋକଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଲାଭଦାୟକ ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରଭାତ କୁମାର ରାଉଳ ଉପସ୍ଥିତ ରହି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଉପରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଛନ୍ତି।

### ଖୁବ୍‌ଶୀଘ୍ର...

ପ୍ରଫେସର, ଆସୋସିଏଟ ପ୍ରଫେସର ଓ ପ୍ରଫେସର ପଦବୀ ମଧ୍ୟ ଖୁବଶୀଘ୍ର ରାଜ୍ୟ ସରକାର ପୂରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ମେଡିକାଲ କଲେଜରେ ପିଜି ସିଟ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜର ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ସେବା ଛଡ଼ା ଅନ୍ୟାନ୍ୟ ଆବଶ୍ୟକ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରିବା ସହ ଏଥିନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରମା କେୟାର୍ ସେଣ୍ଟର୍ ସ୍ଥାପନ ଉପରେ ଗୁରୁତ୍ୱ ଦେବା, ଯେଉଁସବୁ ସ୍ଥାନକୁ ଡାକ୍ତରମାନେ ଯିବାକୁ ଅରାଜି ହେଉଛନ୍ତି ସେହି ସ୍ଥାନମାନଙ୍କରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଓ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ, ଅଶ୍ୱତି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡଃ ବୃନ୍ଦା ଡ଼ି, ଓଡିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁ ଉପସ୍ଥିତ ଥିଲେ ।

### ମାଫିଆଙ୍କ...

ପ୍ରକଟ କରାଯାଉଛି। ଏଭଳି ଖବର ମିଳିବା ପରେ ଆକ୍ସନ ମୋଡ଼କୁ ଆସିଛି ଗୁଇନ୍ଦା ବିଭାଗ। ସମ୍ପୃକ୍ତ ଜିଲ୍ଲାର ଏସପିମାନଙ୍କୁ ମଧ୍ୟ ଏନେଇ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଖୁବଶୀଘ୍ର ଏହି ଆନ୍ତଃରାଜ୍ୟ ସିଣ୍ଡିକେଟ୍‌ର ପର୍ଦ୍ଦାଫାସ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟରେ ନକ୍ସଲ ବିରୋଧୀ ଅପରେସନ୍‌ର ଅତିରିକ୍ତ ମହାସଚିବ (ଏଡିଜି) ଅପରେସନ ସଞ୍ଜୀବ ପଣ୍ଡା। ଏପରି ସ୍ଥିତିରେ ଗୋଟିଏ ପଟେ ଆସନ୍ତା ୨୦୨୬ ସୁଦ୍ଧା ଓଡ଼ିଶାରୁ ମାଓ କାର୍ଯ୍ୟକଳାପକୁ ଲୋପ କରିବା ପାଇଁ ସରକାର ଅଣ୍ଟା ଭିଡ଼ିଥିଲେ ହେଁ ଖଣି ମାଫିଆ ଓ ମାଓବାଦୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଏ କ୍ଷେତ୍ରରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

### ବିଜେଡିକୁ...

ଗଣମାଧ୍ୟମରେ ଖଣ୍ଡନ କରିସାରିଲେଣି। ତେବେ ହେଉଥିବା ଆଲୋଚନା ଅନୁଯାୟୀ ଏଭଳି ଗୁଜବ ଓ ଦଳ ନିନ୍ଦା ପଛରେ ବିଜେଡିର କିଛି ମାମଲତକାର ହିଁ ରହିଛନ୍ତି। କିଛିଦିନ ଧରି ସେମାନେ ନବୀନ ଓ ପାଣ୍ଡିଆନଙ୍କୁ କିଭଳି ବଦନାମ କରିବେ, ସେ ସୁଯୋଗ ଅପେକ୍ଷାରେ ଥିଲେ। ହେଲେ ନବୀନ ମୁମ୍ବାଇରୁ ସୁସ୍ଥ ହୋଇ ଫେରିବା ଏବଂ ପାଣ୍ଡିଆନ ରାଜଧାନୀର ଧାର୍ ଧାରୁନଥିବାରୁ ସେମାନେ ମଉକା ପାଉନଥିଲେ। ହେଲେ ହଠାତ୍ ନବୀନ ଅସୁସ୍ଥତା ଅନୁଭବ କରିବା ସେମାନଙ୍କ ପାଇଁ ଗୁଜବ ରଟିବାର ସୁଯୋଗ ଆଣିଦେଲା। ମେଡିକାଲ ପକ୍ଷରୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ନିୟମିତ ବୁଲେଟିନ୍ ପ୍ରକାଶ ପାଉଥିଲେ ମଧ୍ୟ ଗୁଜବକାରୀମାନେ ଥମିନଥିଲେ।

ନିଜ ଦଳକୁ ବଦନାମ କରିବା ପାଇଁ ଏଭଳି କାଣ୍ଡ କରୁଥିବା ବିଭୀଷଣଙ୍କ ମଧ୍ୟରେ ଗତ ନିର୍ବାଚନରେ ହାରିଥିବା ଦୁଇ ତିନି ଜଣ ଆଗଧାଡ଼ିର ମାମଲତକାର ରହିଛନ୍ତି। ନିଜ ଅପାରଗତାକୁ ଲୁଚାଇବା ପାଇଁ ସେମାନେ ପାଣ୍ଡିଆନଙ୍କ ମୁଣ୍ଡରେ ଦୋଷ ଲଦି ଖସିଯିବାକୁ ବାରମ୍ବାର ଉଦ୍ୟମ କରୁଛନ୍ତି। ଯଦିଓ ନବୀନ-ପାଣ୍ଡିଆନଙ୍କ ଆଗରେ ଏମାନଙ୍କ ତୁଣ୍ଡ ଖୋଲୁନାହିଁ, କିନ୍ତୁ ଏବେ ମଉକା ଦେଖି ଚଉକା ମାରିବା ପାଇଁ ନାନାପ୍ରକାର ଗୁଜବ ରଚିବା ସହ ନିଜ ନିଜ ପ୍ରିୟ ଲୋକଙ୍କୁ ଧରି ତାହାକୁ ବଜାରକୁ ଛାଡ଼ିବାରେ ଲାଗିଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଏଭଳି ଗୁଜବ ଆଗକୁ ବଢ଼ିବା ଦେଖିବା ପରେ ଖୋଦ ନବୀନ ଏବେ ଡାକ୍ତରଖାନା ଶଯ୍ୟାରୁ ଭିଡିଓ ଜାରି କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ନବୀନ ସୁସ୍ଥହୋଇ ଫେରିବା ପରେ ଦଳ ଭିତରେ ଏହି ବିଭୀଷଣମାନଙ୍କୁ ଖୋଜି ବାହାର କରାଯିବା ସହ ସେମାନଙ୍କୁ ନିଶ୍ଚିତ ଶାସ୍ତି ଦିଆଯିବ ବୋଲି ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି।

### ସ୍ୱପ୍ନ...

ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କ ସୁପାରିସକୁ ଅଣଦେଖା କରି ଭକ୍ତ ନିଜର ଟିମ କରିବାକୁ ଚାହୁଁଛନ୍ତି । ଯେଉଁଥିପାଇଁ ଜିଲ୍ଲାରେ ସଂଗଠନ ଅସଜଡା ହୋଇପଡିଛି । ଏଥିସହିତ ଯେଉଁ ବରିଷ୍ଠ ନେତାଙ୍କୁ ଭକ୍ତ ନିଜ ପ୍ରତିଯୋଗୀ ଭାବୁଛନ୍ତି ଦଳ ଓ ସଙ୍ଗଠନରେ ସେମାନଙ୍କ ଗୋଛି କାଟିବାକୁ ଜାଲ ବିଛାଇଛନ୍ତି। ଯେଉଁଥିପାଇଁ କିଛି ପୂର୍ବତନ ସଭାପତି, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ବିଧାୟକ, ବିଧାୟକ ପ୍ରାର୍ଥୀ ଭକ୍ତଙ୍କ ବିରୋଧୀ ହୋଇଯାଇଛନ୍ତି । କିନ୍ତୁ ଏବେ ଅଯାଚିତ ଭାବେ ଦଳରେ ଭାଇବ୍ରେସନ ହୋଇଥିବାରୁ ଅସନ୍ତୁଷ୍ଟ ନେତାମାନେ ଖୋଲାଖୋଲି ବିଦ୍ରୋହ ମୁଡକୁ ଆସିନାହାନ୍ତି । ସମୟ ଓ ସୁଯୋଗକୁ ଅପେକ୍ଷା କରିଛନ୍ତି।

## ରାଜ୍ୟସଭାରେ ଭାରତୀୟ ବନ୍ଦର ବିଲ୍- ୨୦୨୫ ପାରିତ

ନୂଆଦିଲ୍ଲୀ, ୧୮।୮: ରାଜ୍ୟସଭାରେ ଆଜି ଭାରତୀୟ ବନ୍ଦର ବିଲ୍-୨୦୨୫ ପାରିତ ହୋଇଛି। ଏହା ଭାରତୀୟ ବନ୍ଦର ଆଇନ, ୧୯୦୮ ର ପରିବର୍ତ୍ତନ ନିମନ୍ତେ ଏକ ବ୍ୟାପକ ସଂସ୍କାର, ଯାହା ଏକ ଶତାବ୍ଦୀରୁ ଅଧିକ ଔପନିବେଶ ଯୁଗର ନିୟନ୍ତ୍ରଣକୁ ସମାପ୍ତ କରି ଭାରତର ସାମୁଦ୍ରିକ କ୍ଷେତ୍ର ପାଇଁ ଏକ ଆଧୁନିକ ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି। ପୂର୍ବରୁ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ଏହି ବିଲ୍ କୁ ପାରିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

ଲୋକସଭା ଦ୍ୱାରା ପୂର୍ବରୁ ମଞ୍ଜୁର ହୋଇଥିବା ଏହି ଆଇନକୁ ଖୁବ୍ ଶୀଘ୍ର ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। କାର୍ଯ୍ୟକାରୀ ହେବା ପରେ, ଏହା ଭାରତୀୟ ବନ୍ଦରଗୁଡ଼ିକରେ କାର୍ଯ୍ୟକାରୀତାକୁ ପରିବର୍ତ୍ତନ କରିବ, ବନ୍ଦର-ନେତୃତ୍ୱାଧୀନ ବିକାଶ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ମଜବୁତ କରିବ ଏବଂ ଦେଶର ବାଣିଜ୍ୟ ମହତ୍ତ୍ୱାକାଂକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ କ୍ଷେତ୍ରରେ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ଏହି ପଦକ୍ଷେପକୁ 'ଏକ ମାଇଲଖୁଣ୍ଟ ସଂସ୍କାର ଯାହା ଭାରତର ସାମୁଦ୍ରିକ ସମ୍ଭାବନାକୁ ଉନ୍ମୁକ୍ତ କରିବ' ବୋଲି ବର୍ଣ୍ଣନା କରିଛନ୍ତି। 'ବନ୍ଦରଗୁଡ଼ିକ କେବଳ ସାମଗ୍ରୀ ପାଇଁ ପ୍ରବେଶ ପଥ ନୁହେଁ, ଏହା ଅଭିବୃଦ୍ଧି, ନିଯୁକ୍ତି ଏବଂ ସ୍ଥାୟୀ ବିକାଶର ଇଞ୍ଜିନ। ଭାରତୀୟ ବନ୍ଦର ବିଲ୍, ୨୦୨୫ ସହିତ, ଭାରତ କ୍ୟାଚ୍-ଅପ୍ ମୋଡ୍ ରୁ ବିଶ୍ୱ ସାମୁଦ୍ରିକ ନେତୃତ୍ୱ ଆଡ଼କୁ ଗତି କରୁଛି ବୋଲି ଶ୍ରୀ ସୋନୋଓ୍ୱାଲ ରାଜ୍ୟସଭାରେ ସୂଚନା ଦେଇଥିଲେ।।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




**ନାଉଗାଁ,୧୮।୮ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ (ଓସ୍ନେଲିଆ) ସଙ୍ଘ ତରଫରୁ ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଜାରିରହିଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଓ ଦେବିଦୋଳସ୍ଥିତ ମା'କୁତାମଚଣ୍ଡୀ ଉଚ୍ଚ ମାଧମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ ଓ କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟ ବନ୍ଦ କରି ନିଜ ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ବସି ରହିଛନ୍ତି। ଯେ ପର୍ଯ୍ୟନ୍ତ ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନ ନ ମିଳିଛି, ଏହି ଆନ୍ଦୋଳନ ଜାରି ରହିବ ବୋଲି କଟକ ବିଭାଗ ସଂଯୋଜକ ପପିନ୍ଦ୍ର ଲେଙ୍କା ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଧାପକ ସନ୍ତୋଷ ଜେନା, ସୁଚିତ୍ରା ମଲ୍ଲ, ଅରୁନନ୍ଧତି ସରଙ୍ଗୀ, ସ୍ୱାତିଶ୍ରୀ ବେହେରା, ରୋଜାଲିନ ଶିଶୁ, ପ୍ରଭାତ ପଟ୍ଟନାୟକ, ତାପସ ମହାନ୍ତି, ସଂଗ୍ରାମ ସ୍ୱାଇଁ, ରଂଜିତ ମହାନ୍ତି, ସୁଭଦ୍ରା ରାଉଳ, ଲିଙ୍ଗରାଜ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ସୁଶାନ୍ତ ଦାସ, ସନ୍ତୋଷ ମୁଦୁଲି, ସ୍ମୃତି ରଞ୍ଜନ ଲେଙ୍କା, ଜାଗୃତି ମହାନ୍ତି, ଅମ୍ବିକା ପ୍ରସାଦ ପାଢ଼ୀ, ଅନିରୁଦ୍ଧ ସ୍ୱାଇଁ, ମାନସ ସ୍ୱାଇଁ ଆଦି ସାମିଲ ଅଛନ୍ତି।

## ବେତନଟୀ ଆର୍ଦଶ ବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ବେତନଟୀ,୧୮।୮ (ସଂଚାର ବ୍ୟୁରୋ):** ବେତନଟୀ ଆର୍ଦଶ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛଇ। ବେତନଟୀ ଆର୍ଦଶ ବିଦ୍ୟାଳୟର ଅଧକ୍ଷ ତୁଷାରକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଶିବିରକୁ ଉଦଘାଟନ କରିବା ସହ ବିଧାୟକ ନିଜ ବକ୍ତବ୍ୟରେ ଆପଣଙ୍କ ରକ୍ତର ପ୍ରତ୍ୟେକ ବୁନ୍ଦା କାହା ପାଇଁ ଜୀବନର ସ୍ପନ୍ଦନ ବୋଲି କହିଥିଲେ ଓ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ଜୀ, ସ୍ୱତନ୍ତ୍ର ଅତିଥି ଭାବରେ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ୩୭ ନମ୍ବର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବେତନଟୀ ବ୍ଲକ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ଶାନ୍ତନୁ ପଣ୍ଡା, ଉପସଭାପତି ଗତିକୃଷ୍ଣ ମହାନ୍ତ , ପଦ୍ମାମାଳୀ ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି, ଗୀତାଞ୍ଜଳୀ ଭୂୟାଁ, ମନିଳତା ବଳା, ମାଳତୀ ପାତ୍ର , ଯୁବ ସଂଗଠକ କ୍ଷୀତିଶ ଚନ୍ଦ୍ର ମହାନ୍ତ, ଯୁବ ନେତା ସଂଜୀବ ଜେନା, ଅଶୋକ ବେହେରା, ତାପଶ୍ୱୀ ରାଉତ, ହିତେଶ କୁମାର ଜେନା, ରାକେଶ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ ବିଦ୍ୟାଳୟକୁ ପ୍ରଶଂସା କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ଖୋର୍ଦ୍ଧା ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ



**ଖୋର୍ଦ୍ଧା,୧୮।୮ (ସଂଚାର ବ୍ୟୁରୋ):** ବିଶ୍ୱ ହିନ୍ଦୁ ପରିଷଦ (ଭିଏପି) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସଙ୍ଗଠନର ୬୧ତମ ପ୍ରତିଷ୍ଠା ଦିବସ, ପବିତ୍ର ଜନ୍ମାଷ୍ଟମୀ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ସ୍ଥାନୀୟ ଶ୍ରୀରାମକୃଷ୍ଣ ଗୋଶଳା ପରିସରରେ ପାଳିତ ହୋଇଯାଇଛି। ଏଥିରେ ଭିଏଚପିର ଜିଲା ସାଧାରଣ ସମ୍ପାଦକ ଗୋପବନ୍ଧୁ ସାହୁ ଅଧ୍ଯକ୍ଷତା କରିଥିଲେ। ଭିଏସ୍‌ପି ରାଜ୍ୟ ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିଷଦର ପ୍ରତିଷ୍ଠା ଦିବସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗମୟ ଜୀବନୀ ସମ୍ପର୍କରେ ଅଲୋକପାତ କରିଥିଲେ। ଭିଏଚପି ଜିଲା ସମ୍ପାଦକ ସନ୍ତୋଷ ହରିଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ବଜରଙ୍ଗ ଦଳ ଜିଲା ସଂଯୋଜକ ରଦିତ ପ୍ରହରାଜଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଗୋମାତା ପୂଜନ ଉତ୍ସବ ସହ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଭାଗବତ ପାଠ କରାଯିବା ସହ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନୀରବତା ନିରାପଦ ଗଣତନ୍ତ୍ର ପାଇଁ ବିପଜ୍ଜନକ: ଅମର




**ଯାଜପୁର,୧୮।୮(ସଂଚାର ବ୍ୟୁରୋ):** ମୁକ୍ତ ମତ ପ୍ରକାଶ ତଥା କଥା କହିବାର ଅଧିକାର ସଂକୁଚିତ ହୋଇ ଅଣନିଃଶ୍ୱାସୀ ପରିସ୍ଥିତି ସୃଷ୍ଟି ହେଉଛି। ନୀରବତା କୌଣସି ନିରାପଦ, ସୁସ୍ଥ, ସମୃଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ପରମ୍ପରା ପାଇଁ ବିପଜ୍ଜନକ। ଏଭଳି ଅବସ୍ଥାରେ ଅନ୍ୟାୟ ବିରୋଧରେ କଲମ ଚଲାଉଥିବା ନିଷ୍ପାପର ସାମ୍ବାଦିକ ଗଣତନ୍ତ୍ର ପାଇଁ ବଡ଼ ସମ୍ପଦ ଓ ସାମର୍ଥ୍ୟ। ଓଡ଼ିଶା ସାମ୍ବାଦିକ ସଂଗଠନ ପକ୍ଷରୁ 'ସମନ୍ୱୟର ପ୍ରତିବିମ୍ବ ସାମ୍ବାଦିକତା, ସେବା ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତ ଦେଇଛନ୍ତି।

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଗୋଡ଼ାର ସ୍ୱପ୍ନେଶ୍ୱର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶ୍ରୀ ଶତପଥୀ କହିଥିଲେ ଯେ ଉଦାରବାଦ ଅର୍ଥନୀତି କେବଳ ଅର୍ଥନୀତିରେ ସୀମିତ ରହିବା କଥା। କିନ୍ତୁ ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ବ୍ୟକ୍ତିଗତ ଜୀବନରେ ଯାବତୀୟ ବିଶୃଙ୍ଖଳା କ୍ଷେତ୍ରରେ ଉଦାରବାଦର ପ୍ରଭାବ ପଡୁଛି। ସାମ୍ବାଦିକ ଖବର ପରିବେଷଣ ସମୟରେ ଜଣେ ସାମ୍ବାଦିକ ସଂଯମୀ, ଶୃଙ୍ଖଳିତ ହେବା ଜରୁରୀ। ପ୍ରତ୍ୟେକ ସାମ୍ବାଦିକ ସମ୍ପୂର୍ଣ୍ଣ ନିଜସ୍ୱ ଢଙ୍ଗରେ ଖବର ପରିବେଷଣ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଶତପଥୀ କହିଥିଲେ। ବିଶିଷ୍ଟ ସାହିତ୍ୟକ ଓ ସ୍ତମ୍ଭକାର ଡ. ରୁଦ୍ରନାରାୟଣ ପୃଷ୍ଟି ଉଦ୍‌ଘାଟକ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସତୀଶ ବିଶ୍ୱାଳ ସମ୍ମାନିତ ଅତିଥି, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ମୁଖ୍ୟବକ୍ତା, ବିଜେପିର ରାଜ୍ୟ ପ୍ରବକ୍ତା ପବିତ୍ର ମୋହନ ଦାସ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସାମ୍ବାଦିକ ସଂଗଠନ ସଭାପତି ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ବୀରେନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ପ୍ରଦୀପ କୁମାର ସାମଲ ଅତିଥି ପରିଚୟ ଦେଇଥିବା ବେଳେ କୋଷାଧ୍ୟକ୍ଷ ସଫିକୁଜ୍ଜମା ଖାଁ ଧନ୍ୟବାଦ ଦେଇଥିଲେ। ଧର୍ମଶାଳାର ବରିଷ୍ଠ ସାମ୍ବାଦିକ ସୀତାକାନ୍ତ ସାମଲଙ୍କୁ ସମ୍ବଦ୍ଧିତ କରାଯାଇଥିବା ବେଳେ ଅତିଥିମାନେ ଚାରାରୋପଣ କରିଥିଲେ।



## ବୃଦ୍ଧବୃଦ୍ଧା ଓ ଅନାଥ ପିଲାଙ୍କ ମୁହଁରେ ହସ ଫୁଟାଇ ଜନ୍ମଦିନ ପାଳିଲେ ସ୍ନେହାଂଶୀ

**ଯାଜପୁର ରୋଡ୍, ୧୮।୮(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଖମଣ ପଞ୍ଚାୟତର ଯୁବବିଜେପି ସଭାପତି ନାଉଡ଼ୁପୁର ଗ୍ରାମର ସୁରେଶ ଏବଂ ସ୍ୱର୍ଣ୍ଣଲକ୍ଷ୍ମୀଙ୍କର ଏକମାତ୍ର କନ୍ୟାର ଜନ୍ମଦିନ ପରିବାରର ସଦସ୍ୟମାନେ ଦାନଗଦି ବ୍ଲକ ଅନ୍ତର୍ଗତ ନୁଆଁଗା ସ୍ଥିତ ଅନ୍ନପୂର୍ଣ୍ଣା ଶିଶୁ ସୁରକ୍ଷା କେନ୍ଦ୍ର, ଶକ୍ତି ସଦନ ଗୃହ ଓ ବ୍ୟାସନଗରର କନ୍ହେଇପୁର ସ୍ଥିତ ଶାନ୍ତି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳନ କରି କେକ୍ କାଟିବା ସହିତ ମିଷ୍ଟାନ ଓ ଖାଦ୍ୟ ପ୍ରଦାନ କରି ସେମାନଙ୍କ ମୁହଁରେ ହସ ଫୁଟାଇବା ସହିତ ନିଜ ପରିବାର ସହ ପ୍ରଥମ ବାର୍ଷିକ ଜନ୍ମଦିନ ପାଳନ କରିଥିଲେ।

# ୱାର୍ଡ ବୁଲି ସମସ୍ୟା ବୁଝିଲେ ଡେପୁଟି କମିଶନର



**ବ୍ରହ୍ମପୁର,୧୮।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ୧ ଏବଂ ୨ ନମ୍ବର ୱାର୍ଡ ପରିଦର୍ଶନ କରି ପରିମଳ ବ୍ୟବସ୍ଥାର ତଦାରଖ କରିଛନ୍ତି ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା। ଏଥିସହ ସ୍ଥାନୀୟ ଅଂଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝି ଏହାର ସମାଧନ ଲାଗି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଏଠାରେ ଡ୍ରେନ୍ ସମସ୍ୟା ଲାଗି ରହିଛି। ସଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନଥିବାରୁ ବର୍ଷା ହେଲେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ନିୟମିତ ସଫେଇ ହେଉନଥିବାରୁ ଅଳିଆ ଆବର୍ଜନା ନାଳରେ ଜମି ରହୁଛି। ଫଳରେ ଡ୍ରେନ୍ ପାଣି ଘରେ ପଶୁଛି। ସେହିପରି ରାସ୍ତା କଡରେ ଅଳିଆ ଆବର୍ଜନା ବି ଜମି ରହୁଛି। ଏହାସହ ରାସ୍ତା ସମସ୍ୟା ନ କହିବା ଭଲ। ସାମାନ୍ୟ ବର୍ଷାରେ ନାଳ ଏବଂ ରାସ୍ତା ସଠିକ୍ ଭାବେ ଜଣାପଡୁନଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ନଜର୍ କୁ ଆସୁଛି।

ଡେପୁଟି କମିଶନରଙ୍କ ପରିଦର୍ଶନ ବେଳେ ସ୍ଥାନୀୟ ଲୋକେ ଉପସ୍ଥିତ ରହି ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ସମୟରେ ଲୋକେ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମସି ଗାଡ଼ିରେ ପକାଇବା ପରିବର୍ତ୍ତେ ନାଳ ଓ ରାସ୍ତାରେ ପକାଉଛନ୍ତି। ଯାହା ଫଳରେ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହେଉଛି। ତେବେ ଘର ଅଳିଆକୁ ବାହାରେ ଏଣେତେଣେ ପକାଇଲେ ଜରିମାନା ଆଦାୟ କରାଯିବା ସହ ସ୍‌ବଚ୍ଛତାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଡେପୁଟି କମିଶନର। ଏହି ଅବସରରେ ଯୁବ ନେତା ଅନୁପ ପଣ୍ଡା, ଜଗନ୍ନାଥ ଜେନା, ତ୍ରିନାଥ ନାୟକ,ମିଟୁ ପାଣିଗ୍ରାହୀଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ତହସିଲ ଓ ଉପ-ନିବନ୍ଧ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ଦାବି



**ବ୍ରହ୍ମପୁର,୧୮।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଚିକିଟି ତହସିଲ ଓ ଉପ-ନିବନ୍ଧ କାର୍ଯ୍ୟାଳୟକୁ ଦଲାଲ ମାନଙ୍କ କବଜାରୁ ମୁକ୍ତ କରିବାକୁ ଦାବି ହୋଇଛି। ଏନେଇ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭିଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ସେ କହିଛନ୍ତି ଯେ ଉପରୋକ୍ତ ତହସିଲ କାର୍ଯ୍ୟାଳୟରେ ଜମିପଟ୍ଟା, ସିମା ନିର୍ଦ୍ଧାରଣ, ମାଜିଷ୍ଟ୍ରେଟଙ୍କ ଦ୍ୱାରା ହେଉଥିବା ସତ୍ୟପାଠ, ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର,ରାଜସ୍ୱ ମାମଲାର ପ୍ରାମାଣିକ ପ୍ରତିଲିପି ବାହାର କରିବା ସହ ଉପ-ନିବନ୍ଧ କାର୍ଯ୍ୟାଳୟରେ ଜମି କ୍ରୟ ଓ ବିକ୍ରୟ ଦସ୍ତାବେଜ, ଇଛାପତ୍ର ଓ ବିବାହ ପଞ୍ଜିକରଣ ଇତ୍ୟାଦି ପାଇଁ ସ୍ଥାନୀୟ ଦଲାଲମାନଙ୍କୁ ନ ଧରିଲେ କିଛି କାମ ହେଉ ନାହିଁ। ଏମାନଙ୍କ ମଧୁଚନ୍ଦ୍ରିକା ସ୍ଥାନୀୟ କିରାଣୀ ଓ ତହସିଲଦାରଙ୍କ ସହିତ ରହିଛି ବୋଲି ଅଭିଯୋଗ ହେଉଛି। ଏମାନେ ମୋଟା ଅଙ୍କର ଟଙ୍କା ଜନସାଧାରଣଙ୍କ ଠାରୁ ଲୁଟୁଥିବା ଜଣାପଡ଼ିଛି। ଦଲାଲ ମାନଙ୍କ ତହସିଲ ଓ ଉପ -ନିବନ୍ଧ କାର୍ଯ୍ୟାଳୟ ଭିତରକୁ ଅବାଧ ପ୍ରବେଶ ରହୁଛି। ଯେଉଁ କାମ ଆଇନଜୀବୀ ମାନଙ୍କ ଦ୍ୱାରା ହେବାକଥା ସେହି କାମ ଗୁଡିକ କିଛି ଦଲାଲ ମାନଙ୍କ ଦ୍ୱାରା କରାଯାଉଛି । ତେଣୁ ତୁରନ୍ତ ଏହି ଦୁଇ କାର୍ଯ୍ୟାଳୟ ପରିସରକୁ ଦଲାଲ ମାନଙ୍କ ଅବାଧ ପ୍ରବେଶକୁ ବନ୍ଦ କରାଯିବା, ବିନା ପରିଚୟ ପତ୍ରରେ କାହାରିକୁ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରାନଯିବା, ଯେଉଁମାନେ ନିଜକୁ ଓକିଲ ବୋଲି କହି ଦଲାଲି କରୁଛନ୍ତି ସେମାନଙ୍କର ପରିଚୟ ପତ୍ର ଯାଞ୍ଚ ନିୟମିତ କରାଯିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲାପାଳଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛନ୍ତି।

## ଶୁଭେନ୍ଦୁ ପତି ସ୍ମାରକୀ ପୁରସ୍କାର ପ୍ରଦାନ



**କଟକ,୧୮।୮ (ସଂଚାର ବ୍ୟୁରୋ):** ଶୁଭେନ୍ଦୁ ଫାଉଣ୍ଡେସନ ଓ ଅଭୀପ୍‌ସାର ମିଳିତ ଆନୁକୂଲ୍ୟରେ ଶୁଭେନ୍ଦୁ ପତି ସ୍ମାରକୀ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଚୌଧୁରୀ ବଜାରସ୍ଥିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଜୟନ୍ତୀ ରଥ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ (ମୁଖ୍ୟ ଅତିଥି), ଅଭୀପ୍‌ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ସୁଲତା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ଶ୍ରୀମତୀ ସୁଲତା ପଣ୍ଡା, ଶିକ୍ଷକ ରାଜାରାମ ଜେନା, ପ୍ରସନ୍ନ ଗୋଚ୍ଛାୟତ, ଶିକ୍ଷୟତ୍ରୀ ମମତା ପଣ୍ଡା ପ୍ରମୁଖ ଅତିଥି ରୂପେ ଉପସ୍ଥିତ ରହି ବିଦ୍ୟାଳୟର ମେଧାବୀ ଛାତ୍ରୀ ତଥା ଉଦୀୟମାନ ନୃତ୍ୟଶିଳ୍ପୀ ଜ୍ୟୋତିସ୍ମିତା ନାୟକଙ୍କୁ 'ଶୁଭେନ୍ଦୁ ପତି ସ୍ମାରକୀ ପୁରସ୍କାର-୨୦୨୫' ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ସହରର ସୌନ୍ଦର୍ଯ୍ୟରକ୍ଷା ଦାୟିତ୍ୱ ହାତକୁ ନେଲା 'ଟିମ କ୍ଲିନ୍ ସିଟି'

### ସହଯୋଗର ହାତ ବଢ଼ାଇଲା ବିଏମ୍‌ସି

**ବ୍ରହ୍ମପୁର,୧୮।୮ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟି ବ୍ରହ୍ମପୁର ପକ୍ଷରୁ ରେଶମ ସହରର ସୌନ୍ଦର୍ଯ୍ୟରକ୍ଷା ଦାୟିତ୍ୱ ହାତକୁ ନିଆଯାଇଛି। ଦିନକୁ ଦିନ ହ୍ରାସ ପାଉଥିବା ସହରର ସୌନ୍ଦର୍ଯ୍ୟ ମୁଖ୍ୟତଃ ରାସ୍ତାର ଉଭୟ ପାର୍ଶ୍ୱରେ ଲାଗୁଥିବା ପୋଷ୍ଟର ଓ ଫ୍ଲେକ୍ସ ଯୋଗୁଁ ହେଉଥିବା ସର୍ଭେରେ ଜଣାପଡିଛି। ଅଧିକାଂଶ ପ୍ରଚାର ପତ୍ର ବ୍ୟବସାୟୀକ ସଂସ୍ଥା ପକ୍ଷରୁ ଲାଗୁଥିବାରୁ ସହରର ସୌନ୍ଦର୍ଯ୍ୟ ରକ୍ଷା କରିବାକୁ ଯାଇ ସଙ୍ଗଠନ ପକ୍ଷରୁ ପୂର୍ବଭଳି ପୁଣି ଥରେ ରାସ୍ତାର ଉଭୟ ପାର୍ଶ୍ୱର ପ୍ରାଚୀରରେ ଲାଗିଥିବା ପୋଷ୍ଟର ଓ ଫ୍ଲେକ୍ସ ଗୁଡିକୁ ହଟାଇବାକୁ ନିଷ୍ପତ୍ତି ହୋଇଛି। ଏଭଳି ନିଷ୍ପତ୍ତିକୁ ସହରବାସୀ ଓ ବିଭିନ୍ନ ସଙ୍ଗଠନ ମଧ ସ୍ୱାଗତ କରିବା ସହିତ ସଙ୍ଗଠନର କାର୍ଯ୍ୟରେ ନିଜକୁ ସାମିଲ କରୁଥିବା ଦେଖିବାକୁ ମିଳିଛି।

ଟିମ କ୍ଲିନ ସିଟି ପକ୍ଷରୁ ପ୍ରତ୍ୟେକ ରବିବାର ସକାଳ ସମୟରେ ସଦସ୍ୟ ଓ ସଦସ୍ୟାମାନେ ଏକାଠି ହୋଇ ସହରର ବିଭିନ୍ନ ସ୍ଥାନ ବୁଲି ଏହି କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଏଭଳି ପଦକ୍ଷେପକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କେ ସମେତ ବିଏମସିର ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସମେତ ସମସ୍ତେ ପ୍ରଶଂଶା କରିଛନ୍ତି। ଏପରିକି ନିଜକୁ ଏହି କାର୍ଯ୍ୟରେ ସାମିଲ କରିବାର ପ୍ରତିଶ୍ରୁତି ମଧ ଦେଇଛନ୍ତି। ବିଏମସି ପକ୍ଷରୁ ମଧ ରାସ୍ତାକଡରୁ ଜବରଦଖଲ ଉଛେଦ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ସେହିଭଳି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଓ ବେସରକାରୀ ପ୍ରାଚୀରରେ ଚିତ୍ରାଙ୍କନ ଜରିଆରେ ସମାଜକୁ ବାର୍ତ୍ତା ଦେବାଭଳି ଚିତ୍ର, ସରକାରଙ୍କ ବିଭିନ୍ନ ଯୋଜନା, ଓଡିଆ ପରମ୍ପରା, କ୍ରୀଡା ସମେତ ମହାପୁରୁଷ ମାନଙ୍କ ଚିତ୍ର ଆଙ୍କିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।



## ମାଟିତଳୁ ଉଦ୍ଧାର ପ୍ରତିମୂର୍ତ୍ତି ରାତିଅଧିଆ ଗାଏବ



**ହିଞ୍ଜିଳିକାଟୁ,୧୮।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ମେଣ୍ଢାଖାଇ ପାହାଡ଼ରୁ ଗତ ବୁଧବାର ଦିନ ମାଟିତଳୁ ଠାକୁରାଣୀ ପ୍ରତିମୂର୍ତ୍ତି ଉଦ୍ଧାର ହୋଇଥିବା ବେଳେ ପରିଷ୍କାର କରି ଦେଖିବା ପରେ ତାହା ମା' ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ବୋଲି ଜଣାପଡିଥିଲା। ତେବେ ସେଇ ଦିନଠାରୁ ମା'ଙ୍କୁ ସାହିବାସିନ୍ଦା ପୂଜା କରି ଆସୁଥିବା ବେଳେ ଲୋକଙ୍କ ଦର୍ଶନ ପାଇଁ ଭିଡ଼ ଜମୁଥିଲା। ଆଜି ସକାଳୁ ଉକ୍ତ ସାହିର ଜଣେ ପୂଜକ ପାହାଡ଼ ଉପରକୁ ମା'ଙ୍କ ପୂଜା କରିବାକୁ ଯାଇଥିବା ବେଳେ ଦେଖିବାକୁ ପାଇଥିଲେ ସେଇ ସ୍ଥାନରୁ ମୂର୍ତ୍ତି ଗାଏବ ହୋଇଯାଇଛି। ଏହି ଖବର ସାହିବାସିନ୍ଦା ଜାଣିବା ପରେ ହିଞ୍ଜିଳିକାଟୁ ସହର ସମେତ ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ତେବେ ରବିବାର ବିଳମ୍ବିତ ରାତିରେ ମୂର୍ତ୍ତି ଚୋରି ହୋଇଥିବା ନେଇ ଅନୁମାନ କରାଯାଉଛି। ଏହି ମୂର୍ତ୍ତି ଚୋରି ଘଟଣାର ପୁଲିସ ତଦନ୍ତ କରି ଦୃର୍ବୁତ୍ତଙ୍କୁ ଗିରଫ କରିବା ସହ ଉଚିତ୍ ଦଣ୍ଡ ଦିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଥିବା ଜଣାପଡ଼ିଛି।

# ମୁରବୀହୀନ ଅସ୍ତରଙ୍ଗ ଥାନା




**କାକଟପୁର/ଅସ୍ତରଙ୍ଗ,୧୮।୮ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଅସ୍ତରଙ୍ଗ ଥାନାରେ ଥାନାଧିକାରୀ ପଦ ଖାଲି ପଡ଼ିଥିବା ଜଣାପଡିଛି। ପୁରୀ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଥାନା ହେଉଛି ଅସ୍ତରଙ୍ଗ ଥାନା। ଏହି ଅଂଚଳର ଭୌଗୋଳିକ ସ୍ଥିତି ଓ ଅପରାଧିକ ଭିତ୍ତିଭୂମି ଅନ୍ୟ ଥାନା ଠାରୁ ବେଶ ଆଗରେ। ପ୍ରତି ମାସରେ କିଛି ନା କିଛି ଚୋରି, ଲୁଟ ଏବଂ ଗଣ୍ଡଗୋଳ ଠାରୁ ଆରମ୍ଭ କରି ଅପରାଧ ବିଭିନ୍ନ ପ୍ରକାର ମାମଲା ପ୍ରତ୍ୟେକ ଦିନ ଥାନାକୁ ଆସୁଛି। କିନ୍ତୁ କିଛି ଦିନ ହେବ ଅସ୍ତରଙ୍ଗ ଥାନା ମୁରବି ଶୂନ୍ୟ ହୋଇ ପଡିଛି।

ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ରାଜେଶ ବଳିୟାର ସିଂ ନିଜ ପଦପଦବୀର ଅପବ୍ୟବହାର ପାଇଁ ଡିଜିପି ୱାଇ. ବି. ଖୁରାନିଆ ନିଲମ୍ବନ କରିଛନ୍ତି। ଶୁକ୍ରବାର ନିଲମ୍ବନ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି ଏଠାରେ ହୋଇନାହିଁ। ପ୍ରତିଦିନ ବିଭିନ୍ନ ପ୍ରକାର ଘଟଣା ଦୁର୍ଘଟଣା ଏବଂ ଚୋରି, ଲୁଟ ଘଟୁଥିବା ବେଳେ ସାଧାରଣ ଲୋକେ ଭୟଭୀତ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। କର୍ମଚାରୀ ଅଭାବରୁ ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଲୋକଙ୍କୁ ଉପଯୁକ୍ତ ସେବା ମିଳୁନଥିବା ଅଭିଯୋଗ ହେଉଛି। ଖୁବ ଶୀଘ୍ର ଥାନା ଅଧିକାରୀ ଯୋଗାଇ ଦେବାକୁ ଦାବୀ ହେଉଛି।

# ସ୍ୱତନ୍ତ୍ର କୋଡ୍‌ରେ ଚାଲିଛି ନିଶା କାରବାର




### ବାବା, ସ୍ପେସାଲ, ଚକ, ରିଜିଲା ନାମରେ ନିଶା କାରବାର

**କାକଟପୁର/ଅସ୍ତରଙ୍ଗ,୧୮।୮ (ସଂଚାର ବ୍ୟୁରୋ):** ଦିନକୁ ଦିନ ନିଶା କାରବାର ଢାଞ୍ଚା ବଦଳି ଚାଲିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ପାନ ଦୋକାନ ଠାରୁ ଆରମ୍ଭ କରି ଗ୍ରୋସରୀ ଦୋକାନୀ ପର୍ଯ୍ୟନ୍ତ ସବୁଠି ସହଜରେ ମିଳୁଛି ଗଂଜେଇ ଭର୍ତ୍ତି ସିଗାରେଟ। ନିଶାଡୀ ଆଉ ବ୍ୟବସାୟୀ ଜାଣିବା ପାଇଁ ସ୍ୱତନ୍ତ୍ର କୋଡ଼ ବ୍ୟବହାର କରାଯାଇ ବ୍ୟବସାୟୀ ହେଉଛି। ଯାହାକି ସମସ୍ତ ଲୋକ ଜାଣିପାରୁ ନାହାନ୍ତି। କେଉଁଠି ସ୍ପେସାଲ, ବାବା, ରିଜିଲା, ଭୋଗ, ଚକ ନାମରେ ଏହି ସିଗାରେଟ କାରବାର ଚାଲିଥିବା ବେଳେ କୋଡ଼ରେ କହିଲେ ଦୋକାନୀ ବୁଝି ନିଶାଡୀଙ୍କୁ ବଢ଼ାଇ ଦେଉଛନ୍ତି। ବିଶେଷ କରି ଯୁବ ପିଢ଼ି ଏହି ସିଗାରେଟ ନିଶା କବଳରେ ପଡିଛନ୍ତି। କିନ୍ତୁ ଅବକାରୀ ବିଭାଗ କିମ୍ବା ପୁଲିସ ଏ ସମ୍ପର୍କରେ କିଛି ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ବ୍ୟବସାୟୀ ଶସ୍ତା ସିଗାରେଟରୁ ପତି ବାହାର କରି ସେଥିରେ ଗଂଜେଇ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଏହା ବଜାରରେ "ସ୍ପେସାଲ "ସିଗାରେଟ ନାମରେ ସମସ୍ତେ ଜାଣୁଛନ୍ତି। ତାହା ସହ ଆଉ ଏକ ପ୍ୟାକେଟରେ ମାଟିଆ ରଙ୍ଗ ମିଳୁଛି "ରିଜିଲା "ନାମରେ ବିକ୍ରି ହେଉଛି। ବ୍ୟବସାୟୀ ଏହାକୁ ପ୍ରସ୍ତୁତ କରି ଗୋଟାକୁ ୧୦ଟଙ୍କାରେ ବିକ୍ରି କରୁଛନ୍ତି। ତାହା ସହ କିଛି ବଡ଼ ବ୍ୟବସାୟୀ ଗଂଜେଇ ସହ କିଛି ରାସାୟନିକ ମିଶାଇ କଞ୍ଚାମାଲ ପ୍ରସ୍ତୁତ କରିବା ପରେ ଏହାକୁ ଛୋଟ ବେପାରୀଙ୍କୁ ଯୋଗାଇ ଦିଆଯାଉଛି। ଏହା ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବୀ ହେଉଛି।

### ସୋଆରେ ବିଶ୍ୱ ମହୁମାଛି ଦିବସ ପାଳିତ

# ମହୁମାଛି କେବଳ କୀଟ ନୁହେଁ, ପ୍ରକୃତିର ଆଶୀର୍ବାଦ



**ଭୁବନେଶ୍ୱର,୧୮।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର କୀଟତତ୍ୱ ବିଭାଗ ପକ୍ଷରୁ ଶନିବାର ଦିନ ବିଶ୍ୱ ମହୁମାଛି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଓଡ଼ିଶା ତଥା ଭାରତରେ ମହୁମାଛି ପାଳନ ଏକ ପ୍ରମୁଖ ଉଦ୍ୟୋଗରେ ପରିଣତ ହୋଇଛି। ଏଭଳି ଦିବସ ପାଳନ କରିବା ପ୍ରଶଂସନୀୟ ବୋଲି ସେ କହିଥିଲେ।

ସେହିପରି ମୁଖ୍ୟବକ୍ତା ଭାବେ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ସଚିବ ଡ. ସଞ୍ଜୟ କୁମାର ମିଶ୍ର ଯୋଗ ଦେଇ ଓଡ଼ିଶାରେ ମହୁମାଛି ପାଳନ ନିମନ୍ତେ ଭଲ ଭିତ୍ତିଭୂମି ରହିଛି ଏବଂ ଏହାର ଅଧିକ ବିକାଶ ପାଇଁ ଚାଷୀ ଭାଇଭଉଣୀମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ।

ମହୁମାଛି ଏକ ସାଧାରଣ କୀଟ ନୁହେଁ, ପ୍ରକୃତିର ଗୋଟିଏ ଦୁର୍ମୁଲ୍ୟ ଆଶୀର୍ବାଦ। ମହୁମାଛି ବିଲୁପ୍ତ ହେଲେ ମଣିଷର ସ୍ଥିତି ମଧ ସଙ୍କଟାପନ୍ନ ହେବ। ଏଣୁ ମହୁମାଛିମାନଙ୍କ ସୁରକ୍ଷା ଆଜିର ଆହ୍ୱାନ। ଏହି ଅବସରରେ ବୈଜ୍ଞାନିକ ତଥ୍ୟ ଓ ତତ୍ୱ ଆଧାରିତ ପୁସ୍ତିକା "ମହୁମାଛି ପାଳନର ବୈଜ୍ଞାନିକ ଦିଗ" ଉନ୍ମୋଚିତ ହୋଇଥିଲା।




# ବେଙ୍ଗାଲୁରୁ ପ୍ଲାଣ୍ଟରେ ଆରମ୍ଭ ହେଲା ଆଇଫୋନ ୧୭ ପ୍ରଡକ୍ସନ

## ସେପ୍ଟେମ୍ବରରେ ହୋଇପାରେ ଲଞ୍ଚ

**ନୂଆଦିଲ୍ଲୀ, ୧୮।୮:** ସେପ୍ଟେମ୍ବର ମାସରେ ଆଇଫୋନ ୧୭ ବିଶ୍ୱରେ ଲଞ୍ଚ ହୋଇପାରେ। ଏଥିପାଇଁ ଭାରତରେ ମଧ ଏହାର ପ୍ରଡକ୍ସନ କାମ ଆରମ୍ଭ ହୋଇଗଲାଣି। ବେଙ୍ଗାଲୁରୁରେ ଥିବା ତାଇୱାନ କମ୍ପାନୀ ଫକ୍ସନ ଏହାର ପ୍ରଡକ୍ସନ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ ପରିମାଣରେ କମ୍ପାନୀ ଏହାର ପ୍ରଡକ୍ସନ କରିବା ଆରମ୍ଭ କରିଦେଇଛି ବୋଲି ଇକୋନୋମିକ୍ସ ଟାଇମ୍ସରେ ଖବର ପ୍ରକାଶ ପାଇଛି। ବେଙ୍ଗାଲୁରୁ ସମେତ ଚେନ୍ନାଇରେ ମଧ କମ୍ପାନୀ ପ୍ରଡକ୍ସନ କାମ ଆରମ୍ଭ କରିବ। ଫକ୍ସକନ୍ ହେଉଛି ଆଇଫୋନର ସର୍ବବୃହତ ନିର୍ମାତା। ଚୀନ ବାହାରେ ବେଙ୍ଗାଲୁରୁ ନିକଟସ୍ଥ ଦେବନାହଲ୍ଲୀରେ ଥିବା ଏହାର ପ୍ଲାଣ୍ଟ କମ୍ପାନୀର ଦ୍ୱିତୀୟ ସର୍ବବୃହତ ପ୍ଲାଣ୍ଟ। ୨.୮ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୨୫,୦୦୦ କୋଟି ଟଙ୍କା) ନିବେଶରେ ଏହି ପ୍ଲାଣ୍ଟ ପ୍ରତିଷ୍ଠିତ ହୋଇଛି। ତେବେ ଏନେଇ ଆପଲ ପକ୍ଷରୁ କିମ୍ବା ଫକ୍ସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ସୂଚନା ଥାଉକି ଶତାଧିକ ଚୀନ୍ ଇଞ୍ଜିନିୟର ହଠାତ୍ ଫେରିଯିବା ପରେ ଆଇଫୋନ୍ ପ୍ରଡକ୍ସନରେ ବାଧା ସୃଷ୍ଟି ହୋଇଥିଲା। ତଥାପି, ଫକ୍ସକନ୍ ଏହି ଅଭାବକୁ ପୂରଣ କରିବା ପାଇଁ ତାଇୱାନ ସମେତ



ବିଭିନ୍ନ ସ୍ଥାନରୁ ବିଶେଷଜ୍ଞଙ୍କୁ ଆଣି ପ୍ରଡକ୍ସନ ଆରମ୍ଭ କରିଦେଇଛି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆପଲ୍ ୨୦୨୪-୨୫ରେ ପ୍ରାୟ ୩୫-୪୦ ମିଲିଅନ ୟୁନିଟ୍ ଥିବା ଆଇଫୋନ୍ ଉତ୍ପାଦନକୁ ଚଳିତ ବର୍ଷ ୬୦ ନିୟୁତ ୟୁନିଟ୍‌କୁ ବୃଦ୍ଧି କରିବାକୁ ଯୋଜନା କରିଛି। ୩୧ ମାର୍ଚ୍ଚ, ୨୦୨୫ ରେ ଆର୍ଥିକ ବର୍ଷ ଶେଷରେ ଆପଲ୍ ଭାରତରେ ପ୍ରାୟ ୨୨ ବିଲିୟନ ଡଲାର ମୂଲ୍ୟର ୬୦ ପ୍ରତିଶତ ଅଧିକ ଆଇଫୋନ୍ ଆସେମ୍ବଲ କରିଥିଲା। ୩୧ ଜୁଲାଇରେ ଆର୍ଥିକ ଫଳାଫଳ ଘୋଷଣା ପରେ କମ୍ପାନୀର ସିଇଓ ଟିମ୍ କୁକ୍ କହିଥିଲେ ଯେ ୨୦୨୫ ଜୁନରେ ଆମେରିକାରେ ବିକ୍ରି ହୋଇଥିବା ଅଧିକାଂଶ ଆଇଫୋନ୍ ଭାରତରୁ ଆସିଛି।

ଏସ୍‌ଆଣ୍ଡ୍‌ପି ଗ୍ଲୋବାଲର ଏକ ବିଶ୍ଳେଷଣ ଅନୁଯାୟୀ, ୨୦୨୪ରେ ଆମେରିକାରେ ଆଇଫୋନ୍ ବିକ୍ରୟ ୭୫.୯ ମିଲିଅନ ୟୁନିଟ୍ ଥିଲା, ମାର୍ଚ୍ଚ ମାସରେ ଭାରତରୁ ୩.୧ ମିଲିଅନ ୟୁନିଟ୍ ରପ୍ତାନୀ ହୋଇଥିଲା। ଯାହା ନୂଆ କ୍ଷମତା ମାଧ୍ୟମରେ କିମ୍ବା ଘରୋଇ ବଜାର ପାଇଁ ପଠାଯାଇଥିବା ପଠାଣକୁ ପୁନଃନିର୍ଦ୍ଦେଶିତ କରି ପଠାଣକୁ ଦ୍ୱିଗୁଣିତ କରିବାର ଆବଶ୍ୟକତାକୁ ସୂଚାଇ ଦେଉଛି।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨, ୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୧୮୦ ଓ ୯୨ ହଜାର ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୧୦୦ ଟଙ୍କା ହୋଇଛି।

# ଏୟାରଲାଇନ୍ସ ଉପରେ ୯୦ ନିୟୁତ ଡଲାର ଜରିମାନା

**କାନବେରା, ୧୮।୮:** କ୍ୱାଣ୍ଟାସ୍ ଆଉଟସୋର୍ସିଂ ମାମଲାରେ ଅଷ୍ଟ୍ରେଲିଆର ଏକ କୋର୍ଟ ଦେଶର ସବୁଠାରୁ ବଡ଼ ବେଆଇନ ଛଟେଇ ମାମଲାରେ ଅଷ୍ଟ୍ରେଲିଆର ସର୍ବବୃହତ ବିମାନ କମ୍ପାନି କ୍ୱାଣ୍ଟାସ୍‌କୁ ଇତିହାସ ସୃଷ୍ଟି କରି ୯୦ ନିୟୁତ ଡଲାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୃତରେ, ୨୦୨୦ମସିହାରେ କରୋନା ମହାମାରୀ ସମୟରେ କ୍ୱାଣ୍ଟାସ୍ ୧,୮୦୦ରୁ ଅଧିକ ବ୍ୟାଗେଜ୍ ହ୍ୟାଣ୍ଡଲର୍, ସଫେଇକାରୀ ଏବଂ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ କାମ ଆଉଟସୋର୍ସ କରିଥିଲା। ଏହା ଅଷ୍ଟ୍ରେଲିଆ ଇତିହାସରେ ଶିଳ୍ପ ସମ୍ପର୍କ ଆଇନ ଉଲ୍ଲଂଘନ ପାଇଁ କୋର୍ଟ ଦ୍ୱାରା ଲଗାଯାଇଥିବା ସବୁଠାରୁ ବଡ଼ ଜରିମାନା। ଫେଡେରାଲ କୋର୍ଟର ବିଚାରପତି ମାଇକେଲ ଲି ଜରିମାନାର ୫୦ ନିୟୁତ ଡଲାର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ (ଟିଡବ୍ଲ୍ୟୁ)କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧,୮୦୦ ରୁ ଅଧିକ ଶ୍ରମିକଙ୍କ ପକ୍ଷରୁ ଏନେଇ ଏକ



ମାମଲା ଆଣିଥିଲା। କୋଭିଡ ମହାମାରୀ ସମୟରେ ୧,୮୦୦ ରୁ ଅଧିକ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଚାକିରିକୁ ବେଆଇନ ଭାବରେ ଆଉଟସୋର୍ସ କରିବା ନିଷ୍ପତ୍ତି ପାଇଁ ଏୟାରଲାଇନ୍ସ ଜାଏଣ୍ଟ କ୍ୱାଣ୍ଟାସ୍ ଏବେ ଜରିମାନା ଦେବ। ବାକି ୪୦ ନିୟୁତ ଡଲାର କିପରି ପ୍ରଦାନ କରାଯିବ ଏବଂ କର୍ମଚାରୀମାନେ ଏହା ପାଇବେ କି ନାହିଁ ତାହା ପରବର୍ତ୍ତୀ ଶୁଣାଣିରେ ନିଷ୍ପତ୍ତି ନିଆଯିବ। ୨୦୨୦ ମସିହାରେ କ୍ୱାଣ୍ଟାସ୍ ଏହାର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ କର୍ମଚାରୀଙ୍କୁ ଆଉଟସୋର୍ସ କରିବାର ନିଷ୍ପତ୍ତିକୁ ପରେ ଫେଡେରାଲ୍ କୋର୍ଟ ଦ୍ୱାରା ଅବୈଧ ବୋଲି ପ୍ରମାଣିତ ହେବା ପରେ ଏହା ଆସିଛି।

ଟିଡବ୍ଲ୍ୟୁ ଏୟାରଲାଇନ୍ସକୁ ସର୍ବାଧିକ ୧୨୧ ନିୟୁତ ଡଲାର ଜରିମାନା ଏବଂ ପ୍ରଭାବିତ କର୍ମଚାରୀଙ୍କୁ ୧୨୦ ନିୟୁତ ଡଲାର କ୍ଷତିପୂରଣ ଦେବାକୁ ଅନୁରୋଧ କରିଥିଲା। କ୍ୱାଣ୍ଟାସ୍ ଯୁକ୍ତି ଦେଇଥିଲା ଯେ କୋର୍ଟ ୪୦ ନିୟୁତ ଡଲାରରୁ ୮୦ ନିୟୁତ ଡଲାର ମଧ୍ୟରେ "ମଧ୍ୟମ" ଜରିମାନା ଲାଗୁ କରିବା ଉଚିତ୍। ଜଷ୍ଟିସ୍ ଲି କହିଛନ୍ତି ଯେ, କ୍ୱାଣ୍ଟାସ୍ "ଭୁଲ ପାଇଁ ଅନୁତାପ" ପ୍ରକାଶ କରିଛି, ବେଆଇନ ଭାବରେ ବହିଷ୍କାର କରାଯାଇଥିବା କର୍ମଚାରୀଙ୍କ ଉପରେ ମାମଲାର ପ୍ରଭାବ ଅପେକ୍ଷା କମ୍ପାନି ଉପରେ ପଡ଼ିଥିବା ପ୍ରଭାବ ବିଷୟରେ ଅଧିକ ଚିନ୍ତିତ। ଆଉଟସୋର୍ସିଂ ନିଷ୍ପତ୍ତିରେ ପୂର୍ବତନ ସିଇଓ ଆଲାନ୍ ଜଏସଙ୍କ ନାମ ସିଧାସଳଖ ସମ୍ପୃକ୍ତ ନଥିବାରୁ ଜଷ୍ଟିସ୍ ଲି ଚିନ୍ତିତ ହୋଇଥିଲେ ଯେ, ନିଷ୍ପତ୍ତି ପୂର୍ବରୁ କ୍ୱାଣ୍ଟାସର ଶୀର୍ଷ ପରିଚାଳନା ସ୍ତରରେ କ'ଣ କାର୍ଯ୍ୟକଳାପ ଚାଲିଛି ସେ ବିଷୟରେ ସ୍ପଷ୍ଟତାର ଅଭାବ ଥିଲା।

# ବ୍ୟାଙ୍କକୁ ନଯାଇ ୟୁପିଆଇ ଆପ୍‌ରେ ମିଳିବ ଋଣ

**ନୂଆଦିଲ୍ଲୀ, ୧୮।୮:** ଯେଉଁମାନେ କମ୍ ପରିମାଣର ଋଣ ଚାହୁଁଛନ୍ତି ସେମାନଙ୍କ ପାଇଁ ଏକ ଖୁସି ଖବର ଆସିଛି। ଦୀର୍ଘ ସମୟ ଅପେକ୍ଷା ପରେ, ୟୁପିଆଇରେ କ୍ରେଡିଟ୍ ଲାଇନ ସୁବିଧା ଆରମ୍ଭ ହେବାକୁ ଯାଉଛି। ବ୍ୟାଙ୍କଗୁଡ଼ିକ ଯୋଜନା କରିଛନ୍ତି ଯେ, ଏବେ ଗ୍ରାହକମାନଙ୍କୁ ସିଧାସଳଖ ୟୁପିଆଇ ଆପ୍ ମାଧ୍ୟମରେ କ୍ଷୁଦ୍ର ଋଣ ପ୍ରଦାନ କରାଯିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ମଧ ଏହି ସୁବିଧା ପାଇଁ ନିର୍ଦ୍ଦେଶାବଳୀ




ଜାରି କରିଛି। ଯଦି ଏହି ଯୋଜନା ପ୍ରକୃତରେ କାର୍ଯ୍ୟକାରୀ ହୁଏ, ତେବେ ଏବେ ଗ୍ରାହକମାନଙ୍କୁ କ୍ଷୁଦ୍ର ଋଣ ପାଇଁ ଆଉ ବ୍ୟାଙ୍କକୁ ଯିବାକୁ ପଡ଼ିବ ନାହିଁ। ସେମାନେ ଘରେ ବସି ଏହି ସୁବିଧା ସହଜରେ ପାଇପାରିବେ। ସୂଚନା ଦେଇ ଫିନଟେକ୍ କ୍ଷେତ୍ରର ଜଣେ ପ୍ରତିଷ୍ଠାତା କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ନୂତନ ଗ୍ରାହକଙ୍କ ପାଖରେ ପହଞ୍ଚିବା ପାଇଁ ୟୁପିଆଇରେ ଛୋଟ କ୍ରେଡିଟ୍ ଲାଇନ୍ ସେବା ପ୍ରଦାନ କରିବାକୁ ଯାଉଛନ୍ତି, ବିଶେଷକରି ଯେଉଁ ଗ୍ରାହକମାନଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ। ଏଥିପାଇଁ, ଫୋନପେ, ପେଟିଏମ୍, ନାଭି ଏବଂ ଭାରତପେ ଭଳି ଆପ୍ ବ୍ୟବହାର କରାଯିବ। ଆଇସିଆଇସିଆଇ ଭଳି ବଡ଼ ବ୍ୟାଙ୍କ ଏବଂ କର୍ଣ୍ଣାଟକ ବ୍ୟାଙ୍କ ଭଳି ଛୋଟ ବ୍ୟାଙ୍କ ମଧ ଏଭଳି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ନୂତନ ପ୍ରକଳ୍ପ ସମ୍ପର୍କରେ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅନେକ ପ୍ରଶ୍ନ ପଚାରିଥିଲେ । ଯେପରିକି ସୁଧମୁକ୍ତ ଅବଧି,ବାକି ରାଶିର ରିପୋର୍ଟିଂ ଏବଂ କ୍ରେଡିଟ୍ ବ୍ୟୁରୋକୁ ସୂଚନା ପଠାଇବାର ପଦ୍ଧତି। ଏବେ ଆରବିଆଇ ଏହି ପ୍ରସଙ୍ଗଗୁଡ଼ିକ ଉପରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଦେଇଛି। ଯାହା ପରେ ପ୍ରାରମ୍ଭିକ ସ୍ତରରେ ଏହାର ପରୀକ୍ଷଣ ଆରମ୍ଭ ହୋଇଛି। ୟୁପିଆଇ ପ୍ଲାଟଫର୍ମ ଏନପିସିଆଇ ଦ୍ୱାରା ପରିଚାଳିତ ହେଉଛି। ଯାହା ସେପ୍ଟେମ୍ବର ୨୦୨୩ରେ ପ୍ରି-ସଙ୍କସନ୍ଦ କ୍ରେଡିଟ୍ ଲାଇନ୍ ସୁବିଧା ଆରମ୍ଭ କରିଥିଲା। କିନ୍ତୁ ଯାନ୍ତ୍ରିକ ସମସ୍ୟା ଯୋଗୁ ଅଧିକାଂଶ ବ୍ୟାଙ୍କ ଏହାକୁ ଆରମ୍ଭ କରି ନଥିଲେ। ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ହେଉଛି ଏବଂ ବ୍ୟାଙ୍କଗୁଡ଼ିକ ଏହାକୁ ଦ୍ରୁତ ଗତିରେ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ଜୁଲାଇ ୧୦ରେ, ଏନପିସିଆଇ ବ୍ୟାଙ୍କଗୁଡ଼ିକୁ ଏକ ବିଜ୍ଞପ୍ତି ଜାରି କରି କହିଛି ଯେ, ଏହି ଉପାୟରେ ଯେକୌଣସି ଋଣ ଦିଆଯିବ ତାହା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ୍। ଯେଉଁ ଉଦ୍ଦେଶ୍ୟରେ ଏହାକୁ ଅନୁମୋଦନ କରାଯାଇଥିଲା।

ଏହା ମାଧ୍ୟମରେ ସୁନା ଋଣ, ସ୍ଥାୟୀ ଜମା ଏଜେଣ୍ଟ ଋଣ, ଉପଭୋକ୍ତା ଋଣ, ବ୍ୟକ୍ତିଗତ ଋଣ ଇତ୍ୟାଦି ମିଳି ପାରିବ। ଯାହାର ସରଳ ଅର୍ଥ ହେଉଛି କ୍ରେଡିଟ୍ ଆକାଉଣ୍ଟ ସିଧାସଳଖ ୟୁପିଆଇ ଆପ୍ ସହିତ ଲିଙ୍କ୍ ହେବ ଏବଂ ସେଠାରୁ ଛୋଟ ଋଣ ମିଳିପାରିବ।

ଶିଳ୍ପ ବିଶେଷଜ୍ଞମାନଙ୍କ ଅନୁସାରେ ୟୁପିଆଇର ପରବର୍ତ୍ତୀ ପର୍ଯ୍ୟାୟରେ କ୍ରେଡିଟ୍ ଏକ ବଡ଼ ପଦକ୍ଷେପ ପ୍ରମାଣିତ ହେବ। ବର୍ତ୍ତମାନ ୟୁପିଆଇର ପ୍ରାୟ ୩୦ କୋଟି ଉପଭୋକ୍ତା ଅଛନ୍ତି, ଯେଉଁଥିରୁ ୧୫-୨୦ କୋଟି ସକ୍ରିୟ ଉପଭୋକ୍ତା ଅଛନ୍ତି। ତଥାପି, ଗତ କିଛି ମାସ ମଧ୍ୟରେ ୟୁପିଆଇ ଅଭିବୃଦ୍ଧିର ଗତି ମନ୍ଥର ହୋଇଛି। ଏପରି ପରିସ୍ଥିତିରେ, କ୍ରେଡିଟ୍ ଲାଇନ ଏହାକୁ ନୂତନ ଗତି ଦେଇପାରିବ। ବ୍ୟାଙ୍କଗୁଡ଼ିକୁ ବ୍ୟାକଏଣ୍ଡ ଭିତ୍ତିଭୂମି ପ୍ରଦାନ କରୁଥିବା ଫିନଟେକ୍ କମ୍ପାନୀ ଜେଟା ଆକଳନ କରିଛି ଯେ, ୨୦୩୦ ସୁଦ୍ଧା ୟୁପିଆଇରେ ୧ ଟ୍ରିଲିୟନ ଡଲାର ମୂଲ୍ୟର କାରବାର ହୋଇପାରିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ସ୍ଥିର ରହିଛି ।ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛିଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।



# ପ୍ରଧାନମନ୍ତ୍ରୀ ବିକାଶ ଭାରତ ରୋଜଗାର ଯୋଜନା ପୋର୍ଟାଲ୍ ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୮।୮:** ସୋମବାର ଶୁଭାରମ୍ଭ ହେଲା ପ୍ରଧାନମନ୍ତ୍ରୀ ବିକାଶ ଭାରତ ରୋଜଗାର ଯୋଜନା (ପିଏମଭିବିଆରୱାଇ) ପୋର୍ଟାଲ୍। ଏନେଇ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ଲାଲ୍ ମାଣ୍ଡଭିୟ ସୋମବାର ସୂଚନା ଦେଇଛନ୍ତି। ଉଭୟ ନିଯୁକ୍ତିଦାତା ଏବଂ ପ୍ରଥମ କର୍ମଚାରୀମାନଙ୍କୁ ୧ ଲକ୍ଷ କୋଟି ଟଙ୍କାର ଏହି କେନ୍ଦ୍ରୀୟ ଯୋଜନାର ଲାଭ ନେବାକୁ ସେ ଅନୁରୋଧ କରିଛନ୍ତି। କେନ୍ଦ୍ର କ୍ୟାବିନେଟ ୧ ଜୁଲାଇ, ୨୦୨୫ରେ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ ଯୋଜନା(ଏମ୍ପ୍ଲୋୟମେଣ୍ଟ ଲିଙ୍କ୍ଡ ଇନ୍‌ସେଣ୍ଟିଭ୍)କୁ ଅନୁମୋଦନ କରିଥିଲେ। ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଦେଶରେ ୨ ବର୍ଷ ମଧ୍ୟରେ ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ମାଧ୍ୟମରେ ୧ ଅଗଷ୍ଟ, ୨୦୨୫ ରୁ ଆରମ୍ଭ ହୋଇ ୩୧ ଜୁଲାଇ, ୨୦୨୭ ପର୍ଯ୍ୟନ୍ତ ଏହି ପ୍ରୋତ୍ସାହନ ଦେବାକୁ ଲକ୍ଷ୍ୟ



ରଖାଯାଇଥିବା କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମାଣ୍ଡଭିୟ କହିଛନ୍ତି। ସମସ୍ତ ନିଯୁକ୍ତିଦାତା ଏବଂ ପ୍ରଥମ ଥର ପାଇଁ କାମ କରୁଥିବା କର୍ମଚାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ପୋର୍ଟାଲରେ ପଞ୍ଜିକରଣ କରି କିମ୍ବା ଉମଙ୍ଗ ଆପରେ ସେମାନଙ୍କର ୟୁଏନ ନମ୍ବର ଅପଲୋଡ କରି ଜଣେ ତର୍ମଚାରୀ ପ୍ରୋତ୍ସାହନ ଲାଭ ପାଇପାରିବେ। ଏହି ଯୋଜନାରେ ପାର୍ଟ-ଏରେ ପ୍ରଥମଥରର କର୍ମଚାରୀଙ୍କୁ ସମର୍ଥନ ମିଳିବାକୁ ଥିବା ବେଳେ ପାର୍ଟ- ବିରେ ନିଯୁକ୍ତଦାତାଙ୍କୁ ପ୍ରୋତ୍ସାହନ ଦେବେ ସରକାର। ମିଡିଆରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ବୁଝାଇଥିଲେ ଯେ, ଭାଗ ଏ ଅଧୀନରେ, ପ୍ରଥମ ଥର ପାଇଁ କର୍ମଚାରୀଙ୍କୁ ଦୁଇଟି କିସ୍ତିରେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ହାରାହାରି ଏକ ମାସର ଦରମା (ବେସିକ୍ +ଡିଏ) ସମକକ୍ଷ ଏକକାଳୀନ ପ୍ରୋତ୍ସାହନ ପ୍ରଦାନ କରାଯିବ। ନିଯୁକ୍ତିଦାତାମାନେ ତିନୋଟି ସ୍ଲାବରେ ପ୍ରୋତ୍ସାହନ ପାଇବାକୁ ହକଦାର ହେବେ। ଯଦି ଜଣେ କର୍ମଚାରୀଙ୍କ ଦରମା ପ୍ରତିମାସ ୧୦,୦୦୦ ଟଙ୍କା ହୁଏ, ତେବେ ନିଯୁକ୍ତିଦାତାଙ୍କୁ ୧,୦୦୦ ଟଙ୍କା ପ୍ରୋତ୍ସାହନ ମିଳିବ। ସେହିପରି ଯେଉଁ କର୍ମଚାରୀଙ୍କର ମାସିକ ଦରମା ୧୦ ହଜାରରୁ ରୁ ୨୦ ହଜାର ଟଙ୍କା ମଧ୍ୟରେ ରହିବ, ସେମାନଙ୍କର ନିଯୁକ୍ତିଦାତାଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଯେଉଁ ନିଯୁକ୍ତିଦାତାମାନଙ୍କର ନୂଆ କର୍ମଚାରୀଙ୍କର ଦରମା ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅଛି, ସେମାନଙ୍କୁ ଏକକାଳୀନ ୩,୦୦୦ ଟଙ୍କା ପ୍ରୋତ୍ସାହନ ଦିଆଯିବ। ଏହି ଯୋଜନା ଦେଶରେ ନୂଆ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ ଏବଂ ନୂଆ କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ପାରାଦୀପରେ ଏଲ୍‌ଆଣ୍ଡଟିର ଗ୍ରିନ୍ ଆମୋନିଆ ପ୍ରକଳ୍ପ



ଭୁବନେଶ୍ୱର, ୧୮।୮: ଲାର୍ସନ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି)ର ଶାଖା କମ୍ପାନି ଏଲ୍‌ଆଣ୍ଡଟି ଏନର୍ଜି ଗ୍ରିନ୍‌ଟେକ୍ ପକ୍ଷରୁ ପାରାଦୀପରେ ଏକ ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆ କାରଖାନା ସ୍ଥାପନ କରାଯିବ। କମ୍ପାନିର ସିଇଓ ଡେରେକ୍ ଏମ୍ ଶାହ ଏହି ସୂଚନା ଦେଇଛନ୍ତି। ପ୍ରକଳ୍ପ ସମ୍ପର୍କରେ ଅଧିକ ତଥ୍ୟ ଦେଇ ସେ ଜଣାଇଛନ୍ତି ଯେ ପାରାଦୀପ ପ୍ରକଳ୍ପର ବାର୍ଷିକ କ୍ଷମତା ୧.୮ ନିୟୁତ ଟନ୍ ହେବ। ସେଥିରେ ପାଖାପାଖି ୪୦,୦୦୦ କୋଟି ଟଙ୍କା ନିବେଶ ହେବ। ଏଲ୍‌ଆଣ୍ଡଟି ଏନର୍ଜି ଗ୍ରିନ୍‌ଟେକ୍ ଦେଶର ଦୁଇଟି ସ୍ଥାନରେ ଗ୍ରିନ୍ ଆମୋନିଆ କାରଖାନା କରିବାକୁ ଚାହୁଁଛି। ଗୋଟିଏ ହେଉଛି ଗୁଜରାଟର କାଣ୍ଡଲା ଓ ଦ୍ୱିତୀୟଟି ହେଉଛି ଓଡ଼ିଶାର ପାରାଦୀପ। ଉଭୟ ପ୍ରକଳ୍ପର ଉତ୍ପାଦନ କ୍ଷମତା ଓ ନିବେଶ ପରିମାଣ ପ୍ରାୟ ସମାନ ରହିବ। ପାରାଦୀପକୁ ନିବେଶ ସ୍ଥଳ ଭାବେ ଚୟନ କରିବା ପଛର କାରଣ ସମ୍ପର୍କରେ ଶ୍ରୀ ଶାହ ଜଣାଇଛନ୍ତି ଯେ ବିଶ୍ୱବ୍ୟାପୀ ଜାହାଜ ପରିବହନରେ ଗ୍ରିନ୍ କରିଡର୍ ବିକାଶ ହୋଇଛି। ପାରାଦୀପରୁ ସିଙ୍ଗାପୁର ଏବଂ ୟୁରୋପରୁ ରୋଟର୍‌ଡ୍ୟାମ୍ ପର୍ଯ୍ୟନ୍ତ ଗ୍ରିନ୍ କରିଡର୍। ତେଣୁ ସେହି ରୁଟ୍‌ରେ ଅଳ୍ପ ସମୟ ଭିତରେ ବହୁ ପ୍ରକାର କଟକଣା ଲାଗିବ ଏବଂ ସବୁଜ ପରିବହନ ଲାଗି କଡ଼ା ନିୟମ ଲାଗୁ ହେବ। ସେହି ସମୟରେ ସବୁଜ ଇନ୍ଧନର ଯେଉଁ ଆବଶ୍ୟକତା ଦେଖାଦେବ, ଯାହା ପୂରଣ କରିବା ଲାଗି ଆମେ ପ୍ରସ୍ତୁତ ରହିଥିବୁ ବୋଲି ସେ କହିଛନ୍ତି। ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ୍ ଆମୋନିଆକୁ କମ୍ପାନି ରପ୍ତାନି ଉଦ୍ଦେଶ୍ୟରେ ବ୍ୟବହାର କରିବ। ବର୍ତ୍ତମାନ ସୁଦ୍ଧା ୟୁରୋପ ସବୁଠୁ ବଡ଼ ବଜାର ହୋଇରହିଛି। ଜାପାନ, ଦକ୍ଷିଣ କୋରିଆ ଓ ସିଙ୍ଗାପୁରକୁ ରପ୍ତାନିର ମଧ ବ୍ୟାପକ ସୁଯୋଗ ରହିଛି। ମଧ୍ୟପ୍ରାଚ୍ୟକୁ ମଧ କମ୍ପାନି ଏହାର ଗ୍ରିନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିଆ ଓ ଡେରିଭେଟିଭ୍‌ସ ରପ୍ତାନି କରିବାକୁ ଯୋଜନା ରଖିଛି।

# ରାଜ୍ୟରେ ବର୍ଷକୁ ୨୦୦୦ କୋଟିର ପ୍ରତିରକ୍ଷା ବ୍ୟବସାୟ ସୁଯୋଗ

ଭୁବନେଶ୍ୱର, ୧୮।୮(ସଂଚାର ବ୍ୟୁରୋ): ରାଜ୍ୟର ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ବର୍ଷକୁ ୨୦୦୦ କୋଟି ଟଙ୍କାର ବ୍ୟବସାୟ କରିବା ସୁଯୋଗ ରହିଛି। ଏହା ଉପରେ ମାନସମନ୍ଥନ କରିବା ଲାଗି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସହଯୋଗରେ ଓସ୍‌ମି ପକ୍ଷରୁ ଏକ ସେମିନାର ଆୟୋଜନ କରାଯାଇଥିଲା। ସେଥିରେ ଡିଆର୍‌ଡିଓ ଚାନ୍ଦିପୁରର ପ୍ରୁଫ୍ ଆଣ୍ଡ୍ ଏକ୍ସପେରିମେଣ୍ଟ୍ ଏଷ୍ଟାବ୍ଲିସ୍‌ମେଣ୍ଟ୍‌ର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ, ହାଲ୍ କୋରାପୁଟର ମୁଖ୍ୟ ପ୍ରବନ୍ଧକ (ଆଇଏମ୍‌ଏମ୍-ପ୍ରୋଜେକ୍ଟ) ସୁବୋଧ କୁମାର ସାହୁ ଏବଂ ବଲାଙ୍ଗୀର ବଡ଼ମାଳରେ ଥିବା ଗୋଳାବାରୁଦ କାରଖାନାର ଜୁନିଅର ୱାର୍କସ୍ ମ୍ୟାନେଜର ତପନ କୁମାର ଜେନା ଅତିଥି ଭାବେ ଯୋଗ ଦେଇ ପ୍ରତିରକ୍ଷା ଉପକରଣ ସଂଗ୍ରହ, ଗବେଷଣା ଓ ବିକାଶ ଏବଂ ପ୍ରତିରକ୍ଷା ଉତ୍ପାଦନରେ ଏମ୍‌ଏସ୍‌ଏମ୍‌ଇଙ୍କ ଅଂଶଗ୍ରହଣ ଭଳି ବିଷୟ ଉପରେ ଆଲୋକପାତ କରିଥିଲେ। ସିଟିଟିସି ଭୁବନେଶ୍ୱରର ଗୁଣବତ୍ତା ମୁଖ୍ୟ ଡ. ଏସ୍ କେ କର ଅନ୍ତର୍ଜାତୀୟ ମାନର ଉତ୍ପାଦନ ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ଡ. ଏସ୍ ଏନ୍ ନାୟକ ଓ ପି କେ ଗୁପ୍ତା ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ରହିଥିବା ଆର୍ଥିକ ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଥିଲେ। ଇସ୍ରାଏଲ ଦୂତାବାସର ଇନୋଭେସନ ଆଟାଚି ମାୟା ସେର୍‌ମନ୍ ପ୍ରତିରକ୍ଷା ପ୍ରଯୁକ୍ତି ଏବଂ ମିଳିତ ଆରଆଣ୍ଡ୍‌ଡି ଓ ଉତ୍ପାଦନରେ ଭାରତ ଓ ଇସ୍ରାଏଲ୍ ମଧ୍ୟରେ ବଢୁଥିବା ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଯାତ୍ରାରେ ଯୋଡ଼ି ହେବା ଲାଗି ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇମାନଙ୍କ ଲାଗି ବ୍ୟାପକ ସୁଯୋଗ ଥିବା ସେ କହିଥିଲେ। ଆକ୍ୟୁରେଟ୍ ଇଞ୍ଜିନିୟରିଂ କ୍ଲଷ୍ଟର୍‌ର ଜୟପ୍ରକାଶ ବିଶ୍ୱାଳ ଓ ସନ୍ଦୀପ କୁମାର ରାଉତ ମଧ ସେମିନାରରେ ଅଂଶଗ୍ରହଣ କରିଥିଲେ।



# ନୂଆ ଲୁକ୍‌ରେ ଆସିବ ମହୀନ୍ଦ୍ରା ବୋଲେରୋ

**ନୂଆଦିଲ୍ଲୀ, ୧୮।୮:** ଭାରତର ଅଗ୍ରଣୀ କାର ନିର୍ମାତା କମ୍ପାନି ମହୀନ୍ଦ୍ରା ଆଣ୍ଡ ମହୀନ୍ଦ୍ରା ତାର ଆଇକନିକ୍ ଏସ୍‌ୟୁଭି ବୋଲେରୋର ନୂଆ ପିଢ଼ିର ଏକ ଝଲକ ଜାରି କରିଛି। ଯାହା ଆଗାମୀ ବର୍ଷ ଅର୍ଥାତ୍ ୨୦୨୬ରେ ଲଞ୍ଚ ହେବାର ସମ୍ଭାବନା ରହିଛି। ତେବେ ଏହି ଗାଡିର ଟିଜର ମହିନ୍ଦ୍ରା ଗତ ଅଗଷ୍ଟ ୧୫ ତାରିଖରେ ନିଜର ସମସ୍ତ ସାମାଜିକ ଗଣମାଧ୍ୟମ ସାଇଟରେ ଉନ୍ମୋଚନ କରିଛି। ଏହି ନୂଆ ବୋଲେରୋ ମହୀନ୍ଦ୍ରାର ନୂଆ ଫ୍ଲେକ୍ସିବଲ୍ ଆର୍କିଟେକ୍ଚର (ଏନ୍‌ଏଫ୍‌ଏ) ପ୍ଲାଟଫର୍ମରେ ଆଧାରିତ ହେବ। ଏହି ପ୍ଲାଟଫର୍ମ ପେଟ୍ରୋଲ, ଡିଜେଲ, ହାଇବ୍ରିଡ୍ ଏବଂ ଇଲେକ୍ଟ୍ରିକ୍ ପାୱାରଟ୍ରେନ୍‌କୁ ସମର୍ଥନ କରିବ, ଯାହା ବୋଲେରୋର ଏକ ଇଲେକ୍ଟ୍ରିକ୍ ଭାରିଅନ୍ଟ (କୋଡନେମ୍: ୟୁ୧୭୧) ମଧ ଆଣିବ। ନୂଆ ବୋଲେରୋ ତା'ର ପାରମ୍ପାରିକ ବକ୍ସି ଲୁକ୍ ବଜାୟ ରଖିବ, କିନ୍ତୁ ଆଧୁନିକ ଡିଜାଇନ୍ ସହିତ ଏହାକୁ ଅପଡେଟ୍ କରାଯିବ। ସ୍ପାଇ ଚିତ୍ରରୁ ଜଣାପଡିଛି ଯେ, ଏଥିରେ ନୂଆ ଏଲଇଡି ହେଡଲ୍ୟାମ୍ପ, ଫ୍ଲସ୍-ଫିଟିଂ ଡୋର ହ୍ୟାଣ୍ଡେଲ୍, ବଡ଼ ଆଲଏ ହ୍ୱିଲ୍ ଏବଂ ଥାର ଓ ସ୍କର୍ପିଓ-ଏନ୍‌ରେ ଦେଖାଯାଇଥିବା ଡିଜାଇନ୍ ଉପାଦାନ ରହିବ।

### ମନରେଗା ଯୋଜନାରେ ବଡ଼ ଦୁର୍ନୀତି

# ସରପଞ୍ଚଙ୍କୁ ତାଲା ପକାଇଲେ ଶତାଧିକ ମହିଳା



**ଫୁଲବାଣୀ,୧୮।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବିଲାମାଳ ପଞ୍ଚାୟତର ମନରେଗାର ମୋ ଉପକାରୀ ବଗିଚାର ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଆଜି ଶତାଧିକ ମହିଳା ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟକୁ ଆସି ବ୍ଲକ ଘେରାଉ କରିବା ସହ ବିଲାମାଳ ସରପଞ୍ଚଙ୍କୁ ବ୍ଲକ କାର୍ଯ୍ୟାଳୟ ଅଫିସ ଭିତରେ ତାଲା ପକାଇଥିବା ଦେଖିବାକୁ ମିଳିଛି। ଯାହାଫଳରେ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇ ଯାଇଛି।

ସୂଚନା ଅନୁସାରେ, ୨୨/୨୩ ଆର୍ଥିକ ବର୍ଷରେ ପଞ୍ଚାୟତକୁ ଏମଜିଏନଆରଇଜିଏସରେ ବିଲାମାଳ, ଧୂଡସି, ଖଡ଼ପଙ୍କା ଜିପିଏଲଏଫ ମହିଳା ସ୍ୱୟଂ ସହାୟକା ଗୋଷ୍ଠୀକୁ ୧୮୦ଟି ମୋ ଉପକାରୀ ବଗିଚାର ପ୍ରକଳ୍ପ ମଞ୍ଜୁର ହୋଇଛି।

ଉକ୍ତ ପ୍ରକଳ୍ପଗୁଡ଼ିକ ବାବଦରେ କୌଣସି ସୂଚନା ମହିଳା ସ୍ୱୟଂ ସହାୟକା ଗୋଷ୍ଠୀଙ୍କୁ ଜଣା ନ ଯାଇ ତାହା ପଞ୍ଚାୟତ ନିର୍ବାହୀ ଅଧିକାରୀ ଉକ୍ତ ପ୍ରକଳ୍ପ ଗୁଡ଼ିକର ପ୍ରାୟ ୩୦ ଲକ୍ଷ ଅର୍ଥ ଉଠାଇ ହଡ଼ପ ହୋଇଥିବା ସୂଚନା ପାଇଥିଲେ।

ଏହା ପରେ ମହିଳା ସ୍ୱୟଂ ସହାୟିକାମାନେ ମୋ ଉପକାରୀ ବଗିଚା କରା ନ ଯାଇ କାହିଁକି ଅର୍ଥ ଆତ୍ମସାତ କରାଗଲା ବୋଲି ବିକ୍ଷୋଭ କରିବା ସହିତ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ସରପଞ୍ଚଙ୍କୁ ବ୍ଲକ କାର୍ଯ୍ୟାଳୟ ଭିତରେ ତାଲା ପକାଇ ଥିଲେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଏହି ବାବଦରେ ପଞ୍ଚାୟତ ଫେଡରେଶନର ସଭାପତି ଦେବକୀ ବିଜୁଳି ସେଠ କହିଛନ୍ତି, ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାପାଇଁ ସରକାର ଏହି ଯୋଜନା କରିଥିବାବେଳେ ତାହା ହଡ଼ପ କରିବା ପାଇଁ ଦେବୁ ନାହିଁ ବୋଲି କହିବା ସହିତ ଏହି ଲଢ଼େଇ ଜାରି ରହିବ ବୋଲି କହିଛନ୍ତି।

## ୬ ଖଣ୍ଡ ଶାଳକାଠ ଜବତ୍, ୫ ଅଭିଯୁକ୍ତ ଗିରଫ



**ମ,ରାମପୁର,୧୮।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନ ଖଣ୍ଡ ମ.ରାମପୁର ରେଞ୍ଜ ପକ୍ଷ ରୁ ୬ ଖଣ୍ଡ ବିଶାଳ ଶାଳ କାଠ ଗଣ୍ଡି ଜବତ କରିବା ସହ ପାଞ୍ଚ ଜଣଙ୍କୁ ଗିରଫ କରା ଯାଇଛି, ଏହି ଘଟଣାରେ ଜବତ କାଠର ଆନୁମାନିକ ମୂଲ୍ୟ ୭୬ହଜାର ଟଙ୍କା ହେବ ବୋଲି ଏସିଏଫ ତଥା ମ.ରାମପୁର ରେଞ୍ଜ ଅଧିକାରୀ ଅସିତ କୁମାର ଦାଶ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ମତେ ଟାପରେଙ୍ଗ ସଂରକ୍ଷିତ ଜଙ୍ଗଲ ରୁ କାଠ ଧରି ଆସୁ ଥିବା ବେଳେ ସିଡିଙ୍ଗ ପଦର ପାଣି ଟାଙ୍କି ନିକଟ ରେ ପୂର୍ବ ରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ଛପି ରହି ଥିଲେ। ଏହି ଘଟଣା ରେ ସିଡିଙ୍ଗ ପଦର ଗ୍ରାମ ର ମନ୍ଦିର ବଗର୍ତ୍ତୀ, ରାମୁଡ଼ (ସନ୍ଧି ପଡା) ର ସୁଶାନ୍ତ ବଗର୍ତ୍ତୀ, ମଚିନ ପାତ୍ର, ବଗ ବେଡା ଗ୍ରାମ ର ମକର ଧ୍ୱଜ ପାତ୍ର ଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ବେଳେ ରାମୁଡ଼ (ସନ୍ଧି ପଡା) ଗ୍ରାମ ର ଗଜପତି କହଁର ଫେରାର ରହିଛି।

ଏଥିରେ ୟୁଡି କେସ୍ ନମ୍ବର୍ ୨୭/ଏସ୍/ଏସ୍ ୩ (ଏ) ଫରେଷ୍ଟ ଆକ୍ଟ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।ଏହି ଚଢ଼ାଉ ରେ ଅସିତ କୁମାର ଦାଶ (ଏସିଏଫ) ଙ୍କ ନେତୃତ୍ୱରେବନପାଳ, ଦୀପକ କୁମାର ସା, ବନ ରକ୍ଷୀ ବାଳ କୃଷ୍ଣ ଜାଲ, ମଧୁସ୍ମିତା ଭୋଇ ଙ୍କ ସମେତ ପ୍ରକାଶ ମାଝୀ, ବଇ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ବିଶି, ତୁଳସୀ ରାମ ଭୋଇ, ବିରଞ୍ଚି ସାହୁ ପ୍ରମୁଖ ସାମିଲ ଥିବା ସୂଚନା ମିଳିଛି।

## କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିବା ହାତୀପଲ ପୁଣି ଫେରିଲେ

**କରଞ୍ଜିଆ,୧୮।୮ (ସଂଚାର ବ୍ୟୁରୋ):** ଲେଉଟିଲେ ହାତୀପଲ। ଗତ ମାସ ଚମ୍ପୁଆ ରେଞ୍ଜ ଛାଡି ମୟୁରଭଞ୍ଜ ର କରଞ୍ଜିଆ ରେଞ୍ଜ କୁ ଚାଲି ଯାଇଥିବା ତିରିଶ ଟିକିଆ ହାତୀପଲ ଗତ ରାତି ପୁଣି ଚମ୍ପୁଆ ରେଞ୍ଜକୁ ଲେଉଟି ଆସିଛନ୍ତି। ହାତୀପଲ ବୈତରଣୀ ନଦୀ ପାର ହେଇ କେମୁଣ୍ଡିଆ ଗାଁ ମଧ୍ୟ ଦେଇ ଝାଲିଆ ବେଡା ଗାଁ ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀପଲରେ ୧୨ଟି ମାଇ ୧୨ ଟି ଦନ୍ତା ହାତୀ ଥିବା ବେଳେ ଛଟି ଛୁଆ ହାତୀଥିବା ଜଣା ପଡିଛି। ଗତ ଜୁଲାଇ ମାସରେ ଏହି ହାତୀ ପଲ ମୟୁରଭଞ୍ଜ ର କରଞ୍ଜିଆ ରେଞ୍ଜ କୁ ଚାଲି ଯାଇଥିବା ବେଳେ ଏକମାସ ପରେ ପୁଣି ଲେଉଟି ଆସିଥିବାରୁ ହାତୀପଲକୁ ନେଇ ଆଖପାଖ ଗାଁ ଗୁଡିକରେ ଭୟର ବାତାବରଣ ଦେଖାଦେଇଛି।

ସୂଚନା ଯୋଗ୍ୟ ଏହି ହାତୀ ପଲ ପୂର୍ବରୁ ଚମ୍ପୁଆ ରେଞ୍ଜର କାଟୁଳିକନା, ଝାଲିଆବେଡା, ପଦ୍ମପୁର, ଜାଲି, ପଡୁଆ, ନନ୍ଦପୁର, ଟିଆସିପଶି, ବରପଦା, ବର୍ଦ୍ଧନାଆଦି ଗାଁ ରେ ବ୍ୟାପକ କ୍ଷୟ କ୍ଷତି କରିଥିଲେ। ହାତୀପଲ ଉପରେ ବନ ବିଭାଗ ନଜର ରଖିଛି।



## ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର



**ରାଇଘର,୧୮।୮ (ସଂଚାର ବ୍ୟୁରୋ):** ଆଜି ରାଇଘର ପଞ୍ଚାୟତ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ତହସିଲଦାର ରିତୁ ସିଂ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା।୦୨ଟି ଅଭିଯୋଗର ସମାଧାନ ତତ୍ କ୍ଷଣାତ କରାଯାଇଥିଲା।

## ଯୁଗ୍ମ ଜନଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୧୮।୮ (ସଂଚାର ବ୍ୟୁରୋ):** ବଡ଼ଗାଁ ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୩୫ ଗୋଟି ଅଭିଯୋଗ ମଧ୍ୟରୁ ୭୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୮ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲଫ ପାଣ୍ଠି ରୁ ଆର୍ଥିକ ସହାୟତା ନିମନ୍ତେ ୭ ଗୋଟି ଆବେଦନ ରହିଥିଲା ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ୍ ସାହୁ, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା, ଆଇ ଏ ଏସ ଶିକ୍ଷାନବିଷ ସୁଶ୍ରୀ ଫାବି ରସିଦ, ଡେପୁଟି କଲେକ୍ଟର (ଜନ ଅଭିଯୋଗ) ଅଶ୍ୱିନୀ ପଣ୍ଡା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ପିଇଓଙ୍କ ହତ୍ୟା ଧମକ, ଥାନାରେ ମାମଲା

### କାର୍ଯ୍ୟାନୁଷ୍ଠାନ ନହେଲେ ଆମରଣ ଅନଶନରେ ବସିବାକୁ ସାମ୍ବାଦିକ ସଂଘର ଚେତାବନୀ

**ବିଞ୍ଝାରପୁର,୧୮।୮(ସଂଚାର ବ୍ୟୁରୋ):** ପିଇଓଙ୍କୁ ଘାରିଛି ନାଲିଆ ବୋତଲ ନିଶା। ଖବର ପ୍ରସାରଣ ପରେ ସାମ୍ବାଦିକଙ୍କୁ ହତ୍ୟା ଧମକ ଦେଉଛନ୍ତି ପିଇଓ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିତନା ପଞ୍ଚାୟତର ପିଇଓ ସୁଶାନ୍ତ କୁମାର ସାହୁ ଆବାସ ତଦନ୍ତ ଲାଗି ଯାଇ ମଦ କୁ ପାଖରେ ଥୋଇଥିବା ସହ ହିତାଧିକାରୀଙ୍କ ଆଧାର କାର୍ଡ ଯାଞ୍ଚ କରୁଥିବା ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭିଡ଼ିଓ ଭାଇରାଲ ହେବା ପରେ ଗତ ୧୫ ତାରିଖ ଦିନ ଯୁବ ସାମ୍ବାଦିକ ରାଣା ପ୍ରତାପ ମହାପାତ୍ର ଖବର ପ୍ରସାରଣ କରିଥିଲେ। ତେବେ ଖବର ପ୍ରସାରଣ ପରେ ସେହିଦିନ ସନ୍ଧ୍ୟାରେ ରାଣା ପ୍ରତାପଙ୍କୁ ହ୍ୱାଟସ୍ ଆପ ରେ କଲ୍ କରି ହତ୍ୟା ଧମକ ଦେଇଛନ୍ତି ସମ୍ପୃକ୍ତ ପିଇଓ ସୁଶାନ୍ତ ସାହୁ। ଟ୍ରକ୍ ଚଢାଇ ମାରି ଦେବାକୁ ଦେଉଛନ୍ତି ଧମକ। ତେବେ ନିଜର ସୁରକ୍ଷା ପାଇଁ ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ରାଣା ପ୍ରତାପ।



ତେବେ ଏଭଳି ଅଭିଯୋଗ ନୂଆ ନୁହେଁ ମଦ ପି ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ଆସିଛି। ବିତନା ପଞ୍ଚାୟତ ରେ କେତେକ ମହିଳା ୱାର୍ଡ ମେମ୍ବର ମାନଙ୍କୁ ପିଇଓ ସୁଶାନ୍ତ ସାହୁଙ୍କ ବ୍ୟବହାର ଚାଲି ଚଳନ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ସେମାନେ ସରପଞ୍ଚ ରମେଶ ମଲ୍ଲିକ ଙ୍କୁ ଏ ନେଇ ଅବଗତ କରାଇବା ପରେ ସରପଞ୍ଚ ଶ୍ରୀ ମଲ୍ଲିକ ବିଡ଼ିଓ ହିତାଂସୁ ଶେଖର ସାମଲଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ପରେ କୌଣସି ସୁଫଳ ମିଳିନଥିବା କୁହନ୍ତି ସରପଞ୍ଚ। କିନ୍ତୁ ବିଡ଼ିଓ ଏନେଇ ଜାଣି ନଥିବା କହିଛନ୍ତି। ପିଇଓ ସୁଶାନ୍ତ କୁମାର ସାହୁଙ୍କୁ ବିଡିଓ ସୁରକ୍ଷା ଦେଉଥିବା ଅଭିଯୋଗ କରିଛନ୍ତି ରାଣା ପ୍ରତାପ।ଯଦି ଆଗାମୀ ଦିନରେ ବିଞ୍ଝାରପୁର ଥାନା ପକ୍ଷରୁ ସମ୍ପୃକ୍ତ ପିଇଓ ସୁଶାନ୍ତ କୁମାର ସାହୁଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଥାନା ସମ୍ମୁଖରେ ଆମରଣ ଅନସନରେ ବସିବାକୁ ଚେତାବନୀ ଦେଇଛନ୍ତି ରାଣା ପ୍ରତାପ। ତେବେ ଏତଲା ଦେବା ସମୟରେ ସାମ୍ବାଦିକ ସମରେନ୍ଦ୍ର ପାଢ଼ୀ, ଦେବ ପ୍ରସାଦ ସାହୁ, ଗୁଲସନ୍ ଆୱାଜ୍ ଅଲ୍ଲୀ, ବିଶ୍ୱଜିତ ନାୟକ, ଚନ୍ଦ୍ର ନାରାୟଣ ଦାସ୍, ଶୁଭକାନ୍ତ ଦାସ, ଶଙ୍କର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ପାର୍ଥସାରଥୀ ବାରିକ୍, ଦେବୀଦତ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦେଖିବାକୁ ବାକି ରହିଲା ପିଇଓ ସୁଶାନ୍ତ କୁମାର ସାହୁଙ୍କ ଉପରେ ରେ କାର୍ଯ୍ୟାନୁଷ୍ଠାନ କଣ ହେଉଛି।

## ଗାନ୍ଧୀ ବିଶ୍ୱନାଥ ପରିଡ଼ାଙ୍କ ଜୟନ୍ତୀ ପାଳନ

**କଣାସ,୧୮।୮(ସଂଚାର ବ୍ୟୁରୋ):** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମରରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ବ୍ରହ୍ମଗିରି ପୂର୍ବତନ ବିଧାୟକ କଣାସ ଗାନ୍ଧୀ ବିଶ୍ୱନାଥ ପରିଡ଼ାଙ୍କ ୧୩୦ତମ୍ ଜୟନ୍ତୀ ତାଙ୍କ ନିଜ ଗ୍ରାମ ସିରେଇ ଓ ତାଙ୍କ ନିଜ ନାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନରେ ଗତକାଲି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଗହଣରେ ପାଳିତ ହୋଇଯାଇଛି। ସଭାପତି ଭାବେ ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ ଇଂଞ୍ଜିୟର ଦେବଦତ ପରିଡ଼ା ଯୋଗଦେଇ ଦିବ୍ୟଂଗତ୍ ମହାମନିଷୀଙ୍କ ଆଜୀବନ ଦେଶ ସେବାର ଜୀବନିର ସ୍ମୃତିଚାରଣ କରିଥିଲେ। ତାଙ୍କ ଆର୍ଦ୍ଦଶରେ ଅନୁପାଣିତ ହୋଇ ପ୍ରତେକ ଛାତ୍ରଛାତ୍ରୀ ସମାଜସେବାରେ ନିବୃତ ହବୋପାଇଁ ଅତୀଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

### ଦଶ ଦଫା ଦାବି ନେଇ ଧାରଣା ଦେଇଛନ୍ତି ଜିଲ୍ଲା ରାଜସ୍ୱ ବିଭାଗ

## ଦାବି ପୂରଣ ନ ହେଲେ ଅନିର୍ଦ୍ଧିଷ୍ଟ ପାଇଁ ଜାରିରହିବ କାର୍ଯ୍ୟବନ୍ଦ

**କଳାହାଣ୍ଡି, ୧୮।୮(ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବି ନେଇ ଗତ ୧୧ ତାରିଖଠାରୁ କଳାହାଣ୍ଡି ଜିଲା ଶାଖାର କର୍ମକର୍ତ୍ତାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି ଓ ଏହି ଆନ୍ଦୋଳନ ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଯୋଗୁଁ ଜିଲାର ସମସ୍ତ ବ୍ଲକ, ତହସିଲ ସମେତ ଅନ୍ୟାନ୍ୟ ଅଫିସରେ ସମସ୍ତ ପ୍ରକାର କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଛି। ଏହାରି ଭିତରେ ସରକାରଙ୍କ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଙ୍ଗଳବାର ଏକ ପତ୍ର ମାଧ୍ୟମରେ ରାଜସ୍ୱ ଅମଲାମାନଙ୍କ ଛୁଟି ବାତିଲ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ରାଜ୍ୟର ୩୦ଟି ଜିଲାର ନେତୃମଣ୍ଡଳୀଙ୍କୁ ନେଇ ସଂଘ ପକ୍ଷରୁ ଏକ ଆଭାସି ବୈଠକ ହୋଇଥିଲା। ବୈଠକରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଘୋର ନିନ୍ଦା କରାଯିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହା ପରେ ସମସ୍ତ ଜିଲାର ଅମଲାଙ୍କଠାରୁ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ମତାମତ ଲୋଡ଼ା ଯାଇଥିଲା। ସମସ୍ତ ଜିଲାର ଅମଲାମାନେ ସରକାର ଯେକୌଣସି ପଦକ୍ଷେପ ନେଲେ ମଧ୍ୟ ଯେ ପର୍ଯ୍ୟନ୍ତ ଲେବଲ-୯ ଓ ପଦବୀ ପୁନର୍ଗଠନ ନ ହୋଇଛି ସେପର୍ଯ୍ୟନ୍ତ କେହି କାର୍ଯ୍ୟରେ ଯୋଗ ନ ଦେବା ପାଇଁ ସହମତି ପ୍ରକାଶ କରିଥିଲେ ବୋଲି କୁହାଯାଇଛି।



## ବର୍ଷା କମ ହୋଇଥିବାରୁ ଧାନ ଫସଲ ବାଧାପ୍ରାପ୍ତ

**କଣାସ,୧୮।୮(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ଚଳିତ ବର୍ଷ ୭୩୨ମିମି ବର୍ଷା ଆଜ ସୁଧା କମ ହୋଇଥିବାରୁ ଧାନ ଫସଲ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ୨୦୨୪ ମସିହା ଜାନୁଆରୀ ମାସରେ ୬ମିମି, ମାର୍ଚ୍ଚମାସରେ ୫୧ମିମି, ମେଇ ମାସ ୧୨୩ମିମି, ଜୁନ୍ ମାସରେ ୨୬୮ମିମି, ଜୁଲାଇ ମାସରେ ୩୮୬ମିମି, ଅଗଷ୍ଟ ମାସରେ ୫୩୫ମିମି, ସେପ୍ଟେମ୍ବର ମାସରେ ୨୩୮ମିମି, ଅକ୍ଟୋବର ମାସରେ ୧୦୦ମିମି, ଡିସେମ୍ବର ମାସରେ ୧୭୬ମିମି ମୋଟ ୧୮୮୩ମିମି ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ମାସରେ ୨୦ମିମି, ଏପ୍ରିଲ୍ ୭୩ମିମି, ମେଇ ୧୪୩ମିମି, ଜୁନ୍ ୨୦୪ମିମି, ଜୁଲାଇ ୨୦୬ମିମି, ଅଗଷ୍ଟ ମାସରେ ବର୍ତ୍ତମାନ ସୁଧା ୯୧ମିମି ବର୍ଷା ହୋଇଛି। ୨୦୨୪ରେ ଆଜ ସୁଧା ୧୩୬୯ମିମି ବର୍ଷା ହୋଇଥିବା ବେଳେ ୨୦୨୫ ମସିହା ଅଗଷ୍ଟ ଅଜ ସୁଧା ୬୩୭ମିମି ବର୍ଷା ହୋଇଛି। ଯାହା ଦ୍ୱାରା କି ୭୩୨ମିମି ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇପଡ଼ିଛି।

## ବର୍ଷା ପାଣି ଘେରରେ ଗାଁ



**ଜୟପୁର,୧୮।୮(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ର ଜନଜୀବନ ଅସ୍ତ ବ୍ୟସ୍ତ। ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର କୁ ରାସ୍ତା ବେରଗାଁ ପୋଲ ଉପରେ ୩ ଫୁଟ ର ପାଣି। ଏହା ସହ ସବେରୀ ନଦୀ ଫୁଲିବା ଫଳରେ ସରିସ ପଦର ଗାଁ ଭିତରକୁ ପାଣି ମାଡି ଆସିଛି ଫଳରେ ଗାଁ ଦାଣ୍ଡ ରେ ତିନିଫୁଟ ଉଚ୍ଚ ପାଣି ସହ ଲୋକଙ୍କ ଘର ଭିତରେ ପାଣି ପଶିଯିବା ଫଳରେ ସମସ୍ତ ଗ୍ରାମ ବାସି ନିକଟସ୍ତ ଗାଁ ତାଲୁର ବିଦ୍ୟାଳୟ କୁ ସ୍ଥାନନ୍ତର କରାଯାଇଛି। ଏହା ସରିସପଦର ପୋଲ ଉପରେ ପାଣି ଯିବାରୁ ଚିଲିପଦର, ଦଙ୍ଗାରି ଗୁଡା, ସିରିବେଡା, କେନ୍ଦୁଗୁଡା ଗ୍ରାମ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଲଗାଣ ବର୍ଷା କମିବାର ନା ନେଉଥିବା ବେଳେ ଏପରି ବର୍ଷା ଲାଗି ରହିଲେ ଅନେକ ଗାଁ ଜଳ ମଗ୍ନ ହେବା ଆଶଙ୍କା ରହିଛି ।

## ମଦ ବିକ୍ରି ବନ୍ଦ ଦାବି ତେଜିଲା



**ପଦ୍ମପୁର,୧୮।୮(ସଂଚାର ବ୍ୟୁରୋ):** ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ପଞ୍ଚାୟତ ଢୋଲବନ୍ଧ ଓ ପାଖ ଅଞ୍ଚଳରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଢୋଲବନ୍ଧର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ଶତାଧିକ ଗ୍ରାମବାସୀ ପଦ୍ମପୁର ଉପଜିଲାପାଳ ଅରୁଗୁଲା ସ୍ନେହାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ମହିଳାମାନେ ଗାଁରେ ମଦ ବିକ୍ରି ବନ୍ଦ ଡାକରା ଦେଇଥିଲେ। ସ୍କୁଲ ଛାତ୍ରୀଛାତ୍ର ଓ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ମଦ ବିକ୍ରି ବନ୍ଦ କରିବାକୁ ଉପଜିଲାପାଳ ସ୍ନେହାଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସକୁ ମଧ୍ୟ ଜଣାଇଛନ୍ତି। ନିଶା ଦ୍ୱାରା ନାବାଳକ, ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହୋଇ ଅନେକ ଅସାମାଜିକ କାମ କରୁଛନ୍ତି। ଏପରିକି ଗାଁରେ ଅଶାନ୍ତି ପରିବେଶ ସୃଷ୍ଟି ହେଉଛି। ଲୋକେ ଶାରୀରିକ, ମାନସିକ, ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ମଦ ବନ୍ଦ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି।

## ଏନ୍ଏସିରେ ଅଳିଆ ଆବର୍ଜନା ପ୍ରତି ନଜର ନାହିଁ

**ନୀଳଗିରି,୧୮।୮(ସଂଚାର ବ୍ୟୁରୋ):** ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସୌନ୍ଦର୍ଯ୍ୟ ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ପରିମଳ ପରିଚାଳନାରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପରିମଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୀଳଗିରି ବିଜ୍ଞାପିତ ଅଞ୍ଚଳ ଅଧୀନରେ ୧୩ଗୋଟି ୱାର୍ଡ ଥିବାବେଳେ ପ୍ରତି ୱାର୍ଡରେ ଆବର୍ଜନା ଭର୍ତ୍ତିହେବା ସହିତ ଡ୍ରେନ ଗୁଡିକରେ ମଇଳାଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ସାହି ରାସ୍ତା ଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତାରେ ସବୁଠି ଅଳିଆ, ଆବର୍ଜନା ଓ ଗଛ ଲତାରେ ପରିପୂର୍ଣ୍ଣ ଥିବା ଦେଖାଦେଇଛି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ନଜର ନଥିବା ହେଉ କିମ୍ବା ଏନଏସି ତରଫରୁ ନିୟୋଜିତ ଟେଣ୍ଡରଧାରୀ ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥାର ମନମାନି ପାଇଁ ପ୍ରତିମାସ ୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଲ ଉଠାଉଥିବା ବେଳେ ସଫେଇ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ ଦୈନନ୍ଦିନ ସଠିକ ଭାବେ ଡ୍ୟୁଟି ନକରି ଦେହ ଛପା ଦେଇ କାମ କରୁଥିବା ମଧ୍ୟ ଅଭିଯୋଗ ଆସିଛି। ଫଳରେ ପରିମଳବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ତେବେ ୯ ନମ୍ବର ଓ ୩ ନମ୍ବର ୱାଡ଼ ଡ୍ରେନ ଏବଂ ରାସ୍ତାରେ ଏକ ସପ୍ତାହ ଧରି ଅଳିଆ ପଡ଼ିରହିଥିବା ବେଳେ ସ୍ଥାନୀୟ ବାସିନ୍ଦା ସଫେଇ କରିଥିବା ଅଫିସରେ ଆସି ଅଭିଯୋଗ କରିଥିଲେ। କେବଳ ପର୍ବ ପର୍ବାଣି କୁ ଛାଡିଦେଲେ କାଁ ଭାଁ ବ୍ଲିଚିଂ ପାଉଡର ସବୁ ୱାର୍ଡ଼ ରେ ପକାଯାଇ ଅନ୍ୟ ଦିନ ମାନଙ୍କରେ ଜମାରୁ ବ୍ଲିଚିଂ ବ୍ୟବହାର କରାଯାଉ ନଥିବା ଅଭିଯୋଗ ହୋଇଛି। ନୀଳଗିରି ଏନଏସି ନିର୍ବାହୀ ଅଧିକରୀ ଅଂଶୁମାନ ପରିଡ଼ା ଙ୍କୁ ପଚାରିବାରୁ ଉକ୍ତ ଘଟଣାକୁ ତଦାରଖ କରିବୁ ଯଦି ହେଉଥାଏ ତେବେ ସଫେଇ ଏଜେନ୍ସି କୁ ନୋଟିସ କରାଯିବ ବୋଲି କହିଛନ୍ତି। ଏବଂ ଆସନ୍ତା ସେପ୍ଟେମ୍ବର ପହିଲାରୁ ବାୟୋମେଟ୍ରିକ ଅଫିସରେ ଲାଗିବା ପରେ ସମସ୍ତ ସଫେଇ କର୍ମଚାରୀ ଆଉ ଠକେଇ ନପାରି ଅଫିସରୁ ଫିଙ୍ଗର ପ୍ରିଣ୍ଟ ଦେଇ ସଫେଇ କାର୍ଯ୍ୟକୁ ଯିବେ ବୋଲି ସୂଚନା ଦେଇଥିଲେ।



## ଅନ୍ତ୍ୟୋଦୟ ଯୋଜନାରେ ବାସନ୍ତି ସିଂ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାରେ ଜିଲ୍ଲାରେ ପ୍ରଥମ



**ନୀଳଗିରି,୧୮।୮(ସଂଚାର ବ୍ୟୁରୋ):** ସମାଜର ଦୁର୍ବଳ ବର୍ଗର ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେଇ ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଲାଗୁ ହୋଇଛି ଅନ୍ତୋଦୟ ଗୃହ ଯୋଜନା। ଏହି କ୍ରମରେ ନୀଳିଗିରି ବ୍ଲକରେ ୨୦୨୪-୨୦୨୫ ଏବଂ ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ୩୮୬ ଜଣ ଏହି ଯୋଜନାରେ ସାମିଲ କରାଯାଇ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ନୀଳଗିରି ବ୍ଲକରେ ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରି ମାନଙ୍କ ଗୃହ କାର୍ଯ୍ୟ ବିଭିନ୍ନ ସ୍ତରରେ ରହିଛି। ସେହିପରି ଅଯୋଧ୍ୟା ପଞ୍ଚାୟତର ବାସନ୍ତି ସିଂ ଙ୍କୁ ନୂତନ ଗୃହ ଅନ୍ତୋଦୟ ଯୋଜନା ରେ ୨୦୨୪-୨୦୨୫ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ମିଳିଥିଲା। ସେ ଜଣେ ବିଧବା ମହିଳା ଅଟନ୍ତି, କିନ୍ତୁ କାର୍ଯ୍ୟାଦେଶ ପାଇବାର ଚାରି ମାସ ସରିବା ଆଗରୁ ସମଗ୍ର ବାଲେଶ୍ୱର ଜିଲ୍ଲାର ପ୍ରଥମେ ଏହି ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ସୁଚନା ଥାଉକି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରନ୍ତି, ତେବେ ସରକାର ତାଙ୍କୁ ପ୍ରୋତ୍ସାହନ ରାଶିର ପ୍ରଦାନ କରିବାର ନିୟମ ଥିବାରୁ ବୋନସ ବାବଦରେ ଅତିରିକ୍ତ ସହାୟତା ରାଶି କୋଡ଼ିଏ ହଜାର ଟଙ୍କା ପାଇବା ପାଇଁ ହକଦାର ମଧ୍ୟ ହୋଇଛନ୍ତି। ସମଗ୍ର ବାଲେଶ୍ୱର ଜିଲ୍ଲାରେ ପ୍ରଥମେ ଗୃହ କାର୍ଯ୍ୟ ଶେଷ କରି ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ନୀଳଗିରି ବି.ଡ଼ି.ଓ ବିକ୍ରମ କିଶୋର ପରିଡ଼ା, ଅତିରିକ୍ତ ସହାୟକ ଯନ୍ତ୍ରୀ ମଧୁସ୍ମିତା ମହାନ୍ତି, ପଞ୍ଚାୟତ କାର୍ଯ୍ୟ ନିବ୍ରାହି ଅଧିକାରିଣୀ ଲିତାଞ୍ଜଳି ସିଂ, ପ୍ରଧାନମନ୍ତ୍ରୀ ଗୃହ ଯୋଜନା ତଦାରଖ ଅଧିକାରୀ ହେମନ୍ତ ବେହେରା, ଶ୍ରୀମତୀ ବାସନ୍ତି ସିଂ ଙ୍କ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ଶ୍ରୀମତୀ ସିଂ ଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ୍ ଜଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ତାରିଣୀ ସିଂ, ସମିତି ସଦସ୍ୟ ଶୁକଦେବ ସିଂ ଯୋଗଦାନ କରି ନଡ଼ିଆ ବାଡେଇ ଉଦଘାଟନ କରିଥିଲେ, ବିଡ଼ିଓ ଶ୍ରୀ ପରିଡ଼ା ହିତାଧିକାରୀଙ୍କୁ ଫୁଲ ମାଳ ଦେଇ କୃତଜ୍ଞତା ଜଣାଇଥିଲେ।

## ଜମି ଜଲାଲଙ୍କ କବ୍‌ଜାରେ ଚାଷ ଜମି ; ଥାନାରେ ମାମଲା

**ବୈଶିଙ୍ଗା,୧୮।୮(ସଂଚାର ବ୍ୟୁରୋ):** ସରକାର ଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ଜଳସେଚନ କେନାଲ ଏବେ ଦିଗହରା ହୋଇ ପଡ଼ିଥିବାର ପରିଲକ୍ଷିତ ହେଉଛି। ଏହାର ପ୍ରକୃତ କାରଣ ହେଉଛି ଜମି ମାଫିଆ ଙ୍କ ଦାଦାଗିରି। ଏକର ଏକର ଚାଷ ଜମିକୁ କମ୍ ଦାମରେ କିଣି ସେଥିରେ ରାସ୍ତା ତିଆରି କରିବା ସହିତ ପ୍ଲଟିଂ କରି ଚଢା ଦାମ୍ ରେ ଘରାବାରି ସୂତ୍ରରେ ବିଭିନ୍ନ ଲୋକଙ୍କୁ ବିକ୍ରୀ କରି ମୁନାଫା ହାତେଇବା ଏହାର ମୂଖ୍ୟ ଉଦ୍ଦେଶ୍ୟ ବୋଲି ଅଭିଯୋଗ ହେଉଛି। ଏହାର ନମୁନା ଦେଖିବାକୁ ମିଳିଛି ବୈଶିଙ୍ଗା ନିକଟସ୍ଥ ବୈଶିଙ୍ଗା -ଚାଇଁପୁରିଆ- ମହୁରୀ ମୌଜାରେ ଚାଲିଥିବା ଜମି ପ୍ଲଟିଂ ରୁ ୧ବୃହତ୍ ସୁବର୍ଣ୍ଣରେଖା କେନାଲ ମୟୂରଭଞ୍ଜ ଜିଲ୍ଲାରେ ଲକ୍ଷ୍ମିପୋଷି ନିକଟରୁ ବିଭାଜିତ ହୋଇ ଏକ କେନାଲ ପତଡା-ବୈଶିଙ୍ଗା - ଚାଇଁପୁରିଆ ହୋଇ ମହୁରୀ ନିକଟରେ ବୈଶିଙ୍ଗା -ରୁପସା ଆର.ଡି ରାସ୍ତା ପାରି ହୋଇ ତଳକୁ ତଳକୁ ଯିବା ପାଇଁ କେନାଲ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି।ଏହି କେନାଲ ପାଣି ଦ୍ୱାରା ଚାଷିତ ଜମି ଗୁଡିକ ଘରବାରି ହୋଇନ ପାରିପାର ନିୟମ ରହିଛି। ମାତ୍ର ତହସିଲଦାର ମୋଟା ଅଙ୍କର ବଟୀ ନେଇ ଶାରଦ-୧ ଓ ଶାରଦ-୨ କିସମର ଚାଷ ଉପଯୋଗୀ ଜମିକୁ ଘରବାରୀ କରି ଦେଉଥିବାର ଅଭିଯୋଗ ହେଉଛି। ଏତଦ୍ ବ୍ୟତୀତ ଏହି ଚାଷ ଜମିରେ ରାସ୍ତା ତିଆରି କରିବା ପାଇଁ ସରକାରୀ ରାୟାଲଟି ଫାଙ୍କି ଜମି ମାଫିଆ ମାନେ ଶହ ଶହ ଟ୍ରକ୍ ମୋରମ ଓ ବାଲି ଦିନ ରାତି ବୋହୁଥିବାର ଦେଖିବାକୁ ମିଳିଛି। ଏଭଳି କାର୍ଯ୍ୟକୁ ବିରୋଧ କରିବା ସହିତ ନିଜ ଚାଷ ଜମିର ପ୍ଲଟ ନଂ ୩୮ ର ଉତ୍ତରକୁ ବାରିକ ବନ୍ଧ ବେଆଇନ୍ ଭାବେ ରାସ୍ତା ନିର୍ମାଣ କୁ ଆଡଭୋକେଟ୍ ଉମାଶଙ୍କର ବାରିକ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜମି ମାଫିଆ ବିକାଶ ଦାସ ଏବଂ ସହଯୋଗୀ ମାନେ ଡମ୍ଫର ଚଢାଇ ମାରିଦେବାର ଧମକ ଦେଇଥିବା କୁ ନେଇ ସେ ବୈଶିଙ୍ଗା ଥାନା ତଥା ବେତନଟୀ ତହସିଲଦାର ଙ୍କୁ ଅଭିଯୋଗ କରିଥିବା ଜଣାଇଛନ୍ତି।



ବୈଶିଙ୍ଗା ନିକଟସ୍ଥ ବୈଶିଙ୍ଗା -ଚାଇଁପୁରିଆ- ମହୁରୀ ମୌଜାରେ ଚାଲିଥିବା ଜମି ପ୍ଲଟିଂ ରୁ

ସଂଚାର SANCHAR
ମଙ୍ଗଳବାର ୧୯ ଅଗଷ୍ଟ ୨୦୨୫

# ସିନେମା




## ବକ୍ସ ଅଫିସରେ ଧମାକା କରୁଛି 'ୱାର ୨'

ହ୍ରିତିକ୍ ରୋଶନ ଏବଂ ଜୁନିଅର ଏନଟିଆରଙ୍କ ଅଭିନୀତ ଫିଲ୍ମ 'ୱାର ୨'। ଏହା ଗତ ୧୪ ତାରିଖରେ ରିଲିଜ ହୋଇଥିବା ବେଳେ ଫ୍ୟାନ୍ସ ବେଶ ପସନ୍ଦ କରୁଛନ୍ତି। ମାତ୍ର ଦୁଇ ଦିନରେ ଫିଲ୍ମ ୧୦୦ କୋଟି ଟଙ୍କା ଆୟ କରିସାରିଛି। ଇଣ୍ଡଷ୍ଟ୍ରି ଟ୍ରାକର ସାକନିକଙ୍କ ରିପୋର୍ଟ ଅନୁଯାୟୀ, ପ୍ରଥମ ଦିନରେ 'ୱାର ୨' ୫୧.୫କୋଟି ଆୟ କରିଥିଲା। ସେହିପରି ଦ୍ୱିତୀୟ ଦିନରେ ଅର୍ଥାତ୍ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ୫୬.୫୦କୋଟି ଟଙ୍କା ରୋଜଗାର କରିଛି। ଏହାସହ ସମସ୍ତ ଭାଷାରେ ଚଳଚ୍ଚିତ୍ରର ଘରୋଇ ବକ୍ସ ଅଫିସ୍ କଲେକ୍ସନ ୧୦୮ କୋଟିକୁ ବୃଦ୍ଧି ପାଇଛି। ବିଶ୍ୱ ସ୍ତରରେ ମଧ୍ୟ, ଚଳଚ୍ଚିତ୍ରଟି ଭଲ ପ୍ରଦର୍ଶନ କରିଥିବା ବେଳେ, ରିପୋର୍ଟ ଅନୁସାରେ ଦୁଇ ଦିନରେ ୭୯ କୋଟି ଟଙ୍କାରୁ ଅଧିକ ବିଦେଶ କଲେକ୍ସନ କରିଛି। 'ୱାର ୨' ବିଷୟରେ କହିବାକୁ ଗଲେ, ଏହା 'ୱାର'ର ଏକ ସିକ୍ୱେଲ ଅଟେ। ପ୍ରଥମ 'ୱାର' ୨୦୧୯ରେ ମୁକ୍ତିଲାଭ କରିଥିଲା, ଯାହାର ନିର୍ଦ୍ଦେଶନା ଦେଇଥିଲେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ। କିନ୍ତୁ 'ୱାର ୨' ନିର୍ଦ୍ଦେଶକ ଅୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ୱାଇଆରଏଫ ଦ୍ୱାରା ନିର୍ମିତ ହେଉଛି। 'ୱାର ୨' ହେଉଛି ଯଶ ରାଜ ଫିଲ୍ମସ ସ୍ପାଏ ୟୁନିଭର୍ସର ୬ଷ୍ଠ ଫିଲ୍ମ। 'ୱାର'ରେ ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫ ନଜର ଆସିଥିଲେ। ଏଥର 'ୱାର ୨'ରେ ହ୍ରିତିକ ରୋଶନଙ୍କ ସହ ଜୁନିଅର ଏନଟିଆର ନଜର ଆସିଥିବା ବେଳେ ବଲିଉଡରେ ସେ ଡେବ୍ୟୁ କରିଛନ୍ତି। ଏଥିରେ କିଆରା ଆଡଭାନୀ ବି ନଜର ଆସିଛନ୍ତି।ଅନ୍ୟପଟେ ରଜନୀକାନ୍ତଙ୍କ 'କୁଲି' ପ୍ରଥମ ଦିନରେ ୬୫ କୋଟି ଆୟ କରିଥିଲା। ଏହି କଲେକ୍ସନ ସହ ସର୍ବାଧିକ ଆୟ କରିଥିବା ଫିଲ୍ମ ଭାବେ ନୂଆ ରେକର୍ଡ କରିଥିଲା। ହେଲେ ଦ୍ୱିତୀୟ ଦିନରେ ଏହାର ଆୟରେ ସାମାନ୍ୟ ହ୍ରାସ ହୋଇଛି। ଏହି ଚଳଚ୍ଚିତ୍ରଟି ଦ୍ୱିତୀୟ ଦିନରେ ୫୩.୫୦ କୋଟି କଲେକ୍ସନ କରିଛି। କେବଳ ଭାରତରେ ନୁହେଁ ବିଶ୍ୱରେ ମଧ୍ୟ ଫିଲ୍ମର କ୍ରେଜ ଜବରଦସ୍ତ ରହିଛି। 'କୁଲି' ପ୍ରଥମ ଦିନରେ ବିଶ୍ୱସ୍ତରରେ ୧୫୦ କୋଟି ଟଙ୍କା ରୋଜଗାର କରିଥିବା ପ୍ରଥମ ତାମିଲ ଚଳଚ୍ଚିତ୍ର ହୋଇ ଏହାର ମୁକ୍ତିଲାଭ ଦିନ ଇତିହାସ ସୃଷ୍ଟି କରିଛି। ଏହା ବିଶ୍ୱସ୍ତରରେ ୧୫୩ କୋଟି ଟଙ୍କା କଲେକ୍ସନ କରି ୨୦୨୫ର ସବୁଠାରୁ ବଡ଼ ଭାରତୀୟ ଓପନିଂ ମଧ୍ୟ ପଞ୍ଜୀକୃତ କରିଛି।

## ଅଭିନୟ ଛାଡିବେ ଦୀପିକା !

ସନ୍ତାନ ଜନ୍ମ ହେବା ପରଠାରୁ ରୁପେଲି ପରଦାରେ ସେଭଳି ଭାବେ ଦେଖିବାକୁ ମିଳିନାହାନ୍ତି ଦୀପିକା ପାଦୁକୋନ। ୨୦୨୪ରେ ତାଙ୍କର କେତୋଟି ଫିଲ୍ମ ମୁକ୍ତି ପାଇଥିଲା। ଗତ ବର୍ଷ ସେପ୍ଟେମ୍ବରରେ ଝିଅ ଦୁଆର ଜନ୍ମ ପରେ ଦୀର୍ଘ ଦିନ ଧରି ସେ ନିଜକୁ ଲାଇମ୍ ଲାଇଟ୍‌ରୁ ଦୂରେଇ ରଖିଥିଲେ। ତେବେ ଧୀରେ ଧୀରେ କାମକୁ ଫେରିଛନ୍ତି। ରାମ୍ପରେ ଚାଲିଛନ୍ତି। ଏହା ମଧ୍ୟରେ 'କଲ୍କି ୨୮୯୮ ଏଡି' ଫିଲ୍ମର ଦ୍ୱିତୀୟ ପର୍ବର ଶୁଟିଂ ନେଇ ନାନା କଥା ଶୁଣିବାକୁ ମିଳୁଛି। ପୁଣି ଦିନକୁ ୮ ଘଣ୍ଟା କାମ କରିବାର



ସର୍ତ୍ତ ରଖିଛନ୍ତି ଦୀପିକା। ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବଲିଉଡ୍ ଭାଗ ଭାଗ ହୋଇଛି। ଏଥର ଶୁଣିବାକୁ ମିଳିଛି ଆଉ ଏକ ଫିଲ୍ମରୁ ଦୀପିକା କାଲେ ଓହରି ଆସିଛନ୍ତି। ଗତ କିଛି ବର୍ଷ ଧରି ବଲିଉଡ୍ ଅପେକ୍ଷା କରିଥିଲା ଯେ ୨୦୧୫ ମସିହାର ହଲିଉଡ୍ ଫିଲ୍ମ 'ଦ ଇଣ୍ଟର୍ନ'ର ରିମେକ୍ ହେବ। ସେହି ଫିଲ୍ମରେ ମୁଖ୍ୟ ଚରିତ୍ରାଭିନେତ୍ରୀ ଆନି ହ୍ୟାଥୱେଙ୍କ ସ୍ଥାନରେ ଅଭିନୟ କରିବା କଥା ଥିଲା ଦୀପିକା ପାଦୁକୋନଙ୍କର। ମୂଳ ସିନେମାର କାହାଣୀ ଅନୁସାରେ ଚରିତ୍ରଟି ଜଣେ ଉଦ୍ୟୋଗପତିଙ୍କର। ଯିଏ କି ଜଣେ ବର୍ଷୀୟାନ ମଣିଷକୁ 'ଇଣ୍ଟର୍ନ' ବା ଶିକ୍ଷାନବିଶ ଭାବେ ନିଯୁକ୍ତ କରନ୍ତି। ଶିକ୍ଷାନବିଶ ଚରିତ୍ରରେ ଋଷି କପୁର ଅଭିନୟ କରିବେ ବୋଲି ପ୍ରାଥମିକ ଭାବେ ସ୍ଥିର ହୋଇଥିଲା। କିନ୍ତୁ ୨୦୨୦ରେ ତାଙ୍କର ମୃତ୍ୟୁ ପରେ ସେହି ଚରିତ୍ରରେ ଅଭିତାଭ ବଚ୍ଚନ ଅଭିନୟ କରିବେ ବୋଲି ସ୍ଥିର ହେଲା। ତେବେ ବିଭିନ୍ନ କାରଣରୁ ଏହି ସିନେମାଟିର କାମ ଆଗକୁ ବଢ଼ି ପାରୁନି। ଏହା ମଧ୍ୟରେ ଏହି ଫିଲ୍ମର ନାୟିକା ଚରିତ୍ରରୁ ନିଜକୁ ଓହରାଇ ନେଇଛନ୍ତି ଦୀପିକା। ସୂତ୍ର ଅନୁସାରେ ସେ କେବଳ ଏହି ସିନେମାର ପ୍ରଯୋଜକ ଭାବେ କାମ କରିବାକୁ ଚାହାନ୍ତି। ଅଭିନେତ୍ରୀଙ୍କ ଜଣେ ଘନିଷ୍ଠ ବାନ୍ଧବୀଙ୍କ କହିବାନୁସାରେ, ଦୀପିକା ଏବେ ଅଭିନୟ ଉପରେ ଆଉ ମନୋନିବେଶ କରିବାକୁ ଇଚ୍ଛା କରୁନାହାନ୍ତି। ତାଙ୍କର ସବୁତକ ସମୟ ସେ ଝିଅକୁ ଦେବାକୁ ଇଚ୍ଛୁକ। ସେଥିପାଇଁ ପ୍ରଯୋଜନାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯଦିଓ ତାଙ୍କୁ ଶାହରୁଖ ଖାନଙ୍କ ସହିତ ଫିଲ୍ମ 'କିଙ୍ଗ୍'ରେ ଦେଖିବାକୁ ମିଳିବ।

## 'ସୈୟାରା' ଯୋଡ଼ି, ଓଡ଼ିଆ ଫିଲ୍ମ 'ଲଢ଼େଇ'ରେ କରିବେ ଧମାଲ୍



ଅଶୋକ ପତିଙ୍କ ନିର୍ଦ୍ଦେଶିତ ନୂଆ ସିନେମା 'ଲଢ଼େଇ'ରେ ଏକ ଫ୍ୟାକ୍ଟି ଫ୍ରେଶ୍ ଯୋଡ଼ିକୁ ଦେଖିବାକୁ ମିଳିବ। ସେମାନେ ହେଲେ ଲୋହିତାକ୍ଷ ଓ ଅଭିଲିପ୍ସା। ଶିଶୁ କଳାକାର ଭାବେ ଲୋହିତାକ୍ଷ ଦର୍ଶକଙ୍କ ହୃଦୟ ଜିତି ଥିବାବେଳେ ନାୟକ ଭାବେ ଏହା ତାଙ୍କର ପ୍ରଥମ ସିନେମା। ଅଭିଲିପ୍ସା କିନ୍ତୁ ଅଭିନୟରେ ସମ୍ପୂର୍ଣ୍ଣ ନୂଆ। ଉଭୟଙ୍କ ବୟସ ପାଖାପାଖି। ସୁଟିଂ ସେଟ୍‌ରେ ଉଭୟ ଉଭୟଙ୍କୁ ସହଯୋଗ କରନ୍ତି। ତେଣୁ ଦୁହିଁଙ୍କ ଭିତରେ ବେଶ୍ ଭଲ ବନ୍ଧୁତା। ଆଉ ଏହା ପରଦା ଉପରେ ନଜର ଆସିବ ବୋଲି କୁହନ୍ତି ନିର୍ଦ୍ଦେଶକ। ସୂଚନାଯୋଗ୍ୟ, ଡି.ଏସ୍.ଆର ଏଣ୍ଟରପ୍ରାଇଜେସ ନିବେଦିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ଦୃଶ୍ୟଗ୍ରହଣରେ ଅଛନ୍ତି କୁଲଡି। ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ରାଜଲକ୍ଷ୍ମୀ ଡାକୁଆ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକ ଅଭିନୟ କରିଛନ୍ତି। ବଲିଉଡରେ ଅର୍ଣ୍ଣ ନୂଆ ଯୋଡ଼ି ଆହାନ ପାଣ୍ଡେ ଓ ଅନୀତ ପଡ୍ଡାଙ୍କୁ ନେଇ ନିର୍ମିତ 'ସୈୟାରା' ବକ୍ସ ଅଫିସ୍‌ରେ ଯେଉଁଭଳି ସଫଳ ହେଲା, ଓଲିଉଡରେ ମଧ୍ୟ ଦର୍ଶକ ଲୋହିତାକ୍ଷ ଓ ଅଭିଲିପ୍ସାଙ୍କୁ ସେଭଳି ପସନ୍ଦ କରିବେ ବୋଲି କୁହାଯାଉଛି।

## ରିଲିଜ୍ ହେଲା 'ବର୍ଡର ୨'ର ପ୍ରଥମ ପୋଷ୍ଟର



ସ୍ୱାଧୀନତା ଦିବସରେ ଫ୍ୟାନ୍ସଙ୍କୁ ଭେଟି। ସନ୍ନି ଦେଓଲଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ 'ବର୍ଡର ୨'ର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଯାଇଛି। ନିର୍ମାତାମାନେ ପିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ କରିବା ସହ ଫିଲ୍ମର ରିଲିଜ୍ ତାରିଖ ମଧ୍ୟ ପ୍ରକାଶ କରିଛନ୍ତି। ତେବେ 'ବର୍ଡର ୨'ର ପୋଷ୍ଟରରେ, ସନ୍ନି ଦେଓଲଙ୍କୁ ସୈନିକ ଅବତାରରେ ଦେଖିବାକୁ ମିଳିଛି। ନିର୍ମାତାମାନେ ନିଜ ଇନଷ୍ଟାଗ୍ରାମରେ ଫିଲ୍ମର ପୋଷ୍ଟର ସେୟାର କରି କ୍ୟାପସନରେ ଲେଖିଛନ୍ତି, 'ଭାରତ ପାଇଁ ପୁଣିଥରେ ଲଢ଼ିବା '। ତେବେ 'ବର୍ଡର ୨' ଆସନ୍ତା ବର୍ଷ ଜାନୁଆରୀ ୨୨ରେ ରିଲିଜ୍ ହେବ। ସେହିପରି ନିର୍ଦ୍ଦେଶକ ଅନୁରାଗ ସିଂ କହିଛନ୍ତି, 'ସ୍ୱାଧୀନତା ଦିବସରେ ଫିଲ୍ମର ମୁକ୍ତିଲାଭ ତାରିଖ ଘୋଷଣା କରିବା ପ୍ରତୀକାତ୍ମକ। ଏହି ଦିନ ଆମକୁ ଭାରତର ସ୍ୱାଧୀନତା ପାଇଁ ଆମର ସୈନିକମାନଙ୍କ ଦ୍ୱାରା ଦିଆଯାଇଥିବା ବଳିଦାନକୁ ମନେ ପକାଇ ଦିଏ। ଏହି କାହାଣୀ ମାଧ୍ୟମରେ ସେମାନଙ୍କ ଅମର ଆତ୍ମାକୁ ସମ୍ମାନ କରିବା ଏକ ସୌଭାଗ୍ୟର କଥା।'ତେବେ ଫିଲ୍ମ 'ବର୍ଡର ୨'ରେ ଭୂଷଣ କୁମାର, କ୍ରିଷନ କୁମାର, ଜେ.ପି. ଦତ୍ତା ଏବଂ ନିଧି ଦତ୍ତାଙ୍କ ଦ୍ୱାରା ପ୍ରଯୋଜିତ ଏବଂ ଅନୁରାଗ ସିଂଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏଥିରେ ସନ୍ନି ଦେଓଲ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ସେଟ୍ଟିଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।

## ସେପ୍ଟେମ୍ବର ୫ରେ ରିଲିଜ୍ ହେବ 'ଦ ବେଙ୍ଗଲ୍ ଫାଇଲ୍ସ'



ବିବେକ ରଞ୍ଜନ ଅଗ୍ନିହୋତ୍ରୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦ ବେଙ୍ଗଲ ଫାଇଲ୍ସ' ଘୋଷଣା ହେବା ପରଠାରୁ ଏହାକୁ ନେଇ ହଙ୍ଗାମା ଆରମ୍ଭ ହୋଇଛି। ଶନିବାର ୧୬ ଅଗଷ୍ଟରେ ନିର୍ମାତା ଫିଲ୍ମର ଟ୍ରେଲର ରିଲିଜ୍ କରିଥିଲେ ଏବଂ ଏହାର ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମରେ ବହୁତ ହଙ୍ଗାମା ଦେଖିବାକୁ ମିଳିଥିଲା। ପୂର୍ବରୁ ଫିଲ୍ମର ଟ୍ରେଲର ୧୨ଟାରେ ରିଲିଜ୍ ହେବାର ଥିଲା, କିନ୍ତୁ ପରେ ଏହାର ରିଲିଜ୍ ବିଳମ୍ବ ହୋଇଥିଲା ଏବଂ ଏହା ପ୍ରାୟ ଗୋଟିଏ ଘଣ୍ଟା ପରେ ରିଲିଜ୍ ହୋଇଥିଲା। ସୂଚନାଥାଉକି, ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲା। ଏବେ ବିବେକ ଅଗ୍ନିହୋତ୍ରୀ ମଧ୍ୟ ଏହି ମାମଲାରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଦେଶକ କହିଛନ୍ତି ଯେ ଆମର ସ୍ୱରକୁ ଦବାଇ ଦିଆଯାଉଛି।

'ଦ ବେଙ୍ଗଲ୍ ଫାଇଲ୍ସ'ର କାହାଣୀ ବିବେକ ରଞ୍ଜନ ଅଗ୍ନିହୋତ୍ରୀ ଲେଖିଛନ୍ତି ଏବଂ ସେ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଅଭିଷେକ ଅଗ୍ରୱାଲ ଏବଂ ପଲ୍ଲବୀ ଜୋଶୀ ଏହାର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି। ଫିଲ୍ମର କଳାକାରଙ୍କ ବିଷୟରେ କହିବାକୁ ଗଲେ, ମିଥୁନ୍ ଚକ୍ରବର୍ତ୍ତୀ, ପଲ୍ଲବୀ ଜୋଶୀ, ଅନୁପମ ଖେର ଏବଂ ଦର୍ଶନ କୁମାରଙ୍କ ଭଳି ଅନେକ ଷ୍ଟାର ଏଥିରେ ନଜର ଆସିବେ। ଏହି ଫିଲ୍ମ ୫ ସେପ୍ଟେମ୍ବର ୨୦୨୫ରେ ସିନେମା ହଲରେ ଆସିବାକୁ ଯାଉଛି। ପୂର୍ବରୁ ଅଗ୍ନିହୋତ୍ରୀ 'ଦ କାଶ୍ମୀର ଫାଇଲ୍ସ' ଏବଂ 'ଦ ତାସକେଣ୍ଟ ଫାଇଲ୍ସ' ଉପରେ ମଧ୍ୟ ଫିଲ୍ମ ତିଆରି କରିଛନ୍ତି, ସେଠାରେ ମଧ୍ୟ ରିଲିଜ୍ ପୂର୍ବରୁ ବହୁତ ହଙ୍ଗାମା ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, 'ଦ ବେଙ୍ଗଲ ଫାଇଲ୍ସ' ସିନେମାଟି ୧୯୪୬ରେ ପଶ୍ଚିମବଙ୍ଗରେ ହୋଇଥିବା ନୋଆଖଲି ନରସଂହାର ଏବଂ ହିନ୍ଦୁଙ୍କ ଉପରେ ହୋଇଥିବା ନିର୍ଯାତନା ଉପରେ ଆଧାରିତ।

କୋକସରାରେ ପରିମଳ ବ୍ୟବସ୍ଥା ଅସମ୍ଭାଳ

# ରାସ୍ତାରେ ଢେଉ ଖେଳୁଛି ବର୍ଷାପାଣି



**ଭବାନୀପାଟଣା,୧୮।୮(ସଂଚାର ବ୍ୟୁରୋ):** ଗୋଦରୀ ମାଡ଼େ ଯେତେ କୋଡେ ସେତେ ନ୍ୟାୟ ରେ କୋକସରା ଗ୍ରାମ ପଞ୍ଚାୟତ ଜନ ପ୍ରତିନିଧି ଓ ଅଧିକାରୀ ସ୍ଥାଣୁ ପାଲଟିଛନ୍ତି। କୋକସରା ବ୍ଲକ ର ସଦର କେନ୍ଦ୍ରସ୍ଥଳୀ ହୋଇଥିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ଙ୍କ ବେପରୁଆ ମନୋଭାବ ଯୋଗୁଁ କୋକସରା ର ମୁଖ୍ୟ ରାସ୍ତା ସହ ଗଳିକନ୍ଦି ରାସ୍ତାରେ ରେ କୁଡ଼ କୁଡ଼ ମଇଳା ଆବର୍ଜନା ପଡ଼ି ରହିଛି। ଖବରକାଗଜ ରେ ଏ ସମ୍ପର୍କିତ ଖବର ବାରମ୍ବାର ପ୍ରକାଶିତ ସତ୍ତ୍ୱେ ମଧ୍ୟ ନିର୍ବାଚିତ ସରପଞ୍ଚ କିମ୍ବା ନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଦେଖିବାକୁ ମିଳିଛି। କୋକସରା ରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା କାରଣରୁ ଅଳ୍ପ ବର୍ଷା ହେଲେ ଡ୍ରେନ ର ମଇଳା ଆବର୍ଜନା ପାଣି ଜାତୀୟ ରାଜପଥ ରେ ଢେଉ ଭାଙ୍ଗୁଥିବା ବେଳେ ରାସ୍ତା କଡରେ ଥିବା ଦୋକାନ ବଜାର ଓ ଘର କୁ ବର୍ଷା ଜଳ ମାଡୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ପ୍ରତି ପଞ୍ଚାୟତ କୁ ଗାଁ ପରିମଳ ସଫାସୁତୁରା ରଖିବା, ଡ୍ରେନେଜ ମରାମତି ପାଇଁ ଅନୁଦାନ ଆସୁଛି ତେବେ ସେହି ଅନୁଦାନ କୁଆଡେ ଖର୍ଚ୍ଚ ହେଉଛି ତାହା ପଞ୍ଚାୟତ ଅଧିକାରୀ ଙ୍କୁ ଜଣା। କୋକସରା ଟାଉନ ର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଶିବ ମନ୍ଦିର ଛକ ର ଉଭୟ ପାର୍ଶ୍ୱରେ ଅନେକ ଉଠା ଦୋକାନ ରହିଥିବା ବେଳେ ଡ୍ରେନ ଉପରେ ଜବରଦଖଲ କରି କିଛି ବ୍ୟବସାୟୀ ଦୋକାନ ଖୋଲି ଥିବା ବେଳେ ଡ୍ରେନ ରାସ୍ତା ଅବରୋଧ ହୋଇ ପଡ଼ିଛି।ଫଳରେ ବର୍ଷା ହେଲେ ଡ୍ରେନେଜ ବ୍ୟବସ୍ଥା ଅସମ୍ଭାଳ ହୋଇ ପଡୁଛି।ଏ ସମ୍ପର୍କରେ କୋକସରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭବିଷ୍ୟତ ପଟେଲ ଙ୍କ ପ୍ରତିକ୍ରିୟା ନେବାପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ। ସ୍ଥାନୀୟ ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଡ୍ରେନେଜ ବ୍ୟବସ୍ଥା ସହ ପରିମଳ ବ୍ୟବସ୍ଥା ସୁଧାରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

ବାଲିପାଟଣା ବିଦ୍ୟୁତ୍ ବିଭାଗର ଅବହେଳା

# ଚାଲିଗଲା ନାବାଳକର ଜୀବନ



**ବାଲିପାଟଣା,୧୮।୮ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା କୁଳଣ୍ଡିରା ଶାସନ ରେ ବିଦ୍ୟୁତ ଖୁଣ୍ଟ ରୁ ଷ୍ଟେ ଛିଣ୍ଡି ପଡ଼ିବା ଫଳରେ କରେଣ୍ଟ ସଂସ୍ପର୍ଶ ରେ ଆସି ଜଣେ ଚତୁର୍ଥ ଶ୍ରେଣୀ ର ଛାତ୍ର ମୃତ୍ୟୁ ହୋଇଛି। କରେଣ୍ଟ ରେ ମୃତ୍ୟୁ ବରଣ କରିଥିବା ଛାତ୍ର ଚନ୍ଦନ ଭୋଇ (୧୨)। ଆଜି ମଧ୍ୟାହ୍ନ ସାଢେ ଗୋଟେ ସମୟରେ ବର୍ଷା ପବନ ହୋଇଥିଲା।ଗାଁ ମଝି ଖୁଣ୍ଟ ରେ ବନ୍ଧା ହୋଇଥିବା ତାଳୁଣ୍ଡା ଗଛ ଡାଳରେ ବନ୍ଧା ହୋଇଥିବା ଲାଇନ ଖୁଣ୍ଟ ଷ୍ଟେ ତାର ବର୍ଷା ପବନରେ ଛିଣ୍ଡି ତଳେ ପଡ଼ିଥିଲା।ଚନ୍ଦନ ଭଙ୍ଗା ଡାଳ ଆଣିବାକୁ ଯିବା ସମୟରେ କରେଣ୍ଟ ଚାର୍ଜ ହୋଇଥିବା ଛିଣ୍ଡା ଷ୍ଟେ ତାର ତାଙ୍କ ହାତ ଏବଂ ଅଣ୍ଟା ରେ ଲାଗି ରହିଥିଲା। କରେଣ୍ଟ ସଂସ୍ପର୍ଶ ରେ ଆସି ତଳେ ପଡ଼ି ଯାଇଥିଲେ। ହାତ, ପିଠି, ପେଟ ରେ ଲାଗି ଜଳି ଯାଇଛି।ସେଠାରେ ଥିବା ଜଣେ ମହିଳା ପାଟି କରି ଡାକି ଥିଲେ। ଗ୍ରାମ ର ଲିଟୁଆ ଭୋଇ ବାଉଁଶ ଲାଗି ରେ କରେଣ୍ଟ ଚାର୍ଜ ଥିବା ତାର କୁ ଟାଣି କାଢି ବା ପରେ ଚନ୍ଦନ ଙ୍କୁ ଉଦ୍ଧାର କରାଯାଇଥିଲା। ଚନ୍ଦନ କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବା ରୁ କ୍ୟାପିଟାଲ ହସ୍ପିଟାଲ କୁ ପଠାଇ ଯାଇଥିଲା। ଚିକିତ୍ସା ଦାୟିତ୍ୱ ରେ ଥିବା ଡାକ୍ତର ମୃତ ଘୋଷଣା କରିଥିଲେ।ମୃତ ନାବାଳକ ଜଣେ ଗରିବ ପରିବାରର ମେଧାବୀ ଛାତ୍ର ଥିଲେ। କ୍ୟାପିଟାଲ ହସ୍ପିଟାଲ ରୁ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତ ଶବ କୁ ବାଲିପାଟଣା ବଜାର ରେ ରଖି କ୍ଷତି ପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିବ ବୋଲି ଗ୍ରାମବାସୀ ଓ ପରିବାର ଲୋକେ କହିଛନ୍ତି।ଏ ନେଇ ବାଲିପାଟଣା ଥାନା ରେ ମୃତ ନାବାଳକ ଙ୍କ ଜେଜେ ଚନ୍ଦ୍ର ଶେଖର ଭୋଇ ଲିଖିତ ଅଭିଯୋଗ କରିଛନ୍ତି।

## ପ୍ରାଥମିକ ବିଦ୍ୟାଳୟ କେକେରିଙ୍ଗିଆ ପକ୍ଷରୁ ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ




**ଫିରିଙ୍ଗିଆ,୧୮।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଶ୍ରୀପଲ୍ଲା କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ କେକେରିଙ୍ଗିଆ ପକ୍ଷରୁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡି କିମ୍ବା ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ରାଜ୍ୟରେ ଆସ ସ୍କୁଲ ଯିବା ହେଉଛି ସରକାରଙ୍କର କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ନିକୁଞ୍ଜ ବେହେରା, ସହକାରୀ ଶିକ୍ଷକ ବୈଚନ୍ଦ୍ର ମଲିକ, ପରିଚାଳନା କମିଟି ସଭାପତି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ସମେତ ଛାତ୍ରଛାତ୍ରୀ ମାନେ ପଦଯାତ୍ରା ମାଧ୍ୟମରେ ‘ସ୍କୁଲ ଯିବା ଆସ ସ୍କୁଲ ଯିବା, ସ୍କୁଲରେ ଯାଇ ପାଠ ପଢ଼ିବା। ପଢ଼ିଲେ ପାଠ ଦୁଇ ଅକ୍ଷର, ସବୁଠି ରହିବ ଆମ ଆଦର। ସରକାରଙ୍କର ଏହି ଆହ୍ୱାନ, ଆସ ସ୍କୁଲ ଯିବା କରିବା ପଣ।

ଆସ ଆମେ ସ୍କୁଲ ଯିବା, ନାମ ଲେଖାଇକି ପାଠ ପଢ଼ିବା। କହି କହି ଆମେ ଯାଉଚୁ ଭାଈ, ଅଧାରୁ ପାଠ କେ ଛାଡ଼ିବା ନାହିଁ। ଏହି ଭଳି ନାରାବାଜି ଦେଇ ଗ୍ରାମରେ ଲୋକ ମାନଙ୍କୁ ପଦଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା ।

## ବିଧବା ଭତ୍ତା ପାଇବାରୁ ବଞ୍ଚିତ ଛବି ସାହୁ

**କନ୍ଧମାଳ,୧୮।୮(ସଂଚାର ବ୍ୟୁରୋ):** ସରକାର ଗରିବଙ୍କ ପାଇଁ ଅନେକ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ପ୍ରସ୍ତୁତ କରୁଛନ୍ତି ସତ, କିନ୍ତୁ ପ୍ରଶାସନ ଇଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ବି ପ୍ରକୃତରେ ଏଥିରୁ ଅନେକ ଗରିବ ପରିବାର ଅଧିକାର ପାଇବାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏହିଭଳି ଏକ ଗରିବ ଅସହାୟ ବିଧବା ମହିଳା ହେଉଛନ୍ତି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାସିପଡ଼ା ଗ୍ରାମର ଛବି ସାହୁ। ସ୍ୱାମୀ ଦେହାନ୍ତ ହେବାର ଆଜକୁ ୪୦ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସରକାର ଯୋଜନା ମିଳିପାରି ନାହିଁ ବୋଲି ଅଭିଯୋଗ ହେଉଛି। କାରଣ କ’ଣ ଥାଇପାରେ ଏହା ଏକ ଅଞ୍ଚଳ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କୋଉଠି ନା କୋଉଠି ସବୁ ସରକାର ଯୋଜନା ବାଟବଣା ହୋଇ ଯାଉଛି। ସତେକି ଏହି ଅସହାୟ ବିଧବା ପରିବାର ପାଇଁ ସରକାର ଯୋଜନା ସାତ ସପନ ପାଲଟିଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାଥା ଶୀଘ୍ର ବିଧବା ଭତ୍ତା ଟଙ୍କା ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ନିବେଦନ କରିଛନ୍ତି।

## ଅଞ୍ଚଳବାସୀଙ୍କ ସୁରକ୍ଷା ଦାବି କଲେ ଅଞ୍ଚଳବାସୀ



**କନ୍ଧମାଳ,୧୮।୮ (ସଂଚାର ବ୍ୟୁରୋ):** ଆସନ୍ତା ଅଗଷ୍ଟ ୧୬ ତାରିଖ (ଶନିବାର) ଦିନ ଥିବା କଳିଙ୍ଗା ଓ ଘୁ.ଉଦୟଗିରି ୧୨ ଘଣ୍ଟିଆ ବନ୍ଦ ଡାକରା କୁ ଅଞ୍ଚଳବାସୀ ସ୍ଥଗିତ ରଖିଲେ। କାରଣ ଅଗଷ୍ଟ ୧୫ ଓ ୧୬ ଏହି ଦୁଇଦିନ ଜନ୍ମାଷ୍ଟମୀ ପର୍ବ ରହିଛି ଏହାକୁ ଦୃଷ୍ଟି ରେ ରଖି ଏହି ବନ୍ଦ ଡାକରାକୁ ସ୍ଥଗିତ କରାଯାଇଛି ସୂଚନା ଅନୁସାରେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଅଞ୍ଚଳରେ ଆଜକୁ ପ୍ରାୟ ୩ ବର୍ଷ ରୁ ଉର୍ଦ୍ଧ୍ୱ ଦିନ ହେବ ଅଞ୍ଚଳରେ ଜଙ୍ଗଲି ହାତୀ ଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଗତ ୩ ମାସ ମଧ୍ୟରେ ଏକ ଦନ୍ତା ହାତୀ ହିଂସ୍ର ଅବସ୍ଥାରେ ଗ୍ରାମ ଭିତରକୁ ପ୍ରବେଶ କରିବା ସହିତ ମୁଖ୍ୟ ରାଜ ପଥ କୁ ମଧ୍ୟ ଆସୁଚି। ହାତୀ ଟି ୩ ଜଣ ଲୋକଙ୍କୁ ଆକ୍ରମଣ କରି ଜୀବନ ନେବା ସହିତ ୬ ଗୋଟି ଗାଈ କୁ ମଧ୍ୟ ଆକ୍ରମଣ କରି ମୃତ୍ୟୁ ମୁଖକୁ ଠେଲିଦେଇଛି।

ବର୍ତ୍ତମାନ ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମ ଭିତରକୁ ଯାଇ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରିବା ସହିତ ଘର ଦ୍ୱାର ଭାଙ୍ଗି ଦେଉଛି। ଏପରି ଘଟଣା ଘଟିବା ପରେ ଅଞ୍ଚଳର ପ୍ରାୟ ୫୦, ୦୦୦ ହଜାର ରୁ ଉର୍ଦ୍ଧ୍ୱ ଲୋକ ଭୟଭୀତ ଅବସ୍ଥାରେ ରହୁଛନ୍ତି।

ହିଂସ୍ର ଦନ୍ତାହାତୀ ଭୟ ରେ ବର୍ତ୍ତମାନ ଅଞ୍ଚଳବାସୀ ବିଲ ଲଗେଇ ପାରୁନାହାନ୍ତି କି ନିଜ ବାଡ଼ି ବଗିଚାର କୌଣସି କୃଷି କାର୍ଯ୍ୟ କରିପାରୁନାହାନ୍ତି। ଆଦିବାସୀ ଗରିବ ଲୋକ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରନ୍ତି ବର୍ତ୍ତମାନ ସେମାନଙ୍କର ଜୀବନ ଜୀବିକା ଉପରେ ବହୁତ୍ ପ୍ରଭାବ ପଡ଼ିବା ସହିତ ପରିବାର ପ୍ରତିପୋଷଣ କରିବା ବହୁତ୍ କଷ୍ଟକର ହୋଇଯାଇଛି। ଅଞ୍ଚଳବାସୀ ଙ୍କ ସୁରକ୍ଷା ସହିତ ହିଂସ୍ର ଦନ୍ତା ହାତୀ କୁ ତୁରନ୍ତ ସ୍ଥାନାନ୍ତର ସହ ୪ ଦଫା ଦାବି ରେ ଅଞ୍ଚଳବାସୀ ଙ୍କ ତରଫରୁ ଏହି ବନ୍ଦ ଡାକରା ଦିଆଯାଇଥିଲା।

## ମାଣିକପୁର ପଞ୍ଚାୟତରେ ହାତୀ ଉପଦ୍ରବ, ବ୍ୟାପକ ଧାନ ଫସଲ ନଷ୍ଟ



**ବାରିପଦା,୧୮।୮ (ସଂଚାର ବ୍ୟୁରୋ):** ହାତୀ ଖାଉଛି କ୍ଷେତ। ହାତୀ ଉପଦ୍ରବରେ ଲୋକେ ଅତିଷ୍ଠ। ଲୋକେ ରାତ୍ରୀରେ ଘରେ ଶାନ୍ତିରେ ଶୋଇପାରୁ ନାହାନ୍ତି। ହାତୀ କେତେବେଳେ ଲୋକଙ୍କର ଘର ଦୁଆର ଭାଙ୍ଗି ଦେଉଛିତ କେତେବେଳେ କ୍ଷେତ ବାଡ଼ିକୁ ଉଜାଡି ଦେଉଛି। ବିଗତ କିଛି ଦିନ ହେଲା ଝାଡ଼ଖଣ୍ଡୀ ହାତୀପଲ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଉପଦ୍ରବ ଖେଳାଉଛନ୍ତି। ରାତ୍ରୀ ହେଲେ ଲୋକଙ୍କ ଚିନ୍ତା ବଢୁଛି ହାତୀ କୁ ନେଇ। ଚାଷୀ ନିଜ ଚାଷ ଜମି କୁ ସୁରକ୍ଷା ଦେବାରେ ଅସମର୍ଥ। ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକର ମାଣିକପୁର ପଞ୍ଚାୟତର ମାଣିକପୁର ଗ୍ରାମ ଏବଂ ପାଉଁଶିଆ ଗ୍ରାମର ୧୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଧାନବିଲକୁ ଶନିବାର ବିଳମ୍ବିତ ରାତିରେ ହାତୀପଲ ଦଳି ଚକଟି ନଷ୍ଟ କରିଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚାଷୀମାନେ ହେଲେ ମାଙ୍ଗାତ ସୋରେନ, ସୁରେନ୍ଦ୍ର ହେମ୍ବ୍ରମ, କାରୁ ବାସ୍କେ ଏବଂ ଅନ୍ୟ ଚାଷୀବୃନ୍ଦ।ଧାନବିଲ ନଷ୍ଟ ଦେଖି ଚାଷୀ ମୁଣ୍ଡରେ ହାତ ହାତ ଦେଇଛନ୍ତି। ତେଣୁ ପ୍ରଶାସନ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସହାୟତା ରାଶି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବର୍ଷାଦିନେ ଜଳଯନ୍ତ୍ରଣା : ଫେଲ୍ ମାରୁଛି ସରକାରଙ୍କ ବିଭିନ୍ନ ଯୋଜନା



**ଧରାକୋଟ,୧୮।୮(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଜଳ ଯନ୍ତ୍ରଣାରେ ଯୁଝି ହେଉଛି। ସରକାରଙ୍କ ମାଳମାଳ ଯୋଜନା ଫେଲ୍ ମାରୁଛି। ପ୍ରତିଶ୍ରୁତି ଆଉ କାଗଜ କଲମରେ ଅଟକିଯାଉଛି ଜଳଯୋଗାଣ ପ୍ରକଳ୍ପ । କେଉଁଠି ପ୍ରକଳ୍ପ ଅଛି ପାଣି ନାହିଁ। ତ ଆଉ କେଉଁଠି ଲୋକ ଅଭିଯୋଗ କରି ଥକିଥକି ଗଲା ପରେ ବି ଗାଁରେ ପାଣି ଟାଙ୍କି ଟିଏ ନିର୍ମାଣ ହୋଇପାରୁନି। ଗୋଟିଏ ନଳକୂପରୁ ପୁରା ଗାଁ ପାଣି ପିଉଛି। କେଉଁଠି ପୋଖରୀର ଅପରିଷ୍କାର ଜଳ ଲୋକଙ୍କ ଶୋଷ ମେଣ୍ଟାଉଛି। ଗରାଏ ପାଣି ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଉପାନ୍ତ ହେଉ କି ଉପକୂଳ ସବୁଠି ଜଳକଷ୍ଟର ଚିତ୍ର ଦେଖିବାକୁ ମିଳୁଛି । ବର୍ଷା ଋତୁରେ ପାଣି ଟିକିଏ ଅନେକ ଗାଁ ପାଇଁ ସାତ ସ୍ୱପ୍ନ ପାଲଟିଛି । ଧରାକୋଟ, ଆଳି, ବୈପାରୀଗୁଡ଼ା ଓ ଖୋର୍ଦ୍ଧାର ଏ ଚିତ୍ର ଏହାର ଗୋଟିଏ ଗୋଟିଏ ଉଦାହରଣ କହିଲେ ଚଳେ। ଆଉ କେତେ ଖବର ବାଜିଲେ ସରକାର ଚେତିବେ ଲୋକ ସୁବିଧାରେ ବିଶୁଦ୍ଧ ପାଣି ମୁନ୍ଦାଏ ପାଇବେ ତାକୁ ଅପେକ୍ଷା ।

## ଠିକା ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

### ପୁଲିସର ତଦନ୍ତ ଜାରି

**ଭବାନୀପାଟଣା,୧୮।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଚିଲଗୁଡା ନିକଟରେ ଥିବା ଜନୈକ ବ୍ୟବସାୟୀ ରାଜେଶ ଗୁପ୍ତା ଙ୍କ ନିର୍ମାନଧିନ ଘରରେ ଶ୍ରମିକ ଭାବେ କାର୍ଯ୍ୟରତ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ପ୍ରଧାନୀଗୁଡା ଗ୍ରାମ ର ଦୈତାରୀ ଗୌଡ଼ ଙ୍କ ପୁଅ କମଲୁ ଗୌଡ଼(୧୯) ଙ୍କ ଝୁଲନ୍ତା ମୃତଦେହ କାର୍ଯ୍ୟ କରୁଥିବା ସ୍ଥାନ ରୁ କିଛି ଦୂର ରେ ଥିବା ଜୋର ନିକଟରେ ଥିବା ଏକ ଅର୍ଜୁନ ଗଛ ରୁ ଉଦ୍ଧାର କରାଯାଇଛି। ସୋମବାର ସକାଳୁ ଯୁବକ ନିଖୋଜ ରହିଥିବା ବେଳେ ସାଥି ଶ୍ରମିକ ମାନେ ଖୋଜାଖୋଜି କରିବା ପରେ ମଧ୍ୟ ସନ୍ଧାନ ପାଇ ନଥିଲେ ଓ ଏନେଇ ନିଖୋଜ ଯୁବକ ଙ୍କ ପରିବାର ଲୋକ ଙ୍କୁ ସୂଚନା ଦେଇଥିଲେ। ଯୁବକ ଙ୍କ ସମ୍ପର୍କୀୟ ଲୋକ ଆସି ଖୋଜାଖୋଜି କରିବା ପରେ ଯୁବକ ଙ୍କ ମୃତଦେହ ଠାବ କରିଥିଲେ। ଏନେଇ ରାଜେଶ ଗୁପ୍ତା କୋକସରା ପୋଲିସ କୁ ସୂଚନା ଦେଇଥିଲେ। ପରେ ଘଟଣା ସ୍ଥଳରେ କୋକସରା ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା କୁ ପଠାଇ ରାତି ହୋଇଥିବା କାରଣରୁ ଶବ ବ୍ୟବଚ୍ଛେଦ ଗୃହ ରେ ଶବ କୁ ରଖିଛନ୍ତି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ର କାରଣ ସ୍ପଷ୍ଟ ହେବ ବୋଲି କୋକସରା ଥାନା ଅଧିକାରୀ ଜେ.ଏନ ହୋତା ସୂଚନା ଦେଇଛନ୍ତି।

## ଜାତୀୟ ସେବା ଯୋଜନା ଉପଲକ୍ଷେ ଆଭିମୁଖୀକରଣ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୧୮।୮(ସଂଚାର ବ୍ୟୁରୋ):** ହେମଗିରି ବ୍ଲକ ଡୁଡୁକା ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ସୋମବାର ଦିନ ଜାତୀୟ ସେବା ଯୋଜନା ତରଫରୁ ନୂତନ ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଆଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ପ୍ରାଧ୍ୟାପକ ବିଭୂତି ଭୂଷଣ ମିଶ୍ର ଜାତୀୟ ସେବା ଯୋଜନାର ଇତିହାସ ଓ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଧାରଣା ଦେଇଥିଲେ। ଅଧ୍ୟାପିକା ପଦ୍ମିନୀ ପଟେଲ ସ୍ୱେଚ୍ଛାସେବୀ ମାନଙ୍କର ଭୂମିକା ଓ ସୁନ୍ଦରଗଡ଼ ଜିଲ୍ଲାର ଏନଏସଏସ ଜିଲ୍ଲା ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ସୁଶାନ୍ତ କୁମାର ପଟେଲ ଏନଏସଏସ ର ବିଭିନ୍ନ ଶିବିର ଏବଂ ମାନପତ୍ର ବିଷୟରେ ଆଲୋଚନା କରିଥିଲେ। ଯୁକ୍ତ ତୃତୀୟ ବର୍ଷ ବିଜ୍ଞାନର ଛାତ୍ରୀ ଶ୍ରଦ୍ଧାଞ୍ଜଳି ସନାନି ଶିବିରର ଅନୁଭୂତି ପ୍ରଦାନ କରିଥିଲେ। ଏନଏସଏସ ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନମିତା ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ଡ଼. ସୁକାନ୍ତ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀ ମାନେ ସକ୍ରିୟ ଭାବରେ ଯୋଗଦାନ କରିଥିଲେ ।

## ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଚାଷୀଙ୍କୁ ଉନ୍ନତ ଚାରା ବଣ୍ଟନ



**ଫୁଲବାଣୀ,୧୮।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ର ରତଙ୍ଗ ଠାରେ ସମ୍ନ୍ୱିତ ଆଦିବାସୀ ଉର୍ନ୍ନୟନ ସଂସ୍ଥା ଫୁଲବାଣୀ ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ସହାୟତା ରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଏବଂ ଚାଷୀ ମାନଙ୍କୁ ଉର୍ନ୍ନତ ଚାରା ବଣ୍ଟନ କରାଯାଇଛି। ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମ ରେ ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ସ୍ମିତା ମହାନ୍ତି ଯୋଗ ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ପି ଏ ଆଇଟି ଡ଼ିଏ ଗଦାଧର ପାତ୍ର, ସମ୍ନ୍ୱିତ ଆଦିବାସୀ ଉର୍ନ୍ନୟନ ସଂସ୍ଥା ର ପି ମୁରଲୀ ମୋହନ, ରତଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ପାର୍ବତୀ ମଲିକ ଓ ଜିବିକା ସାଥୀ ରତଗ ପଞ୍ଚାୟତ ର୍ ନୀଳ ମଣି ମଲିକ ଯୋଗ ଦେଇଥିଲେ। ଫିରିଙ୍ଗିଆ ବ୍ଲକ ରୁ ୨୪ ଟି ପଞ୍ଚାୟତ ରୁ ୧୨ ଟି ପଞ୍ଚାୟତ ର ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଚାଷୀ ମିଶି ୧୮୦ ଜଣ ଚାଷୀଙ୍କୁ ୩୨୦୦ ଚାରା ବଣ୍ଟନ କରାଯାଇଥିଲା। ଏହି ଚାରା ରାଇପୁର ରୁ ଆଣିଥିବା ବେଳେ ଉର୍ନ୍ନତ ମାନର ଟମାଟ ଓ ବାଇଗଣ ଚାରା ବଣ୍ଟନ କରାଯାଇଥିଲା। ବିଭିନ୍ନ କ୍ଷେତ୍ର ପରିଦର୍ଶନ ପରେ ଉର୍ନ୍ନତମାନର ଚାରା ବିହନ ଲଗାଇ ଚାଷୀ ମାନେ ଭଲ ଅମଳ ସହ ରୋଜଗାର ପାଇପାରିବେ ଓ ଆଗାମୀ ଦିନରେ ଏହି ବିହନ ସଫଳ ହେଲେ ଅଧିକ ଚାଷୀଙ୍କୁ ଉର୍ନ୍ନତ ମାନର ବିହନ ଦେବାର ବ୍ୟବସ୍ଥା କରାଯିବ ବୋଲି ଅତିଥି ମାନେ କହିଛନ୍ତି।

# ବାଇକ୍-ବସ୍ ଧକ୍କାରେ ଜଣେ ମୃତ

### କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ



**ବୋରିଗୁମ୍ମା,୧୮।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଦେଇ ଯାଇଥିବା ଜୟପୁର- ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଖୁଡ଼ିଗୁଡା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ର ପଛ ପଟୁ ଏକ ଗୁପ୍ତା ନାମକ ଘୋରାଇ ବସ ଧୋକ୍କା ଦେବାରୁ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ, ବୋରିଗୁମ୍ମା ବ୍ଲକ କାମତା ଗ୍ରାମର ପୂର୍ବତନ ସରପଞ୍ଚ ନାରାୟଣ ଜାନି ଏବଂ ବର୍ତ୍ତମାନ ବୋରିଗୁମ୍ମା ବ୍ଲକ ମିସ୍ତ୍ରୀ ସଂଘ ର ସାଧାରଣ ସମ୍ପାଦକ ଥିଲେ। ପୁଲିସ୍ ସୂଚନା ଅନୁଯାୟୀ, ଆଜି ସକାଳ ସମୟରେ ନାରାୟଣ ଜାନି, ତାଙ୍କ ସାଥୀଙ୍କ ସହ ଏକ ବାଇକ୍‌ରେ ଖୁଡ଼ିଗୁଡା ଗ୍ରାମରୁ ୨୬ ନଂ ଜାତୀୟ ରାଜପଥ ଅତିକ୍ରମ କରୁଥିବା ବେଳେ ପଛପଟ ଦିଗରୁ ଆସୁଥିବା ଏକ ଗୁପ୍ତା ନାମକ ଘୋରେଇ ବସ (ଓଡ଼ି୨୪-ଜେ-୨୫୧୯) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ନାରାୟଣ ଜାନି ତଳେ ଛିଟିକି ପଡ଼ି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର, ସମ୍ପର୍କୀୟ ଓ ବୋରିଗୁମ୍ମା ମିସ୍ତ୍ରୀ ସଂଘ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଦୀର୍ଘ ୫ ଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ଫଳରେ ଜଗଦଳପୁର -ବିଶାଖାପାଟଣା ଜାତୀୟ ରାଜପଥ, ବରଗଡ଼ - ଜୟପୁର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଖବର ପାଇ ବୋରିଗୁମ୍ମା ଅତିରିକ୍ତ ତହସିଲଦାର ସତୀଶ କୁମାର ବଇନି, ଉପଖଣ୍ଡ ଆରୋକ୍ଷୀ ଅଧିକାରୀ ସତ୍ୟବ୍ରତ ଲେଙ୍କା, ସଦର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ, ଏଏସଆଇ ରଚିତା ମାଡକାମୀ ପ୍ରମୁଖଙ୍କ ସମେତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ସହାୟତା ରାଶି ଘୋଷଣା କରିଥିଲେ। ଏହାସହ ଦୁର୍ଘଟଣା ଘଟଣାଇଥିବା ବସ ମାଲିକଙ୍କଠାରୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# କୋକସରା ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ

**ସୀମା ନିର୍ଦ୍ଧାରଣ ନେଇ ଉପୁଜିଛି ସମସ୍ୟା, ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି**

**ଭବାନୀପାଟଣା,୧୮।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ର ସଦର ମହକୁମା ରେ ନବ ନିର୍ମାନଧିନ ବସଷ୍ଟାଣ୍ଡ ନିର୍ମାଣ ସୀମା ନିର୍ଦ୍ଧାରଣ ବିବାଦ କୁ ନେଇ ଲାଗି ରହିଛି ସମସ୍ୟା।ଓଡିଶା ପୋଲିସ ହାଉସିଂ ବୋର୍ଡ ବିଭାଗ ପକ୍ଷରୁ ଆର ବି ଏସ ଠିକାସଂସ୍ଥା ପକ୍ଷରୁ ଏଗ୍ରୀମେଣ୍ଟ ନମ୍ବର ୩୯/୨୦୨୪/୨୫ ଅଟକଳ ଅନୁଦାନ ୬ କୋଟି ୬୯ ଲକ୍ଷ ୮୦ ହଜାର ୯୨୩ ରେ କାର୍ଯ୍ୟାଦେଶ ରହିଥିବା ବେଳେ ୧୨ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ବିଭାଗୀୟ ସୂଚନା ଫଳକ ରହିଛି। ତେବେ ବସଷ୍ଟାଣ୍ଡ ନିର୍ମାଣ ନେଇ ପୂର୍ବରୁ ଜମି ଜବରଦଖଲ ସମସ୍ୟା ନେଇ ଅନେକ ବାଦ ବିବାଦ ପରେ ବ୍ଲକ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ଓ ଜବରଦଖଲ ଉଚ୍ଛେଦ ପରେ ଗତ ଜୁନ ମାସ ରୁ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୁଣି ସେହି ସ୍ଥାନରେ ରହିଥିବା କିଛି ପରିବାର ଲୋକେ ବସଷ୍ଟାଣ୍ଡ ରୁ ମୁଖ୍ୟ ରାସ୍ତା କୁ ଯାତାୟାତ ପାଇଁ ରାସ୍ତା ପାଇଁ ଦାବି କରି କାର୍ଯ୍ୟ ରେ ଦଖଲ କରିବା ସହ ନିର୍ମାଣ କାର୍ଯ୍ୟ ରେ ଅସହଯୋଗ କରୁଥିବା କାରଣରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ କାର୍ଯ୍ୟକାରୀ ବିଭାଗ ର ଅଧିକାରୀ ମାନେ ସୂଚନା ଦେଇଛନ୍ତି ଓ ଏ ସମ୍ପର୍କରେ ଜିଲ୍ଲାପାଳ ଙ୍କୁ ପୂର୍ବରୁ ଅଭିଯୋଗ କରାଯାଇଛି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ହସ୍ତକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ପରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି। ଏନେଇ କୋକସରା ତହସିଲଦାର ଙ୍କୁ ପଚାରିବାରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୀମା ନିର୍ଦ୍ଧାରଣ କରି ଆଞ୍ଚଳିକ ପରିବହନ ବିଭାଗ କୁ ହସ୍ତାନ୍ତର କରାଯାଇଛି।ପରବର୍ତ୍ତୀ ପଦକ୍ଷେପ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ନିଆଯିବ ବୋଲି କହିଛନ୍ତି।ସୋମବାର ପୁଣିଥରେ ବସଷ୍ଟାଣ୍ଡ ସୀମା ନିର୍ଦ୍ଧାରଣ ସମୟରେ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ପୋଲିସ ହାଉସିଂ ବୋର୍ଡ ର ଡିଏମ ମିତାଲି ରାଉତରାୟ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସମେତ, କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ର ଡି ଏମ ସ୍ୱଦେଶ କୁମାର ପାତ୍ର ସମେତ, କୋକସରା ରାଜସ୍ୱ କର୍ମଚାରୀ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍କୁଲରେ ରକ୍ତଦାନ ଶିବିର

**ଯାଜପୁର ରୋଡ଼,୧୮।୮(ସଂଚାର ବ୍ୟୁରୋ):** ବ୍ୟାସନଗର କୁସୁନପୁର ସ୍ଥିତ ଦେବ ଇଂଟରନେସନାଲ ସ୍କୁଲ ଓ଼ ସମ୍ବାଦ, ଆମ ଓଡିଶାର ମିଳିତ ସହଯୋଗରେ ଆଜି ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ସ୍କୁଲର ପ୍ରଶାସନିକ ଅଧିକାରୀ ଶ୍ରୀ ନିର୍ମଳ କୁମାର ରଣା ଓ଼ ଆମ ଓଡିଶା ସଂଯୋଜକ ଶ୍ରୀ ବିଜୟ କୁମାର ସାହୁ’ଙ୍କ ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଅତିଥି ଭାବେ ସ୍କୁଲର ଏମ.ଡି ଶ୍ରୀ ବୁଦ୍ଧଦେବ ରାଉତ, ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି ଓ଼ ଯାଜପୁର ରୋଡ ଆଂଚଳିକ ଖଣି ବିଭାଗର ଡେପୁଟି ଜେନେରାଲ ମ୍ୟାନେଜର ଦେବାଶିଷ ସାମଲ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଏହି ଶିବିରର ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।ଏହି ଶିବିରରେ ପାଖାପାଖି ପଚାଶ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏହି ରକ୍ତଦାନ ଶିବିରରେ ଭାଇସ ପ୍ରିନସିପାଲ ଆର.ଏନ. ରୟତ ସିଂ, ଏକାଡେ଼ମିକ କୋଡ଼ିନେଟର ସୋନିଆ ଦେବି, ବଲବୀର ସିଂ, ଦୀପକ ରଞ୍ଜନ ପାଣିଗ୍ରାହୀ’ଙ୍କ ସମେତ ସମସ୍ତ ଶିକ୍ଷକ ଓ଼ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।